• Vol.- 46, Issue No. 164
• Saturday, 13 September 2025
• ଶନିବାର, ୧୩ ସେପ୍ଟେମ୍ବର ୨୦୨୫
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ନେପାଳରେ 'ସୁଶୀଳା' ଶାସନ ଆରମ୍ଭ



କାଠମାଣ୍ଡୁ, ୧୨।୯: ନେପାଳ ସଂସଦ ଭଙ୍ଗ ହୋଇଛି। ପୂର୍ବତନ ମୁଖ୍ୟ ବିଚାରପତି ସୁଶୀଳା କାର୍କି ଶୁକ୍ରବାର ରାତିରେ ଏହି ରାଷ୍ଟ୍ରର ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି। ସରକାରଙ୍କ ଦୁର୍ନୀତି ପ୍ରତିବାଦରେ ନିକଟରେ ଜେନ ଜେଡ' ଆନ୍ଦୋଳନ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କୁ ଇସ୍ତଫା ଦେବାକୁ ନିକଟରେ ବାଧ କରିଥିଲା। ନେପାଳର ନେତୃତ୍ୱ ଲାଗି ରାଷ୍ଟ୍ରପତି ରାମଚନ୍ଦ୍ର ପାଉଡେଲଙ୍କ କାର୍ଯ୍ୟାଳୟ କାର୍କିଙ୍କ ନିଯୁକ୍ତି ଘୋଷଣା କରିଥିଲା। 'ଜେନ ଜେଡ୍' ଆନ୍ଦୋଳନ ଦ୍ୱାରା ହୋଇଥିବା ଦୁର୍ନୀତି ପ୍ରତିବାଦରେ ଚଳିତ ସପ୍ତାହରେ ୫୧ ଜଣଙ୍କର ମୃତ୍ୟୁ ହୋଇଛି। ୧୩୦୦ରୁ ଅଧିକ ଆହତ ହୋଇଛନ୍ତି।ସୋସିଆଲ ମିଡିଆ ପ୍ରତିବନ୍ଧକ ଦ୍ୱାରା ପ୍ରତିବାଦ ଆରମ୍ଭ ହୋଇଥିଲା ଯାହାକୁ ପ୍ରତ୍ୟାହାର କରାଯାଇଛି। ମଙ୍ଗଳବାର ଓଲି ଇସ୍ତଫା ଦେବା ପରେ ହିଂସା କମିଛି। ସୁଶୀଳା କାର୍କି ନେପାଳର ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ନେବାରେ ପ୍ରଥମ ମହିଳା ବୋଲି ଜଣାପଡ଼ିଛି।

### ନଡ୍ଡାଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ

# ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ଗୁରୁତ୍ୱ

ନୂଆଦିଲ୍ଲୀ, ୧୨।୯: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ନୂଆଦିଲ୍ଲୀରେ ବିଜେପି ରାଷ୍ଟ୍ରୀୟ ସଭାପତି ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡାଙ୍କୁ ଭେଟି ରାଜ୍ୟର ସ୍ୱାସ୍ଥ୍ୟସେବାର ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଛନ୍ତି। ବୈଠକରେ ଓଡ଼ିଶା

**ଭବିଷ୍ୟତ ରୂପରେଖ ସମ୍ପର୍କରେ ଆଲୋଚନା**

ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମଧ୍ୟ ଯୋଗ ଦେଇଥିଲେ। ସାର୍ବଜନୀନ ସ୍ୱାସ୍ଥ୍ୟ ସଂସ୍କାର ଦିଗରେ ରାଜ୍ୟ ଏବଂ କେନ୍ଦ୍ର ପ୍ରୟାସକୁ ସମନ୍ୱିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା ଏହି ବୈଠକ। ବୈଠକ ସମୟରେ, ନେତାମାନେ ସମଗ୍ର ଓଡ଼ିଶାରେ ଜନ-କୈନ୍ଦ୍ରିକ ପଦକ୍ଷେପ, ସ୍ୱାସ୍ଥ୍ୟସେବା ସେବା ବୃଦ୍ଧି ଏବଂ ଭିତ୍ତିଭୂମି ବିକାଶ ସମେତ ବିଭିନ୍ନ ବିଷୟ ଉପରେ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଆଲୋଚନା କରିଥିଲେ। ଆଲୋଚନାରେ



ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଉଭୟ ଆବଶ୍ୟକତାକୁ ପୂରଣ କରୁଥିବା ଏକ ଦୃଢ଼ ଏବଂ ଅନ୍ତର୍ଭୁକ୍ତି ସ୍ୱାସ୍ଥ୍ୟସେବା ରୋଡମ୍ୟାପ୍ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମାଝୀ ବିଶେଷକରି ଆଦିବାସୀ ଏବଂ ଦୁର୍ଗମ ଅଞ୍ଚଳରେ ଗୁଣାତ୍ମକ ଚିକିତ୍ସା ସେବାର ଉପଲବ୍ଧତାକୁ ଉନ୍ନତ କରିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ଜେପି ନଡ୍ଡା ଉନ୍ନତ ଚିକିତ୍ସା ସୁବିଧା, ତାଲିମ କାର୍ଯ୍ୟକ୍ରମ ଏବଂ ଡିଜିଟାଲ୍ ସ୍ୱାସ୍ଥ୍ୟ ପଦକ୍ଷେପଗୁଡ଼ିକୁ ସହଜ କରିବାରେ କେନ୍ଦ୍ର ପକ୍ଷରୁ ପୂର୍ଣ୍ଣ ସମର୍ଥନ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ରୂପାନ୍ତରଣ ଏଜେଣ୍ଡାକୁ ତ୍ୱରାନ୍ୱିତ କରିବା ଏବଂ ରାଜ୍ୟ ଏବଂ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ମଧ୍ୟରେ ଦୃଢ଼ ସହଯୋଗକୁ ବୃଦ୍ଧି କରିବା ପାଇଁ ଏକ ରଣନୈତିକ ପଦକ୍ଷେପ ଭାବରେ ଏହି ବୈଠକକୁ ବିବେଚନା କରାଯାଇଛି।

## ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର

ଭୁବନେଶ୍ୱର, ୧୨।୯: ପଶ୍ଚିମ କେନ୍ଦ୍ରୀୟ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗର, ଉତ୍ତର ଆନ୍ଧ୍ର ପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ଉପକୂଳ ନିକଟବର୍ତ୍ତୀ ଅଞ୍ଚଳରେ ଶୁକ୍ରବାର ସକାଳ ୮ଟା ୩୦ ମିନିଟ୍‌ରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହା ସହିତ ଜଡ଼ିତ ଘୂର୍ଣ୍ଣିବଳୟ ସମୁଦ୍ର ପତନ ଠାରୁ ୫.୮ କି.ମି. ପର୍ଯ୍ୟନ୍ତ ବିସ୍ତାରିତ ଏବଂ ଉଚ୍ଚତା ସହିତ ଦକ୍ଷିଣ ଦିଗକୁ ଢଳି ରହିଛି । ଆଗାମୀ ୨ ଦିନ ମଧ୍ୟରେ ଏହା ଦକ୍ଷିଣ ଓଡ଼ିଶା, ସଂଲଗ୍ନ ଉତ୍ତର ଆନ୍ଧ୍ର ପ୍ରଦେଶ ଏବଂ ଦକ୍ଷିଣ ଛତିଶଗଡ଼ ଦେଇ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି ।

### ଗୁଣି ଗାରେଡ଼ି ସନ୍ଦେହରେ ହତ୍ୟା

## ଶୋଇଥିବା ବେଳେ ଗଳା କାଟି ଦେଲେ

ମାଲକାନଗିରି, ୧୨।୯(ନିପ୍ର): ଲୋକେ ଯେତେ ଆଧୁନିକ ହେଲେ ବି ଦୂର ହେଉନାହିଁ ଅନ୍ଧ ବିଶ୍ୱାସ । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏହାର ପ୍ରଭାବ ଅଧିକ ଲକ୍ଷ୍ୟ କରାଯାଉଛି। ଗୁଣିଗାରେଡ଼ି ସନ୍ଦେହ କରି କେଉଁଠି ଲୋକଙ୍କୁ ମାରି ଦେଉଛନ୍ତି, ପୁଣି କାହାକୁ ବାସନ୍ଦ କରାଯାଉଛି । ପ୍ରତିଦିନ କେଉଁଠି ନା କେଉଁଠି ଏଭଳି ଏକ ଘଟଣା ସାଧାରଣ ହୋଇଗଲାଣି ବୋଲି କୁହାଯାଉଛି। ମାଥିଲି ଥାନା ଅନ୍ତର୍ଗତ କୁରମପାଲୀ ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ କେହି ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ଶୋଇଥିବା ବେଳେ ହତ୍ୟା କରିଛି। ତେବେ ଏହାକୁ ଗୁଣିଗାରେଡ଼ି ବୋଲି ସନ୍ଦେହ କରାଯାଉଛି। ଖବର ପାଇ ମାଥିଲି ପୁଲିସ ତଦନ୍ତ ଆରମ୍ଭ କରିଛି। ଘଟଣା ଅନୁଯାୟୀ କୁରମପାଲୀ ଗ୍ରାମର ନିରଞ୍ଜନ ଠାକୁର ଘର ବାହାରେ ଶୋଇଥିବା ବେଳେ ଘର ଭିତରେ ଝିଅ-ଜ୍ୱାଇଁ ଶୋଇଥିଲେ।ପ୍ରକାଶ ଥାଉକି ନିରଞ୍ଜନ ଦିଶାରୀ କାମ କରନ୍ତି। ତେଣୁ ହୁଏତ ସେ କାହାକୁ ଗୁଣିଆ ମନେକରି ଏଭଳି ବୀଭତ୍ସ ହତ୍ୟାକାଣ୍ଡ ଭିଆଇ ଦିଆଯାଇଥାଇପାରେ ବୋଲି ସ୍ଥାନୀୟ ଲୋକେ ଅନୁମାନ କରୁଛନ୍ତି।

## ଏନ୍‌କାଉଣ୍ଟର: ୨ ନକ୍ସଲ ଟଳିଲେ

ବିଜାପୁର, ୧୨।୯: ଛତିଶଗଡ଼ର ବିଜାପୁର ଜିଲ୍ଲାର ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ ଶୁକ୍ରବାର ସକାଳେ ସୁରକ୍ଷାବଳ ଓ ନକ୍ସଲମାନଙ୍କ ମଧ୍ୟରେ ଘଟିଥିବା ଗୁଳିକାଣ୍ଡରେ ୨ ନକ୍ସଲ ନିହତ ହୋଇଛନ୍ତି।



ଘଟଣାସ୍ଥଳରୁ ଦୁଇ ଜଣ ବର୍ଦ୍ଦିଧାରୀ ନକ୍ସଲଙ୍କ ମୃତଦେହ ସହ ଏକ ୩୦୩ ରାଇଫଲ୍, ବିସ୍ଫୋଟକ ସାମଗ୍ରୀ ଓ ଅନ୍ୟାନ୍ୟ ଦୈନିକ ଉପଯୋଗର ବସ୍ତୁ ଉଦ୍ଧାର କରାଯାଇଛି। ବସ୍ତର ଆଇ.ଜି. ସୁନ୍ଦରରାଜ ପି. ଏହାର ସୂଚନା ଦେଇ କହିଛନ୍ତି ଯେ, ଅଞ୍ଚଳରେ ନକ୍ସଲମାନଙ୍କ ଉପସ୍ଥିତି ବିଷୟରେ ସୂଚନା ମିଳିବା ପରେ ସୁରକ୍ଷାବଳ ତଲାସୀ ଅଭିଯାନ ଆରମ୍ଭ କରିଥିଲେ। ଅଭିଯାନ ସମୟରେ ସକାଳେ ଗୁଳିକାଣ୍ଡ ଆରମ୍ଭ ହୋଇଥିଲା। ଦୁଇପକ୍ଷ ମଧ୍ୟରେ ପ୍ରାୟ ଦୁଇ ଘଣ୍ଟା ଧରି ହୋଇଥିବା ଗୁଳିକାଣ୍ଡ ପରେ, ଏପର୍ଯ୍ୟନ୍ତ ଘଟଣାସ୍ଥଳରୁ ୨ ଜଣ ନକ୍ସଲଙ୍କ ମୃତଦେହ ଉଦ୍ଧାର କରାଯାଇଛି।

# ମୋଦିଙ୍କ ମଣିପୁର ଗସ୍ତ ଆଜି

### • ହିଂସା ପୀଡ଼ିତ ପରିବାରଙ୍କୁ ଭେଟିବେ • ୭,୩୦୦ କୋଟି ଟଙ୍କାର ପ୍ରକଳ୍ପର ପଡ଼ିବ ଭିତ୍ତି

ଇମ୍ଫାଲ, ୧୨।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଣିପୁର ଗସ୍ତ ସେପ୍ଟେମ୍ବର ୧୩ ରେ ନିର୍ଦ୍ଧାରିତ ହୋଇଛି। ଏହା ତାଙ୍କର ଉକ୍ତ ରାଜ୍ୟକୁ ପ୍ରଥମ ଗସ୍ତ ହେବ । ପ୍ରାୟ ଅଢ଼େଇ ବର୍ଷ ପୂର୍ବରୁ ଏଠାରେ ମୈତେଇ ଓ କୁକି ସମ୍ପ୍ରଦାୟ ମଧ୍ୟରେ ଜାତିଗତ ହିଂସା ଉପୁଜିଥିଲା । କାର୍ଯ୍ୟକ୍ରମ ଅନୁଯାୟୀ, ପ୍ରଧାନମନ୍ତ୍ରୀ ପ୍ରଥମେ ଚୁରାଚାନ୍ଦପୁର (ସିସିପୁର) ଯିବେ। ସେଠାରେ ସେ ବିକାଶମୂଳକ ଯୋଜନାର ଭିତ୍ତି ପ୍ରସ୍ତର ରଖିବେ ଓ ହିଂସା ପ୍ରଭାବିତ ପରିବାରମାନଙ୍କ ସହିତ ସାକ୍ଷାତ କରିବେ। ପରେ ସେ ଇମ୍ଫାଲ ଯିବେ ଓ ଐତିହାସିକ କାଙ୍ଗଲା କିଲ୍ଲାରେ



ଜନସଭାକୁ ସମ୍ବୋଧନ କରିବେ। ଅନେକ ଯୋଜନାର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ। ମଣିପୁରର ମୁଖ୍ୟ ସଚିବ ପୁନିତ କୁମାର ଗୋଏଲ୍ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶନିବାର ଦ୍ୱିପ୍ରହର ୨.୩୦ ଟା ଭିତରେ କାଙ୍ଗଲା ପହଞ୍ଚିବେ। ତା'ପୂର୍ବରୁ ସେ ଘାଟି ଅଞ୍ଚଳର ବିସ୍ଥାପିତ ପରିବାରମାନଙ୍କ ସହିତ ଆଲୋଚନା କରିବେ। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ପ୍ରାୟ ୭,୩୦୦ କୋଟି ଟଙ୍କାର ପ୍ରକଳ୍ପଗୁଡ଼ିକର ଆଧାରଶିଳା ରଖିବେ ଓ ୧,୨୦୦ କୋଟି ଟଙ୍କାର ଯୋଜନାମାନଙ୍କ ଉଦ୍‌ଘାଟନ କରିବେ। ଏହି ପଦକ୍ଷେପଗୁଡ଼ିକ ପ୍ରଧାନମନ୍ତ୍ରୀଙ୍କ ମଣିପୁରର ବିକାଶ ଓ କଲ୍ୟାଣ ପ୍ରତି ଅତୁଟ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି।

## ପୁଣି ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡ଼ାଣ



ପୁରୀ, ୧୨।୯: ନିଷିଦ୍ଧ ଉଡ଼ାଣ ଅଞ୍ଚଳ ଭାବରେ ଘୋଷିତ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ଉପରେ ଗୁରୁବାର ରାତିରେ ଏକ ଡ୍ରୋନ୍ ୧୫ ମିନିଟ୍ କାଳ ଉଡ଼ାଇଥିଲେ ଦୁର୍ବୃତ୍ତ । ନୀଳଚକ୍ର ଠାରୁ ସିଂହଦ୍ୱାର ଏବଂ ସିଂହଦ୍ୱାର ଠାରୁ ଉତ୍ତରଦ୍ୱାର ଭଳି ସମ୍ବେଦନଶୀଳ ସ୍ଥାନର ଆକାଶମାର୍ଗରୁ ଚିତ୍ର ଉଠାଇଥିଲେ ବୋଲି କୁହାଯାଉଛି । ପୁଣି ଶୁକ୍ରବାର ସକାଳୁ ୧୦ ମିନିଟ୍ ଧରି ନୀଳଚକ୍ର ନିକଟରେ ଚକ୍କର କାଟିଥିଲା ଆଉ ଏକ ବେଆଇନ ଡ୍ରୋନ୍ । ଶ୍ରୀମନ୍ଦିର ଉପରେ ବେଆଇନ ଡ୍ରୋନ୍ ଉଡ଼ାଇବା ନୂଆ ନୁହେଁ। ପୂର୍ବରୁ, ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଜାନୁଆରି ୫ରେ ୩୦ ମିନିଟ୍ ଧରି ଉଡ଼ିଥିଲା । ଜାନୁଆରି ୨୯ରେ ଓ ୧୬ ମାର୍ଚ୍ଚ ୨୦୨୫ ରେ ସମାନ ଘଟଣା ଘଟିଥିଲା । ଏଭଳି ଏକାଧିକ ଘଟଣା ଶ୍ରୀମନ୍ଦିର ସୁରକ୍ଷା ନେଇ ଚାଲେଞ୍ଜ ସୃଷ୍ଟି କରିଛି ବୋଲି ଶ୍ରଦ୍ଧାଳୁ ମହଲରେ କୁହାଯାଉଛି।

## ଆଇଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୧୨।୯(ନିପ୍ର): ଆଇଏଏସ୍ ସ୍ତରରେ ଅଦଳବଦଳ କରିଛନ୍ତି ରାଜ୍ୟ ସରକାର। ଓମଫେଡ୍‌ର ଏମଡି ଥିବା ବିଜୟ ଅମୃତ କୁଲାଙ୍ଗେଙ୍କୁ ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ସେବା ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି। ସେହିପରି ଆୟୁଷ ବିଭାଗର ନିର୍ଦ୍ଦେଶକ ଥିବା ପ୍ରେମଜିତ୍ ନାୟକଙ୍କୁ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଯୋଗାଣ ବିଭାଗର ଅତିରିକ୍ତ ସଚିବ ଅଞ୍ଜନା ପଣ୍ଡାଙ୍କୁ ଆୟୁଷ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଥିବା ବେଳେ ଅବକାରୀ କମିଶନର ପି. ଅନ୍ୱେଷା ରେଡ୍ଡୀଙ୍କୁ ଆଇଜିଆର କଟକର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ବାଲିଯାତ୍ରା ନାଁ ଏଣିକି 'ଐତିହାସିକ ବାଲିଯାତ୍ରା କଟକ'



କଟକ, ୧୨।୯: ବଦଳିଗଲା ହଜାର ବର୍ଷର ଐତିହାସିକ ସହର କଟକର ଭିନ୍ନ ପରିଚୟ ବାଲିଯାତ୍ରାର ନାମ । ନଭେମ୍ବର ୫ରୁ ଆରମ୍ଭ ହେବାକୁ ଥିବା ଏହି ବାଲିଯାତ୍ରାର ନାଁକୁ ଚଳିତ ବର୍ଷ ବଦଳାଇ ଦିଆଯାଇଛି। ଏଥର କଟକ ବାଲିଯାତ୍ରା ନାଁ ହେବ 'ଐତିହାସିକ ବାଲିଯାତ୍ରା କଟକ'। ଜିଲାପାଳଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବାଲିଯାତ୍ରା ନାଁ ପରିବର୍ତ୍ତନକୁ ନେଇ ଜିଲାପାଳ ସୂଚନା ଦେଇଛନ୍ତି। ନଭେମ୍ବର ୧୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଚଳିତ ବର୍ଷର ବାଲିଯାତ୍ରାରେ ଆଉ କିଛି ପରିବର୍ତ୍ତନ ବି କରାଯାଇଛି। ବାଲିଯାତ୍ରାରେ ଏଥର ଉପର ନୁହେଁ, କେବଳ ତଳ ପଡ଼ିଆରେ ଷ୍ଟଲ ଲାଗିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏଥର ସାଂସ୍କୃତିକ କାର୍ଯ୍ୟକ୍ରମ ରାତି ୧୧ଟା ପର୍ଯ୍ୟନ୍ତ ଚାଲିବ। ସୂଚନାଯୋଗ୍ୟ, ପୂର୍ବରୁ ସାଂସ୍କୃତିକ କାର୍ଯ୍ୟକ୍ରମ ରାତି ୧୦ଟା ପର୍ଯ୍ୟନ୍ତ ଚାଲୁଥିଲା।

### ଓଡ଼ିଶା ଅବକାରୀ ବିଭାଗର ବଡ଼ ଅଭିଯାନ

## ୨.୬୩ କୋଟିର ବେଆଇନ ସାମଗ୍ରୀ ଜବତ

ଭୁବନେଶ୍ୱର, ୧୨।୯: ଅବକାରୀ ବିଭାଗର ବଡ଼ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଏନ୍‌ଫୋର୍ସମେଣ୍ଟ ସ୍ପେଶାଲ୍ ଡ୍ରାଇଭ୍‌ର ୧୧ତମ ଦିନରେ ଏକ ବଡ଼ ସଫଳତା ହାସଲ ହୋଇଛି । ମୋଟ ୨.୬୩ କୋଟି ଟଙ୍କାର ବେଆଇନ ସାମଗ୍ରୀ ଜବତ ହୋଇଛି। ଅଭିଯାନରେ ୨୬୩ଟି ମାମଲା ରୁଜୁ ହେବା ସହ ୧୫୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ୧୩,୮୨୭ ବିଏଲ ବେଆଇନ ମଦ, ୪୨୯ ବିଏଲ ଡ୍ୟୁଟି ପେଡ୍ ଲିକର ଜବତ ହୋଇଛି। ମଦ ପାଇଁ ବ୍ୟବହୃତ ୧.୪୧ ଲକ୍ଷ ଲିଟର୍ ପୋଚ ନଷ୍ଟ କରାଯାଇଛି, ୯୦୦ କି.ଗ୍ରାମ୍ ମହୁଲି ଫୁଲ ଜବତ ହେବା ସହିତ ୩୩ଟି ଗାଡ଼ି ଜବତ ହୋଇଛି। ମୋଟ ୨୩ଟି ଏନଡିପିଏସ ମାମଲା ରୁଜୁ ହୋଇଛି। ଏଥିରେ ୩୨୪ କେଜି ଗଞ୍ଜେଇ, ୬୪୭ ଗ୍ରାମ୍ ହେରୋଇନ୍ ଜବତ ହୋଇଛି।

# ବିଜେଡିରେ ଚାଲିଛି ଇସ୍ତଫାର ସୁଅ

### ■ ଇସ୍ତଫା ଦେବା ପରେ ସସପେଣ୍ଡ କରାଯାଇଛି: ପ୍ରଫୁଲ୍ଲ
### ■ ରାୟଗଡ଼ା ପୌର ଉପାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ଭୁବନେଶ୍ୱର, ୧୨।୯: ଗତ କିଛିଦିନ ହେବ ଲକ୍ଷ୍ୟ କରାଯାଉଛି ବିଜେଡିରେ ଇସ୍ତଫାର ସୁଅ ଛୁଟି ଚାଲିଛି। ରାୟଗଡ଼ାରେ ଭାସ୍କର ଓ ଲାଲ ବିହାରୀ ହିମରିକାଙ୍କ ପରେ ବରିଷ୍ଠ ନେତା ପ୍ରଫୁଲ୍ଲ ମଲ୍ଲିକ ବିଜେଡିକୁ ବିଦାୟ ଜଣାଇଛନ୍ତି । ବିଜେଡିରୁ ନିଲମ୍ବିତ ହୋଇଛନ୍ତି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ । ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ପ୍ରଫୁଲ୍ଲଙ୍କୁ ସସ୍‌ପେଣ୍ଡ କରିଛି ବିଜେଡି । ଏନେଇ ବିଜୁ ଜନତା ଦଳ ପକ୍ଷରୁ ପ୍ରେସରିଲିଜ୍ ଜାରି ହୋଇଛି। ଅପରପକ୍ଷେ ପ୍ରଫୁଲ୍ଲ କହିଛନ୍ତି, ମୁଁ ସକାଳୁ ବିଜେଡିରୁ ଇସ୍ତଫା ଦେଇସାରିଛି । ଏନେଇ ଦଳର ନେତାମାନଙ୍କୁ ଅବଗତ କରିଛି । ଇସ୍ତଫା ଦେବାପରେ ଦଳ ନିଲମ୍ବନ କରିଛି । ଗତକାଲି ଦଳକୁ ବଡ ଚେତାବନୀ ଶୁଣାଇ ପ୍ରଫୁଲ୍ଲ କହିଥିଲେ,ଦଳ ଠିକ ଢଙ୍ଗରେ ନ ଚାଲେ ଦଳଠୁ



ଦୂରେଇ ଯିବି। ବିଜେଡି ସଠିକ ଭାବେ ବିରୋଧୀ ଦଳର ଭୂମିକା ନିର୍ବାହ କରୁନାହିଁ। ପୁରୁଣା ବିଜେଡ଼ିକୁ ସଠିକ ଭାବେ ଚଳାଇବାକୁ ପଡିବ। ବିଜେଡିରୁ ନିଲମ୍ବନ ପରେ ପ୍ରଫୁଲ୍ଲ ମଲ୍ଲିକ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ମୁଁ ଇସ୍ତଫା ଦେବା ପରେ ମୋତେ ସସପେଣ୍ଡ କରାଯାଇଛି । ଦଳକୁ ସୁରକ୍ଷିତ ଭାବେ ରଖିବା ପାଇଁ ଆକ୍ସନ୍ ନେଇଥାଇପାରନ୍ତି । ବିଜେଡିର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ରଙ୍କୁ ଜଣାଇଥିଲି । ବିଜେଡିର କୌଣସି ସାଂଗଠନିକ କାର୍ଯ୍ୟରେ ମୁଁ ଯୋଗ ଦେଉନଥିଲି । ଆଗକୁ ଚାଷୀ ଓ ଶ୍ରମିକଙ୍କ ପାଇଁ ସ୍ୱେଚ୍ଛାସେବୀ ଭାବେ କାମ କରିବି । ଏବେ କେଉଁ ଦଳକୁ ଯିବା ପାଇଁ ମନ ସ୍ଥିର କରିନାହିଁ ବୋଲି ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି । ଇତିମଧ୍ୟରେ ରାୟଗଡ଼ା ପୌର ପରିଷଦ ଉପାଧ୍ୟକ୍ଷାଙ୍କ ବିରୋଧରେ ଆସିଛି ଅନାସ୍ଥା ପ୍ରସ୍ତାବ। ଏହି ଅନାସ୍ଥା ପ୍ରସ୍ତାବ ପୌର ଅଧ୍ୟକ୍ଷଙ୍କ ସମେତ ୧୯ ଜଣ କାଉନସିଲର ଆଣିଛନ୍ତି। ପୂର୍ବତନ ସାଂସଦ ଏନ୍ ଭାସ୍କର ରାଓ ବିଜେଡି ଛାଡିବା ପରେ ତାଙ୍କର ସମର୍ଥକମାନେ ଏହି ଅନାସ୍ଥା ଆଣିଥିବା ଚର୍ଚ୍ଚା ହେଉଛି।

## ବଜ୍ରପାତ ନେଲା ୩ ଜୀବନ



ରାୟଗଡ଼ା :୧୨।୯: କପା ଚାଷ ପାଇଁ କାମକରୁଥିବା ସମୟରେ ବଜ୍ରପାତ ଘଟି ୩ ଜଣଙ୍କର ମୃତ୍ୟୁ ଘଟିଛି ଓ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ରାୟଗଡ଼ା ବ୍ଲକ ବିଷ୍ଣୁଗୁଡ଼ା ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି। ସୂଚନା ଅନୁସାରେ ବିଷ୍ଣୁଗୁଡା ଗ୍ରାମର ସମ୍ବାରୀ ପିଡ଼ିକା (୪୫)ଙ୍କ ସମେତ ଅନ୍ୟମାନେ କପା ଚାଷ ପାଇଁ କ୍ଷେତରେ କାମ କରୁଥିଲେ। ଏହି ସମୟରେ ବଜ୍ରପାତ ହୋଇଥିଲା। ବଜ୍ରପାତରେ ଆହତ ୪ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଲା । ତେବେ ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ସମ୍ବାରୀ ପିଡ଼ିକାଙ୍କ ବଡ଼ ଭଉଣୀ ପାଣ୍ଡେ ପିଡ଼ିକା ଗୁରୁତର ହୋଇଛନ୍ତି ଓ ତାଙ୍କର ଚିକିତ୍ସା ଜାରି ରହିଛି।

# ଗୃହ ପ୍ରବେଶ ସମୟରେ କାହିଁକି ଫୁଟାଯାଏ କ୍ଷୀର





ନୂଆ ଘର ନିର୍ମାଣ ପରେ ଗୃହ ପ୍ରବେଶ ବିଧି ରହିଛି। ଗୃହ ପ୍ରବେଶ ପୂଜା ଘରର ପବିତ୍ରତା ଏବଂ ଶୁଦ୍ଧତା ପାଇଁ କରାଯାଏ। ଏହି ସମୟରେ ପୁରୋହିତଙ୍କ ଦ୍ୱାରା ପୂଜା-ରୀତି କରାଯାଏ ଏବଂ କିଛି ପରମ୍ପରା ମଧ୍ୟ କରାଯାଏ। ଗୃହ ପ୍ରବେଶର ଅନେକ ପରମ୍ପରା ମଧ୍ୟରୁ ଗୋଟିଏ ହେଉଛି 'କ୍ଷୀର ଫୁଟାଇବା'। ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ବିଧି ଭାବରେ ବିବେଚନା କରାଯାଏ। ଏହି ବିଧିରେ, ନୂତନ ରୋଷେଇ ଘରେ କ୍ଷୀର ଫୁଟାଯାଏ। ଫୁଟୁଥିବା କ୍ଷୀର ଚୁଲିରେ ପଡ଼ିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସାଧାରଣତଃ କ୍ଷୀର ଫୁଟି ବାରମ୍ବାର ତଳେ ପଡ଼ିବା ଭଲ ବୋଲି ବିବେଚନା କରାଯାଏ ନାହିଁ। କିନ୍ତୁ ଗୃହ ପ୍ରବେଶ ସମୟରେ ଏହି ବିଧି କରିବାର ପରମ୍ପରା ବର୍ଷ ବର୍ଷ ଧରି ଚାଲି ଆସୁଛି। ହିନ୍ଦୁଧର୍ମରେ କ୍ଷୀରକୁ ସମୃଦ୍ଧି ଏବଂ ପବିତ୍ରତାର ପ୍ରତୀକ ଭାବରେ ବିବେଚନା କରାଯାଏ। ଯେତେବେଳେ କେହି ନୂତନ ଘରେ ପ୍ରବେଶ କରନ୍ତି, ସେତେବେଳେ ନୂତନ ଚୁଲିରେ କ୍ଷୀର ଫୁଟାଯାଏ ଏବଂ ଏହା ସୁନିଶ୍ଚିତ କରାଯାଏ ଯେ, କ୍ଷୀର ଉତୁରି ଯାଏ ଏବଂ ଫୁଟିବା ପରେ ତଳେ ପଡ଼ିଯାଏ । ତା'ପରେ ଚୁଲି ବନ୍ଦ କରାଯାଏ। ଯେତେବେଳେ କ୍ଷୀର ଉତୁରି ଚୁଲି ଉପରେ ପଡ଼ିଯାଏ, ଏହା ଘରର ସୁଖ ଏବଂ ସମୃଦ୍ଧିକୁ ବୃଦ୍ଧି କରେ ବୋଲି ବିଶ୍ୱାସ ରହିଛି। କ୍ଷୀର ଉତୁରି ପାତ୍ରରୁ ଯେମିତି ବାହାରକୁ ଆସେ, ସେହିପରି ଘରର ସୁଖ ଏବଂ ସମୃଦ୍ଧି ମଧ୍ୟ ଉଛୁଳି ବାହାରକୁ ଆସେ। ଆଉ ଏକ ବିଶ୍ୱାସ ହେଉଛି, ନୂଆ ଘର ନିର୍ମାଣ ସମୟରେ ନକାରାତ୍ମକ ଶକ୍ତି କିମ୍ବା ବାସ୍ତୁ ଦୋଷ ଦ୍ୱାରା ପ୍ରଭାବିତ ହେବାର ଭୟ ଥାଏ। କ୍ଷୀରରେ ପବିତ୍ରତା ଏବଂ ଶୁଦ୍ଧିର ଗୁଣ ଥାଏ। ତେଣୁ କ୍ଷୀରରୁ ବାହାରୁଥିବା ବାଷ୍ପ ନକାରାତ୍ମକ ଶକ୍ତିକୁ ଦୂର କରେ ଏବଂ ପରିବେଶକୁ ପବିତ୍ର କରେ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, କ୍ଷୀରକୁ ଚନ୍ଦ୍ରର କାରକ ଏବଂ ଚୁଲି (ଅଗ୍ନି)କୁ ମଙ୍ଗଳର କାରକ ବୋଲି ବିବେଚନା କରାଯାଏ। ଗୃହନିର୍ମାଣ ସମୟରେ ଚୁଲିରେ କ୍ଷୀର ପଡ଼ିବା ମଙ୍ଗଳ ଏବଂ ଚନ୍ଦ୍ରଙ୍କ ଏକ ଶୁଭ ମିଳନ ବୋଲି ବିଶ୍ୱାସ ରହିଛି।



ମା ମଙ୍ଗଳାଙ୍କ ପାର୍ବଣ ପୂଜା ପାଇଁ ପ୍ରସ୍ତୁତି

# ୧୪ରୁ ଷୋଡ଼ଶ ଉପଚାର

**ତୁଷାର ଦୀକ୍ଷିତ**

କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳାଙ୍କର ଶାରଦୀୟ ପାର୍ବଣ ପୂଜା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି । ପ୍ରଶାସନିକ ଅଧିକାରୀ, ସ୍ଥାନୀୟ ତହସିଲଦାର ତଥା ମନ୍ଦିର ଟ୍ରଷ୍ଟି ଅଙ୍କିତା ଅନିନ୍ଦିତାଙ୍କ ପୌରୋହିତ୍ୟରେ ଟ୍ରଷ୍ଟ ସଦସ୍ୟ କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁ, କାକଟପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତ, ମଙ୍ଗଳା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ, ମନ୍ଦିର ପୁରୋହିତ ସୁରେଶ ଚନ୍ଦ୍ର ତ୍ରିପାଠୀ, ସେବାୟତ ନିଯୋଗ ସଭାପତି ମନୋରଞ୍ଜନ ପଣ୍ଡା, ଉପଦେଷ୍ଟା କମିଟି ସଦସ୍ୟ କମଳ ଲୋଚନ ଦୀକ୍ଷିତ, ତୁଷାର ରଞ୍ଜନ ଦୀକ୍ଷିତ, ହିମାଂଶୁ ଭୂଷଣ ଦୀକ୍ଷିତ, ଷୋଡଶ ଉପଚାର ପୂଜାପଣ୍ଡା ପ୍ରକାଶ ଚନ୍ଦ୍ର ପଣ୍ଡା, ଷୋଳ ଦିନର ପାଳିଆ ସେବକ ପ୍ରମୁଖ ଯୋଗଦେଇ ଆସନ୍ତା ୧୪ ତାରିଖ ରବିବାର ମୂଳାଷ୍ଟମୀ ଦିନଠାରୁ ମାଙ୍କର ଷୋଡଦିନାତ୍ମକ ପୂଜନୀତି କିଭଳି ଭାବରେ ପାଳନ କରାଯିବ ସେଥିପ୍ରତି କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଛି । ମୂଳାଷ୍ଟମୀ ଦିନ ମା' ଙ୍କର ସହସ୍ର କୁମ୍ଭାଭିଷେକ ନୀତି ଆରମ୍ଭ ହେବା ସହିତ ୨୨ ତାରିଖଠାରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ମା'ଙ୍କର ନବଦିନାତ୍ମକ ପୂଜାନୀତି ପାଳନ କରାଯିବ । ୨୬ ତାରିଖ ପଞ୍ଚମୀ ଦିନ ତୀରକମାଣ ବେଶ, ଷଷ୍ଠୀ ଦିନ କାତିଖର୍ପର ବେଶ, ସପ୍ତମୀ ଦିନ ସିଂହବାହିନୀ ବେଶ, ଅଷ୍ଟମୀ ଦିନ ମହିଷାମର୍ଦ୍ଦିନୀ ବେଶ ଅନୁଷ୍ଠିତ ହେବା ସହିତ ନବମୀ ତିଥିରେ ଶାନ୍ତି ବେଶ ଅନୁଷ୍ଠିତ ହୋଇ ଦଶମୀ ଦିନ ହରଦୁର୍ଗା ଭେଟ ପୂର୍ବକ ଶାରଦୀୟ ପାର୍ବଣ ପୂଜାର ପରିସମାପ୍ତି ଘଟିବ । ଏହି ପାର୍ବଣ ପୂଜା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ମାତୃଭକ୍ତମାନେ ମା' ଙ୍କର ସାନ୍ନିଧ୍ୟ ଲାଭ କରିବା ପାଇଁ ଆସିବାକୁ ଥିବାବେଳେ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।



ମୂଳାଷ୍ଟମୀ ଦିନ ମା' ଙ୍କର ସହସ୍ର କୁମ୍ଭାଭିଷେକ ନୀତି ଆରମ୍ଭ ହେବା ସହିତ ୨୨ ତାରିଖଠାରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ମା'ଙ୍କର ନବଦିନାତ୍ମକ ପୂଜାନୀତି ପାଳନ କରାଯିବ ।

# ଜୀବନରେ ଉନ୍ନତି କରିବା ସୂତ୍ର



**ଭଗବାନ ବିଷ୍ଣୁ –** ଧାର୍ମିକ ଗ୍ରନ୍ଥ ଅନୁସାରେ ଭଗବାନ ବିଷ୍ଣୁ ଭକ୍ତମାନଙ୍କର ସମସ୍ତ କଷ୍ଟ ଦୂର କରି ସେମାନଙ୍କ ଜୀବନରେ ସୁଖ -ଶାନ୍ତି ପ୍ରଦାନ କରିଥାନ୍ତି। ଯେଉଁ ବ୍ୟକ୍ତି ଦିନର ଆରମ୍ଭ ଭଗବାନଙ୍କ ଭକ୍ତିରେ କରିଥାଏ, ତା'ର କାମରେ ସଫଳତା ମିଳିଥାଏ । ତେଣୁ ନିତ୍ୟ ଭଗବାନ ବିଷ୍ଣୁଙ୍କର ଉପାସନା କରିବା ଉଚିତ।

**ଏକାଦଶୀ ବ୍ରତ –** ସେହି ଗରୁଡ଼ ପୁରାଣରେ ଏକାଦଶୀ ବ୍ରତ ବିଷୟରେ ମଧ୍ୟ କୁହାଯାଇଛି । ସମସ୍ତ ବ୍ରତମାନଙ୍କ ମଧ୍ୟରୁ ଏକାଦଶୀ ବ୍ରତ ଶ୍ରେଷ୍ଠ ଅଟେ। ଯେଉଁ ବ୍ୟକ୍ତି ଏକାଦଶୀ ବ୍ରତ ପୂରା ନିଷ୍ଠାର ସହିତ ରଖିଥାଏ ତ । ଜୀବନରେ ଶୁଭ ଫଳ ପ୍ରାପ୍ତି ହୋଇଥାଏ।

**ଗଙ୍ଗା ନଦୀ –** ଗରୁଡ଼ ଗ୍ରନ୍ଥ ଅନୁସାରେ ଗଙ୍ଗା ଜଳ ସମସ୍ତ ପାପରୁ ମୁକ୍ତି ଦେଇଥାଏ । ଏଥିପାଇଁ ଯେକୌଣସି ଶୁଭ କାର୍ଯ୍ୟରେ ଗଙ୍ଗା ଜଳ ବ୍ୟବହାର କରାଯାଇଥାଏ। ଗଙ୍ଗା ଜଳରେ ଶୁଦ୍ଧିକରଣ କରାଯାଇଥାଏ । ଏଥିପାଇଁ ଗଙ୍ଗା ଜଳର ପୂଜା ଅବଶ୍ୟ କରନ୍ତୁ ।



**ତୁଳସୀ –** ତୁଳସୀ ଗଛର ସମ୍ବନ୍ଧ ମା' ଲକ୍ଷ୍ମୀଙ୍କ ସହିତ ଏବଂ ଭଗବାନ ବିଷ୍ଣୁଙ୍କର ତୁଳସୀ ପତ୍ର ବହୁତ ପ୍ରିୟ ଅଟେ। ଭଗବାନ ଶ୍ରୀହରିଙ୍କ କୃପା ପାଇବା ପାଇଁ ତୁଳସୀ ଗଛର ପୂଜା କରାଯାଇଥାଏ । ତୁଳସୀ ଗଛ ମୂଳରେ ନିୟମିତ ଦୀପ ଜଳାଇବା ଉଚିତ।

**ଜ୍ଞାନୀ ପୁରୁଷ –** ଧାର୍ମିକ ଶାସ୍ତ୍ର ଅନୁସାରେ ଜ୍ଞାନୀ ପୁରୁଷ ବା ପଣ୍ଡିତଙ୍କ ସମ୍ମାନ କରିବା ଦ୍ୱାରା ବ୍ୟକ୍ତିକୁ ସଫଳତା ମିଳିଥାଏ । ଶାସ୍ତ୍ରରେ ଜ୍ଞାନୀ ପୁରୁଷଙ୍କ ଅପମାନ ଅନୁଚିତ କୁହାଯାଇଥାଏ।

**ଗାଈ –** ହିନ୍ଦୁ ଧର୍ମରେ ଗାଈକୁ ପୂଜନୀୟ ସ୍ଥାନ ଦିଆଯାଇଛି । ଗରୁଡ଼ ପୁରାଣ ଅନୁସାରେ ଗାଈ ଠାରେ ସମସ୍ତ ଦେବୀ -ଦେବତାଙ୍କ ବାସ ହୋଇଥାଏ। ଗାଈଙ୍କୁ ଦେବ ତୁଲ୍ୟ ମାନିକରି ତାଙ୍କର ପୂଜା -ଅର୍ଚ୍ଚନା କରିବା ଦ୍ୱାରା ସମସ୍ତ ଅସୁବିଧାରୁ ମୁକ୍ତି ମିଳିଥାଏ।

# ଅତିବଡ଼ୀ ଜଗନ୍ନାଥ ଦାସ



କୁହାଯାଏ ଯେ, ଶ୍ରୀଚୈତନ୍ୟ ଯେତେବେଳେ ଗୌଡ଼ ଦେଶରୁ ପୁରୀ ଆସିଥିଲେ ସେତେବେଳେ ସେ ଜଗନ୍ନାଥ ଦାସଙ୍କୁ ପ୍ରଥମେ ପୁରୀ ଜଗନ୍ନାଥ ମନ୍ଦିରବେଢ଼ା ଭିତରେ ଥିବା କଳ୍ପବଟ ତଳେ ବଟ ଗଣେଶଙ୍କ ନିକଟରେ ବସି ଦୂରଦୂରାନ୍ତରୁ ଆସୁଥିବା ନିରକ୍ଷର ଗାଁ ଭକ୍ତଙ୍କୁ ନିଜର ସଦ୍ୟ ରଚିତ ଭାଗବତ ଶୁଣାଉଥିବା ଅବସ୍ଥାରେ ଭେଟିଥିଲେ। ସେଠାରେ ଭକ୍ତଗଣ ଏହି ଓଡ଼ିଆ ଭାଗବତ ଶୁଣି ତନ୍ମୟ ହୋଇ ଯାଉଥିଲେ। ଶ୍ରୀଚୈତନ୍ୟ ଜଗନ୍ନାଥ ଦାସଙ୍କ ଅଗାଧ ପାଣ୍ଡିତ୍ୟ ଓ ଭକ୍ତିମତ୍ତାରେ ମୁଗ୍ଧ ହୋଇ ତାଙ୍କୁ 'ଅତିବଡ଼ୀ' ଉପାଧିରେ ଭୂଷିତ କରିଥିଲେ। ଜଗନ୍ନାଥଙ୍କ ଶିଷ୍ୟଗଣ ପରବର୍ତ୍ତୀ ସମୟରେ 'ଅତିବଡ଼ୀ ସଂପ୍ରଦାୟର ବୈଷ୍ଣବ ଭାବେ ପରିଚିତ ହୋଇଥିଲେ। ପରେ ଶ୍ରୀଚୈତନ୍ୟ ଓ ଜଗନ୍ନାଥ ଦାସଙ୍କ ମଧ୍ୟରେ ବନ୍ଧୁତା ବୃଦ୍ଧି ପାଇଲା। ଏହା ଦେଖି ଶ୍ରୀଚୈତନ୍ୟଙ୍କ ବଙ୍ଗୀୟ ଭକ୍ତଗଣ ମନରେ ଜଗନ୍ନାଥ ଦାସଙ୍କ ପ୍ରତି ଈର୍ଷା ଜାତ ହେଲା। ଏପରିକି, ଏହି କାରଣରୁ ସେମାନଙ୍କ ମଧ୍ୟରୁ ଅନେକ ଚୈତନ୍ୟଙ୍କୁ ତ୍ୟାଗ କଲେ। ଚୈତନ୍ୟଙ୍କ ନିର୍ଦ୍ଦେଶରେ ଜଗନ୍ନାଥ ଦାସ, ପଞ୍ଚସଖା ଯୁଗର ବରିଷ୍ଠ କବି ତଥା 'ଦାଣ୍ଡି ରାମାୟଣ'ର ରଚୟିତା ବଳରାମ ଦାସଙ୍କଠାରୁ ଦୀକ୍ଷା ଗ୍ରହଣ କଲେ। ଚୈତନ୍ୟଙ୍କ ସହିତ ସେ ଏକାଠି ବାସ କଲେ ଓ ତାଙ୍କର ସବୁପ୍ରକାର ସେବା କଲେ। ଚୈତନ୍ୟ ଶରୀର ତ୍ୟାଗ କରିବା ପରେ ସେ ତାଙ୍କୁ ଝୁରି ଝୁରି ଷାଠିଏ ବର୍ଷ ବୟସରେ ଶ୍ରୀକ୍ଷେତ୍ରରେ ନିଜ ପ୍ରତିଷ୍ଠିତ ସାତଲହଡ଼ି ମଠରେ ଶରୀର ତ୍ୟାଗ କଲେ।

# ହନୁମାନ ଚାଳିଶା ପାଠ



ପ୍ରଭୁ ଶ୍ରୀରାମଙ୍କ ଭକ୍ତ ହନୁମାନ ନିଜ ଭକ୍ତମାନଙ୍କ ଦୁଃଖ ଦୁର୍ଦ୍ଦଶା ସହି ପାରନ୍ତି ନାହିଁ। କାରଣ ହନୁମାନ ଖୁବ୍ ଦୟାଳୁ ବୋଲି ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି। ନିଷ୍ଠାର ସହ ହନୁମାନଙ୍କ ପୂଜା କଲେ ସେ ପ୍ରସନ୍ନ ହୋଇଥାନ୍ତି। ତେବେ ଏଥର ଜାଣିବା କେଉଁ ସମୟରେ ହନୁମାନଙ୍କ ପୂଜାର୍ଚ୍ଚନା କରାଯାଏ। ଶାସ୍ତ୍ର ବର୍ଣ୍ଣନା ଅନୁସାରେ ପ୍ରଭୁ ହନୁମାନ ଦିନସାରା ଭଗବାନ ଶ୍ରୀରାମଙ୍କ ସେବାରେ ଲାଗିଥାନ୍ତି। ତେଣୁ ରାତି କିମ୍ବା ସଂଧ୍ୟାରେ ପ୍ରଭୁ ଶ୍ରୀରାମ ବିଶ୍ରାମ ନେବା ସମୟରେ ହନୁମାନ ତାଙ୍କ ସେବା କରି ନ ଥାନ୍ତି। ଏହି ସମୟରେ ସେ ନିଜ ଭକ୍ତଙ୍କର ଡ଼ାକ ସହଜରେ ଶୁଣି ଥାଆନ୍ତି। ତେଣୁ ସଂଧ୍ୟା ଅଥବା ରାତିରେ ଶ୍ରଦ୍ଧାର ସହ ହନୁମାନଙ୍କ ପୂଜାର୍ଚ୍ଚନା କଲେ ଭକ୍ତ ସମସ୍ତ ମନବାଞ୍ଛିତ ଫଳ ପ୍ରାପ୍ତି ହୋଇଥାଏ। ଶାନ୍ତ ପରିବେଶରେ ଏକାଗ୍ରତାର ସହ ସଂଧ୍ୟାରେ ପ୍ରଭୁଙ୍କୁ ପୂଜା କଲେ ଆଶୀର୍ବାଦ ମିଳିବା ସହ ଜୀବନରେ ଥିବା ବାଧାବିଘ୍ନ ଦୂର ହୋଇଥାଏ। ହନୁମାନଙ୍କ ପୂଜାର୍ଚ୍ଚନା ସହ ହନୁମାନ ଚାଳିଶା ପାଠ କଲେ ହନୁମାନ ପ୍ରସନ୍ନ ହୋଇଥାନ୍ତି ଓ ଶ୍ରଦ୍ଧାଳୁଙ୍କୁ ମନବାଞ୍ଛିତ ଫଳ ପ୍ରାପ୍ତି ହୋଇଥାଏ।

# ଯୁଧିଷ୍ଠିରଙ୍କ ବିନମ୍ରତାର ଉତ୍ତର

**ଏକଦା ପାଣ୍ଡବ ଜଙ୍ଗଲ ମଧ୍ୟରେ ଜ୍ୟେଷ୍ଠ ଭ୍ରାତା ଯୁଧିଷ୍ଠିର ଟିକେ ପଛରେ ରହି ଯାଇଥିଲେ। ଆଗକୁ ଆସି ଦେଖନ୍ତି ତ ଏକ ସରୋବର ନିକଟରେ ତାଙ୍କର ୪ ଜଣ କନିଷ୍ଠ ଭ୍ରାତା ଭୀମ, ଅର୍ଜୁନ, ନକୁଳ ଓ ସହଦେବ ମୃତ ଅବସ୍ଥାରେ ପଡ଼ି ରହିଛନ୍ତି। ସରୋବରଟି ଥିଲା ଯକ୍ଷଙ୍କର। ଯେତେବେଳେ ଯୁଧିଷ୍ଠିରଙ୍କ ୪ ସାନ ଭାଇ ଆସି ସେଠାରୁ ପାଣି ପିଇବାକୁ କହିଥିଲେ ଯକ୍ଷ ତାଙ୍କୁ ବାରଣ କରିଥିଲେ। ଯିଏ ଯକ୍ଷଙ୍କ ପ୍ରଶ୍ନର ଉତ୍ତର ଦେଇପାରିବ ସିଏ ହିଁ ପାଣି ପିଇପାରିବ ବୋଲି ଯକ୍ଷ ସର୍ତ୍ତ ରଖିଥିଲେ। ମାତ୍ର ତାଙ୍କ କଥା କେହି ନ ମାନି ଜୋରଜବରଦସ୍ତ ପାଣି ପିଇବାରୁ ସେମାନଙ୍କର ମୃତ୍ୟୁ ଘଟିଥିଲା। ଏକଥା ଯୁଧିଷ୍ଠିର ଜାଣିବା ପରେ ଯକ୍ଷଙ୍କୁ ତାଙ୍କ ଭାଇମାନଙ୍କ ଜୀବନ ଭିକ୍ଷା ମାଗିଥିଲେ। ଯକ୍ଷ ପ୍ରତିବଦଳରେ କେତୋଟି ପ୍ରଶ୍ନର ଉତ୍ତର ଦେବାକୁ କହିଥିଲେ। ଯକ୍ଷଙ୍କର ଗୋଟାଏ ପରେ ଗୋଟାଏ ପ୍ରଶ୍ନର ନିର୍ଭୁଲ ଉତ୍ତର ଦେଇଥିଲେ ଯୁଧିଷ୍ଠିର। ଖୁସି ହୋଇ ଯକ୍ଷ କହିଲେ ଯେ ମୁଁ ତୁମର ସମସ୍ତ ଭାଇଙ୍କ ଜୀବନ ତ ବଞ୍ଚାଇ ପାରିବି ନାହିଁ, ମାତ୍ର ତୁମେ ତୁମର ଯେକୌଣସି ଜଣେ ଭାଇଙ୍କୁ ଜୀବିତ ଦେଖିପାରିବ।**

# -ଚିଡ଼ଚିଡ଼ା ସ୍ୱଭାବ-



ଆପଣଙ୍କ ଘରେ କେହି ଛୋଟ ଛୁଆ ଟିଭି ଦେଖୁଥିବା ବେଳେ କେବେ ଆପଣ ଯଦି ରିମୋଟ୍ ଛଡ଼େଇ ନିଅନ୍ତି କିମ୍ବା ଚ୍ୟାନେଲ ବଦଳେଇବାକୁ ଚେଷ୍ଟା କରନ୍ତି, ସେମାନେ କିପରି ପ୍ରତିକ୍ରିୟାଶୀଳ ହୋଇଉଠନ୍ତି। ଏପରି ପରିସ୍ଥିତି ଯଦି କେବେ ଆପଣଙ୍କ ସହ ହେଉଛି ତେବେ କିଛି ଜାଣିବା କଥା। ଆସନ୍ତୁ ଜାଣିବା ଆଜିକାଲି ଛୁଆମାନଙ୍କର ଚିଡ଼ଚିଡ଼ା ସ୍ୱଭାବର କାରଣ କ'ଣ ଏବଂ କିପରି ଆପଣ ଏହାକୁ ଏଡ଼େଇ ପାରିବେ। କେବେ ଭାବିଛନ୍ତି କି, ଆପଣଙ୍କ ୨/୩ ବର୍ଷର ଛୁଆ କାହିଁକି ଛୋଟ ଛୋଟ କଥାରେ ରାଗିଯାଉଛି, ଘରର ସବୁ ଜିନିଷ ଫୋପଡ଼ା ଫିଙ୍ଗା କରୁଛି, ଅଭିମାନ କରୁଛି, ତେବେ ଆମେମାନେ ଏହା ଏକ ବୟସାଗତ ତଥା ସାମୟିକ ବ୍ୟବହାର ବୋଲି କହି ଚୁପ୍ ରହିଯାଉ। କିନ୍ତୁ ଏହି ବ୍ୟବହାର ପରବର୍ତ୍ତୀ ସମୟରେ ଯେ ଅତ୍ୟନ୍ତ ଖରାପ ହୋଇଯାଏ ତାହା ଆମେ ଭାବି ନଥାଉ। ବେଳେ ବେଳେ ଏହା ଠିକ୍ ମଧ୍ୟ ହୋଇଯାଏ। କିନ୍ତୁ ଏହି ବ୍ୟବହାର ପଛରେ ଭିଟାମିନ୍ ଅଭାବ ଜନିତ ସମସ୍ୟା ମଧ୍ୟ ରହିଛି। କିଛି ମିନେରାଲ ତଥା ଭିଟାମିନ୍‌ର ଅଭାବ ରହିଲେ ଛୁଆର ମସ୍ତିଷ୍କ ଏବଂ ମାନସିକ ସ୍ଥିତି ପ୍ରଭାବିତ ହୋଇଥାଏ। ଆମ ଦେଶରେ ତଥା ରାଜ୍ୟରେ ପୁଷ୍ଟିହୀନତା ଜନିତ ସମସ୍ୟା ଖୁବ୍ ସାଧାରଣ ଏବଂ ଅନେକ ଛୁଆ ଆଜି ବି ଅପପୁଷ୍ଟି ଯୋଗୁଁ ଅନେକ ଶାରୀରିକ ତଥା ମାନସିକ ରୋଗର ଶିକାର ହେଉଛନ୍ତି। ଦୃଷ୍ଟିବାଧିତ, ଅସ୍ଥିଜନିତ ଦୁର୍ବଳତା, ଭିଟାମିନ୍ ସି ଅଭାବ ଜନିତ ସମସ୍ୟା, ରୋଗ ପ୍ରତିରୋଧକ ଶକ୍ତି କମ୍ ହେବା, ଚିଡ୍ ଚିଡ଼ା ହୋଇଯିବା ବା ମୁଡ୍ ସ୍ୱିଙ୍ଗ୍ ହେବା ପରି ଲକ୍ଷଣ ଦେଖାଗଲେ ଆପଣମାନେ ସତର୍କ ହୋଇଯିବା ଆବଶ୍ୟକ। ଏହା ବ୍ୟତୀତ କେତେକ ଲକ୍ଷଣ ହେଲା ଚର୍ମ ଶୁଖିଲା ଦେଖାଯିବା, ଡାଇରିଆ, ଠିକ୍‌ରେ ପାଠ ନପଢ଼ିବା କିମ୍ବା କୌଣସି କାମ ବା ଖେଳ ଆଦିରେ ମନ ନ ଲାଗିବା। ଏକ ପୁଷ୍ଟିକର ସନ୍ତୁଳିତ ଆହାର ତଥା ପୋଷକ ବା ନ୍ୟୁଟ୍ରିଏଣ୍ଟର ବାହ୍ୟ ସପ୍ଲିମେଣ୍ଟ ଦିଆଯାଇ ଏହି ଅଭାବକୁ ନିୟନ୍ତ୍ରଣ କରାଯାଇପାରିବ। ମୁଖ୍ୟତଃ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ଏ, ସି, ଡି, ମ୍ୟାଗ୍ନେସିୟମ୍, ଓମେଗା ୩ ପ୍ରଭୃତି ଖାଦ୍ୟସାର ରହିଥିବା ଖାଦ୍ୟ ଦେବାରୁ ଆରମ୍ଭ କରିବା ଆବଶ୍ୟକ। ଏଗୁଡ଼ିକ ଶିଶୁର ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ପାଇଁ ଅତ୍ୟାବଶ୍ୟକ ପୋଷକ ଉପାଦାନ। ଭିଟାମିନ୍ ସି ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ବେଳେ ଭିଟାମିନ୍ ଏ ଓ ଡି ଶରୀରରେ କୌଣସି ଇନଫେକସନ୍ କମାଇଥାଏ। ବିଭିନ୍ନ ପ୍ରକାର ଶାଗ, ପନିପରିବା, କଞ୍ଚା ପରିବା ଯେପରି କି କାକୁଡ଼ି ଗାଜର ଆଦି ଛୁଆକୁ ନିୟମିତ ଦେବା ଦ୍ୱାରା ଭିଟାମିନ୍ ଜନିତ ଅଭାବ ପୁରା ହୋଇଥାଏ। ମାଛ, ଅଣ୍ଡା, ଅଳ୍ପ ପରିମାଣରେ ଶୁଦ୍ଧ ଘିଅ ହେଉଛି ସ୍ନେହସାରର ଉତ୍ତମ ଉତ୍ସ। ଏହା ସହ ବୁଟ ଡାଲି, ମୁଗ ଡାଲି ପ୍ରଭୃତି ଗଜା କରି ଏବଂ ଡାଲି କରି ମଧ୍ୟ ଦେଇପାରିବେ ଯାହା ପୁଷ୍ଟିସାରର ଅଭାବ ଦୂର କରିବ। ହେଲେ ଯଦି ଆପଣଙ୍କ ଛୁଆ କୌଣସି ଖାଦ୍ୟ ଖାଇବାରେ ଅନିଚ୍ଛା ପ୍ରକାଶ କରେ କିମ୍ବା ଭୋକ ନ ହେଉଥାଏ, ତେବେ ଡାକ୍ତର କିମ୍ବା ନ୍ୟୁଟ୍ରିସନିଷ୍ଟଙ୍କ ପରାମର୍ଶ ନେବା ସହ ଆପଣ ମଲଟିଭିଟାମିନ୍ ସପ୍ଲିମେଣ୍ଟ ବି ଦେଇପାରିବେ। ଖାଦ୍ୟରେ ଉପଯୁକ୍ତ ଖାଦ୍ୟସାର ପରି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଖାଇବା ସମୟର ପରିବେଶ। ଆପଣ କିପରି ଆପଣଙ୍କ ଛୁଆକୁ ଖାଇବାକୁ ଦେଉଛନ୍ତି କିମ୍ବା ଖୁଆଉଛନ୍ତି, ତାହା ଖୁବ୍ ମହତ୍ତ୍ୱପୂର୍ଣ୍ଣ। ଆଜିକାଲି ସହଜରେ ଛୁଆର କାମ ସାରିବା ପାଇଁ ଯେପରି ମାଆମାନେ ମୋବାଇଲରେ କାର୍ଟୁନ୍ ବାହାର କରି ଛୁଆଙ୍କୁ ଧରେଇଦେଉଛନ୍ତି, ଯାହା କି ଛୁଆର ମାନସିକ ବିକାଶରେ ଅତ୍ୟନ୍ତ ପ୍ରଭାବ ପକାଏ। ଖାଇବା ସମୟରେ ଛୁଆ ଖାଦ୍ୟ ପ୍ରତି ସଚେତନ ରହିବା ଆବଶ୍ୟକ। ମୁଁ ପ୍ରାୟ ସମୟରେ ଦେଖେ ମା' ମାନେ କୁହନ୍ତି, ମୋ ଛୁଆ ତ ଚୁଡ଼ା, ମୁଢ଼ି, ପନି ପରିବା ଏସବୁ ଚାହୁଁ ବି ନାହିଁ। ଅନେକ ପରିବାରରେ ଛୁଆ ପାଇଁ ଓ ମାଆ ବାପାଙ୍କ ପାଇଁ ଅଲଗା ଖାଇବା ପ୍ରସ୍ତୁତ ହୁଏ। ଛୁଆମାନେ ଆମର ନିତିଦିନିଆ ଖାଦ୍ୟ ଚୁଡ଼ା ମୁଢ଼ି ଆଦି ଖାଇବାକୁ ଇଚ୍ଛା କରନ୍ତି ନାହିଁ। ଛୁଆମାନଙ୍କ ଖାଦ୍ୟାଭ୍ୟାସ ଶିଶୁ ଅବସ୍ଥାରୁ ହିଁ ସଜଡ଼ା ଗଲେ ପରେ ଆଉ କୌଣସି ଅସୁବିଧା ହୁଏ ନାହିଁ। ଛୁଆମାନଙ୍କ ଦାନ୍ତ ସମ୍ପୂର୍ଣ୍ଣ ଉଠିସାରିବା ପରେ ଧିରେ ଧିରେ ଆପଣ ଯାହା ଖାଆନ୍ତି ଠିକ୍ ସେହି ଖାଦ୍ୟ ହିଁ ଛୁଆକୁ ଦେବା ଆରମ୍ଭ କରନ୍ତୁ। ପ୍ରାରମ୍ଭିକ ସମୟରେ ଆଳୁ, ଗାଜର, ଅମୃତ ଭଣ୍ଡା ଦେଇ ପରେ ଅନ୍ୟ ପରିବା, ପନିର ଓ ମାଛ ଅଣ୍ଡା ଅଦି ଦିଅନ୍ତୁ। ଖାଦ୍ୟ ଖୁଆଇବା ବେଳେ ଛୁଆକୁ ସେହି ଖାଦ୍ୟ ସମ୍ବନ୍ଧୀୟ ଗପ ବା ବିଭିନ୍ନ କଥା କୁହନ୍ତୁ। ଯେପରିକି, ଆଳୁରେ କଣ ରହିଛି ଏବଂ ଏହାର ଆକାର ଉପରେ କିଛି ମଜା କଥା କହିବା, ଏପରି କରି ଆପଣ ଅନ୍ୟ ପରିବାକୁ ନେଇ ଛୁଆ ମନରେ କୌତୁହଳ ସୃଷ୍ଟି କରିପାରିବେ। ଛୁଆମାନଙ୍କୁ ଚକୋଲେଟ୍, କେକ୍ ଆଦିରୁ ଦୂରେଇବା ପାଇଁ ଏହି ନାମରେ ଅନ୍ୟ ଖାଦ୍ୟ ଦିଅନ୍ତୁନି। ଏହା ଦ୍ୱାରା ଧିରେ ଧିରେ ଆପଣ ଦେଉଥିବା ଖାଦ୍ୟକୁ ବି ସେ ଖାଇବ ନାହିଁ। ଯେପରି କେତେକ ମାଆ ଛୁଆଙ୍କୁ ଆଇସକ୍ରିମ୍ ବୋଲି ଫଳ ଦିଅନ୍ତି, ଚକୋଲେଟ୍ ବୋଲି କହି ଡ୍ରାଏଫ୍ରୁଟସ୍ ଦିଅନ୍ତି। ହେଲେ ମନେ ରଖିବା ଉଚିତ୍ ଯେ, ଛୁଆ ବଡ଼ ହେଲା ପରେ ଆପଣ ଦେଉଥିବା ଖାଦ୍ୟକୁ ମଧ୍ୟ ଖାଇବା ବନ୍ଦ କରିଦେବ। ଏଣୁ କୌଣସି ଖାଦ୍ୟକୁ ଭୁଲ ନାମ ଦେଇ ଛୁଆକୁ ଦେବା ଠିକ୍ ନୁହେଁ। ଚକୋଲେଟ୍‌ର ବିଭିନ୍ ଖରାପ ଦିଗ ବିଷୟରେ ଛୁଆକୁ ଗପ ଆଦି କହି ବୁଝାଇପାରିବେ। ଟିଭି, ମୋବାଇଲ୍, ଆଇପ୍ୟାଡ୍ ଇତ୍ୟାଦି ବିଭିନ୍ନ ମାଧ୍ୟମରେ ଛୁଆର ଧ୍ୟାନ ହଟାଇ ଆମେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରତି ଛୁଆମାନଙ୍କର ଆଗ୍ରହ ଶେଷ କରିଦେଉଛେ।







ଆଜିକାଲି ସହଜରେ ଛୁଆର କାମ ସାରିବା ପାଇଁ ଯେପରି ମାଆମାନେ ମୋବାଇଲରେ କାର୍ଟୁନ୍ ବାହାର କରି ଛୁଆଙ୍କୁ ଧରେଇଦେଉଛନ୍ତି, ଯାହା କି ଛୁଆର ମାନସିକ ବିକାଶରେ ଅତ୍ୟନ୍ତ ପ୍ରଭାବ ପକାଏ। ଖାଇବା ସମୟରେ ଛୁଆ ଖାଦ୍ୟ ପ୍ରତି ସଚେତନ ରହିବା ଆବଶ୍ୟକ।

## ଡେଙ୍ଗୁରୁ ବର୍ତ୍ତିବା ପାଇଁ ସଚେତନତା

ପାରଳାଖେମୁଣ୍ଡି,(ନିପ୍ର): ମହିଳା ସ୍ନାତକ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଓ ଯୁବ ରେଡ୍ କ୍ରସ୍ ମିଳିତ ଆନୁକୂଲ୍ୟରେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। କଲେଜ୍‌ର ଅଧକ୍ଷା ଡ଼ ରୀନା ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ କରି ଡେଙ୍ଗୁ ରୋଗର ଲକ୍ଷଣ ଓ ପ୍ରତିକାର ସଂପର୍କରେ ଆଲୋକପାତ କରିବା ସହ ଚତୁଃପାର୍ଶ୍ୱ ପରିଷ୍କାର ପରିଚ୍ଛନ୍ନ ଓ ପାଣି




ରହୁଥିବା ସ୍ଥାନକୁ ସଫା ରଖିବା ପାଇଁ ଉଦ୍‌ବୋଧନ ଦେଇଥିଲେ। ଜାତୀୟ ସେବା ଅଧିକାରୀ ସୁଶ୍ରୀ ମଧୁସ୍ମିତା ପ୍ରଧାନ ଓ ଯୁବ ରେଡ୍‌କ୍ରସର କାଉନସିଲର କୃଷ୍ଣଚନ୍ଦ୍ର ପଣ୍ଡିତଙ୍କ ସହଯୋଗରେ ଏକ ବିରାଟ ରାଲି ସହର ମଧ୍ୟରେ ସଚେତନତା କରାଇଥିଲେ । ଛାତ୍ରୀମାନେ ଘରଘର ବୁଲି ପ୍ରବଳ ଜ୍ୱର, ମୁଣ୍ଡବିନ୍ଧା, ଶରୀର ପୀଡା ଓ ଚର୍ମରେ ଲାଲ୍ ଲାଲ୍ ପଡିଯିବା ଡେଙ୍ଗୁର ଲକ୍ଷଣ ବୋଲି ବୁଝାଇଥିଲେ । ତା ସହ ଡେଙ୍ଗୁରୁ କିପରି ବର୍ତ୍ତିବେ ସେ ସଂପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ । ଏନ୍.ଏସ୍.ଏସ୍. ଓ ରେଡ୍‌କ୍ରସଙ୍କ ପରିଚାଳନାରେ ଏ ସମସ୍ତ କାର୍ଯ୍ୟ ସଂପନ୍ନ ହୋଇଥିଲା । ଏଥିରେ କଲେଜର ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀ ପୂର୍ଣ୍ଣମାତ୍ରାରେ ସହଯୋଗ କରିଥିଲେ ।

## ୯ ଲକ୍ଷ ଲୋକଙ୍କ ପାଇଁ ୩୦ ଡାକ୍ତର !

ରାଉଗଡା,(ନିପ୍ର): ରାୟଗଡ଼ା ଜିଲ୍ଲାରେ ସ୍ୱାସ୍ଥ୍ୟସେବାରେ ସେମିତି କିଛି ବିଶେଷ ଧରଣର ଉନ୍ନତି ନଜରକୁ ଆସୁନି। ଯାହା ଥିଲା, ଏବେ କମିଛି,ଡାକ୍ତରଙ୍କ ଅଭାବ ସହ ରହିଛି ଶଯ୍ୟାର ଅଭାବ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୨୯ ଜଣ ଡାକ୍ତରଙ୍କ ବଦଳରେ ରହିଛନ୍ତି ମାତ୍ର ୩୦ ଡାକ୍ତର। ଖାଲି ପଡ଼ିଛି ୯୯ ଡାକ୍ତର ପଦବୀ। ସ୍ୱୀକାର କରୁଛନ୍ତି ସରକାର ଏହି ବାସ୍ତବ ସ୍ଥିତିକୁ। ହେଲେ ସାମ୍ପ୍ରତିକ ପରିସ୍ଥିତିରେ ପରିବର୍ତ୍ତନ ଆଣିବା ପାଇଁ ସରକାର କୌଣସି ଆଶୁ ପଦକ୍ଷେପ ନେଉନଥିବା ଯୋଗୁଁ ଲୋକେ ଆବଶ୍ୟକ ହକ୍ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ। ୯ ଲକ୍ଷ ଜନସଂଖ୍ୟା



ବିଶିଷ୍ଟ ଜିଲ୍ଲା ପାଇଁ ରହିଛନ୍ତି ମାତ୍ର ୩୦ ଡାକ୍ତର । କେବଳ ଏହି ସମସ୍ୟା ଜିଲ୍ଲା ଚିକିତ୍ସାଳୟରେ ନୁହଁ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟ ଏବଂ ହାତଗଣତି କେତେଖଣ୍ଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଛାଡିଦେଲେ ଅନ୍ୟ ୩୨ ଗୋଟି ସ୍ୱାସ୍ଥକେନ୍ଦ୍ରରେ ଲାଗିରହିଛି ସମାନ ଅବସ୍ଥା। ଅଧିକାଂଶ ସ୍ୱାସ୍ଥକେନ୍ଦ୍ରରେ ଡାକ୍ତର ନ ଥିବାରୁ ଏ ଏନ ଏମ, କିମ୍ବା କାମ୍ପାଉଣ୍ଡୋର ବା ଠିକା କର୍ମଚାରିରେ ଚାଲିଥାଏ ସ୍ୱାସ୍ଥ୍ୟସେବା। ଭ୍ରମ୍ୟାମାଣ ସେବାରେ ମଧ ଡାକ୍ତରଙ୍କ ଅଭାବ ରହିଥାଏ। ଡାକ୍ତରମାନେ ପୁଣି ଛୁଟିରେ ଯାଇଥାନ୍ତି, ସେତେବେଳେ ରୋଗୀଙ୍କୁ କି ପ୍ରକାର ସ୍ୱାସ୍ଥ୍ୟସେବା ମିଳୁଥିବ ସେ କଥା ବେଶ ଅନୁମେୟ ବୋଲି ସ୍ଥାନୀୟ ବିଭିନ୍ନ ମହଲରେ ଅଭିଯୋଗ ହୋଇଛି।ଶଯ୍ୟା ଅଭାବରେ ରୋଗୀଙ୍କୁ ଚଟାଣ ଉପରେ ଶୁଆଇ ଚିକିତ୍ସା କରାଯାଉଛି। ଏକଥା ଦେଖାଯାଇଛି ଖୋଦ୍ ମୁଖ୍ୟ ଚିକିତ୍ସାଳୟରେ। ଡାକ୍ତର ନିଯୁକ୍ତି କଲେ ସରକାର ଜିଲ୍ଲାବାସୀ ଉପକୃତ ହୋଇପାରିବେ ବୋଲି ମତ ପ୍ରକାଶ ପାଇଛି।

## ମିଳୁନି ୟୁରିଆ ସାର, ଚାଷୀ ଅସନ୍ତୁଷ୍ଟ

ଡେରାବିଶ,(ନି:ପ୍ର): ଡେରାବିଶ ବ୍ଲକରେ ୧୦ ଗୋଟି ପ୍ରାଥମିକ କୃଷି ସମବାୟ ସମିତି ରହିଛି। ଏହି ସମବାୟ ସମିତି ଗୁଡିକୁ ପ୍ରଥମ ପର୍ଯ୍ୟାୟରେ ଯେତିକି ମାର୍କଫେଡ୍ ପକ୍ଷରୁ ସାର ଦିଆଯାଇଥିଲା ତାହା ସମୁଦ୍ରକୁ ଶଙ୍ଖେ । ତେବେ ପ୍ରଥମ ପର୍ଯ୍ୟାୟରେ ଯେଉଁ ସାର ମିଳିଥିଲା ଚାଷୀମାନେ ତଳି ସାର ଭାବେ ବ୍ୟବହାର କରିଥିବା ବେଳେ ରୁଆ ବେଉଷଣ ପରେ ଚାଷୀ ସାର ନ ପାଇ ଚଢା ଦରରେ ବାହାରୁ କିଣିବାକୁ ବାଧ ହେଉଛି। ବ୍ଲକ ଅଧୀନସ୍ଥ ୧୦ ଗୋଟି ସମବାୟ ସମିତି ମଧ୍ୟରୁ ନହଙ୍ଗ,କାଉପଡା,ରଘୁଦେଇପୁର ଓ ଏଣ୍ଡର ସମିତିକୁ




ଆବଶ୍ୟକ ମୁତାବକ ସାର ଦିଆଯାଇ ନଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ସମିତିର ସମ୍ପାଦକ ମାନେ ମାର୍କଫେଡ୍‌କୁ ଚିଠି ଲେଖି ବସି ରହିଥିବା ବେଳେ ସାର କିଣିବା ପାଇଁ ଚାଷୀ ସମବାୟ ସମିତିରେ ପ୍ରତିଦିନ ମୁହଁ ମାରୁଛନ୍ତି। ତେବେ ଚାଷୀଙ୍କର ଏହି ସମସ୍ୟାକୁ ହୃଦୟଙ୍ଗମ କରି ତୁରନ୍ତ ସାର ଯୋଗାଇଦେବା ପାଇଁ ସମବାୟବିତ୍ ଗୌରାଙ୍ଗ ଚରଣ ପ୍ରଧାନ ଦାବି କରିଛନ୍ତି। ନଚେତ୍ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ଛଣଗିରି ଅଳଙ୍କାର ଦୋକାନ ଲୁଟ୍ ଘଟଣା : ୬ ଗିରଫ

## ମିଳିଲା ୧୯୧୩ ଗ୍ରାମ ସୁନା ଓ ୪୫୯୪ ଗ୍ରାମ ରୁପା

ନିରାକାରପୁର,(ନିପ୍ର):: ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଛଣଗିରି ସ୍ଥିତ ସାଇ ସୋନୁ ଅଳଙ୍କାର ଦୋକାନରୁ ଗତ ମାସ ୨୪ ତାରିଖ ୨ ଟା ସମୟରେ ଲୁଟ୍ ହୋଇଥିବା ୧୧ କେଜି ସୁନାରୁ ପୂର୍ବରୁ ପ୍ରାୟେ ୧ କେଜି ସୁନା ଉଦ୍ଧାର କରାଯାଇଥିବାବେଳେ ୪ ଗିରଫ ହୋଇଥିଲେ। ଆଉ କେଜିଏ ସୁନା ମିଳିଥିବା ବେଳେ ଦୁଇ ଜଣ ଡ଼କାୟତଙ୍କୁ ଖୋର୍ଦ୍ଧା ପୋଲିସ ଗିରଫ କରିଥିବା ପୋଲିସ ପକ୍ଷରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରୁ ସ୍ପଷ୍ଟ ହୋଇଛି।

ପ୍ରକାଶ ଥାଉ କି ଗତ ମାସ ୨୪ ତାରିଖରେ ଛଣଗିରି ସ୍ଥିତ ସାଇ ସୋନୁ ଅଳଙ୍କାର ଦୋକାନରୁ ୮ ଜଣ ଲୁଟେରା ଆସି ବନ୍ଧୁକ ଓ ବୋମା ଫୁଟାଇ ୧୧ କେଜି ୫୦୦ ଗ୍ରାମ ଓ ୫ କେଜି ରୂପା ଅଳଂକାର ପ୍ରାୟେ ସାଢ଼େ ୧୧ କୋଟି ଟଙ୍କାର ସୁନା ଓ ରୂପା ଅଳଂକାର ଲୁଟ କରି ନେବା ସହିତ ନଗଦ ଟଙ୍କା ନେଇଯାଇଥିଲେ। ପୁଲିସ କେନ୍ଦ୍ରାଞ୍ଚଳ ଡିଆଇଜି ଡ ସତ୍ୟଜିତ ନାୟକ ଓ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମାଙ୍କ ନେତୃତ୍ୱରେ ସମୁଦାୟ ୫ ଟିମ ଗଠନ କରାଯାଇ ବିଭିନ୍ନ ଦିଗକୁ ତର୍ଜମା କରି ଚଢ଼ାଉ କରାଯାଇଥିଲା। ଜଂକିଆ ଥାନା କେସ୍ ନମ୍ବର ୨୯୭ ତାରିଖ ୨୪.୮.୨୫ ଧାରା ୩୧୦ (୨) ବିଏନ୍ଏସ୍/ଧାରା ୨୫/୨୭ ଅସ୍ତ୍ରଶସ୍ତ୍ର ଆଇନ/୫ ଇଏସ୍ ଆଇନ ଅନୁଯାୟୀ ପୁଲିସ ତଦନ୍ତ କରି ଖୋର୍ଦ୍ଧା, ପୁରୀ ଓ କଟକ ଅଞ୍ଚଳରୁ ୪ ଜଣ ଲୁଟେରାଙ୍କୁ ଗିରଫ କରିଥିବା ସହିତ କଟକ ଜିଲ୍ଲା ବେଣ୍ଟକର ଥାନା



୪୨ ମୌଜାର ଝିଙ୍କିରିଆ ଗ୍ରାମର ବିଶ୍ୱଜିତ୍ ପଟ୍ଟନାୟକ (୨୨) ଓରଫ ଲକି, ପି - ସରୋଜ କୁମାର ପଟ୍ଟନାୟକ ଠାରୁ ୩୧୯ ଗ୍ରାମ ୭୩୦ ମିଲି ସୁନା, ୯୬୮ ଗ୍ରାମ ରୁପା, ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଭୁଜାଲି ଓ ନଗଦ ୮ ଲକ୍ଷ ଟଙ୍କା , ନୟାଗଡ ଜିଲ୍ଲା ଶରଣକୁଳ ଥାନା ଗୋଡ଼ିପଡା କଇଁଫୁଲିଆ ଗ୍ରାମର ଅଶୋକ ସେନାପତି (୩୨) ଓରଫ ବୁଲୁ ପି - ସଂସାରୀ ସେନାପତି ଠାରୁ ୨୦୭ ଗ୍ରାମ ୮୬୦ ମିଲି ସୁନା, ୯୪୦ ଗ୍ରାମ ରୁପା ଓ ନଗଦ ଏକ ଲକ୍ଷ ୪୫ ହଜାର ଟଙ୍କା, ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ଭୀମପଡା ଟାଙ୍ଗିସାହିର ଚନ୍ଦନ ନାୟକ ( ୨୫) ପିତା - କେଶବ ନାୟକ ଠାରୁ ୧୩୪ ଗ୍ରାମ ୬୭୦ ମିଲି ସୁନା, ୫୪୬ ଗ୍ରାମ ରୂପା ଓ ବୋଲଗଡ଼ ସମ୍ପପୁର ଗ୍ରାମର କ୍ରେତା ନବ ସାହୁ ପି - ରବି ସାହୁ ଠାରୁ ୨୩୮ ଗ୍ରାମ ୩୯୦ ମିଲି ସୁନା ଜବତ ହୋଇଥିବାର ଜଣାଇଥିଲେ। ଉକ୍ତ ଦିନ ୩ ଜଣ ଡ଼କାୟତ ଓ ଜଣେ କ୍ରେତା କୁ ଗିରଫ କରାଯାଇଥିବାବେଳେ ଅନ୍ୟ ୬ ଜଣଙ୍କ ମଧ୍ୟରୁ ୨ ଜଣଙ୍କ ଠିକଣା ସ୍ପଷ୍ଟ ଜଣାପଡୁ ନ ଥିବାବେଳେ ନୟାଗଡ ଅଞ୍ଚଳର ଦୁଇ ଜଣ, ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳର ଜଣେ , ପୁରୀ ଜିଲ୍ଲା କଣାସ ଅଞ୍ଚଳର ଜଣେ ସନ୍ଦିଗ୍ଧ ଥିବା ପୁଲିସ ସୂଚନା ଦେଇଥିଲା। ପ୍ରକାଶ କି ଗତ ମାସ ୨୪ ତାରିଖରେ ଦିନ ୨ ଟା ବେଳେ ୪ ଟି ବାଇକରେ ୮ ଜଣ ଡକାୟତ ଖୋର୍ଦ୍ଧା ଜିଲ୍ଲା ଛଣଗିରି ସ୍ଥିତ ସାଇ ସୋନୁ ଅଳଙ୍କାର ଦୋକାନକୁ ଆସିଥିଲେ। ସେମାନେ ସମସ୍ତେ ମୁଣ୍ଡରେ ହେଲମେଟ ଓ ମୁହଁରେ ମାସ୍କ ପିନ୍ଧିବା ସହିତ ଦୁଇ ଜଣ ଦୋକାନ ବାହାରେ ରହି ସମସ୍ତ ଘଟଣା ଅନୁଧ୍ୟାନ କରୁଥିବାବେଳେ ଦୋକାନ ମଧ୍ୟକୁ ୬ ଜଣ ଡକାୟତ ପଶି ବନ୍ଧୁକ ଦେଖାଇ କର୍ମଚାରୀ ମାନଙ୍କୁ ଭୟଭୀତ କରାଇ ଏକ ବସ୍ତାରେ ସମସ୍ତ ଗହଣା ଭର୍ତ୍ତି କରିଥିଲେ।

## ଶକ୍ତି ସଂରକ୍ଷଣ ଉପରେ ତାଲିମ ଶିବିର

ଯାଜପୁର,(ନିପ୍ର): ଇ.ଆଇ.ସି (ବିଦ୍ୟୁତ)-କମ୍ - ପି.ସି.ଇ.ଆଇ(ଓ) କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟ କରୁଥିବା କୋଠା ସେଲ୍ ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଇ.ସି.ଏସ.ବି.ସି ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜନ କରିଥିଲା ଓ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ, ଯାଜପୁର ଏବଂ ବ୍ୟାସନଗର ପୌରପାଳିକା, ଗ୍ରାମୀଣ ନିର୍ମାଣ




ବିଭାଗ, କଳିଙ୍ଗନଗର ଉନ୍ନୟନ କର୍ତ୍ତୃପକ୍ଷ,ଇଡକୋ , କାର୍ଯ୍ୟ ବିଭାଗ ଏବଂ ଶକ୍ତି ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଧର ଖୁଣ୍ଟିଆ ଏବଂ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ,ଯାଜପୁର, ସହକାରୀ ଯନ୍ତ୍ରୀ ସମୀକ୍ଷା ମହାପାତ୍ର,ଇଆଇସି (ବିଦ୍ୟୁତ) -କମ୍ -ପିସିଇଆଇ ଏବଂ ରାଜ୍ୟ ନିର୍ମିତ ସଂସ୍ଥା ଓଡିଶା କାର୍ଯ୍ୟାଳୟ ଏବଂ କୋଠା ସେଲ୍ ପରାମର୍ଶଦାତା ତାରକେଶ ମିଶ୍ର ଉଦ୍‌ଘାଟନ କରିଥିଲେ । ଇ. ସମୀକ୍ଷା ମହାପାତ୍ର ଇସିଏସବିସି କୋଡ୍ ବିକାଶ ପାଇଁ ୟୁଏଲବି ସହିତ ସହଯୋଗର ଆବଶ୍ୟକ ଉପରେ ଆଲୋକପାତ କରି ସ୍ୱାଗତ ଭାଷଣ ଦେଇଥିଲେ । ଉଦଘାଟନୀ ଭାଷଣରେ ମୁଖ୍ୟ ଅତିଥି ଲମ୍ବୋଦର ଖୁଣ୍ଟିଆ ଶକ୍ତି ସଂରକ୍ଷଣ କୋଡ୍‌ଗୁଡ଼ିକର ସୁଗମ କାର୍ଯ୍ୟାନ୍ୱୟନ ପାଇଁ କୋଠା କ୍ଷେତ୍ରର ଅଂଶୀଦାରମାନଙ୍କ ଦ୍ୱାରା ଏହି ଦିଗରେ ପଦକ୍ଷେପ ନେବାର ଆବଶ୍ୟକ ଉପରେ ଗୁରୁତ୍ୱାରୋପ କରିଥିଲେ ଓ ଶକ୍ତି ଦକ୍ଷତା ବ୍ୟୁରୋର ମାଷ୍ଟର ଟ୍ରେନର କୁମାର ବିପ୍ଲବଙ୍କ ନେତୃତ୍ୱରେ ତାଲିମ ଅଧିବେଶନ ଅନୁଷ୍ଠିତ ହୋଇଥିଲା ଓ କାର୍ଯ୍ୟକ୍ରମରେ ବାଣିଜ୍ୟିକ ଏବଂ ଆବାସିକ କୋଡ୍ ପାଇଁ ଇସିଏସବିସି କୋଡ୍ ଉପରେ ବୈଷୟିକ ଅଧିବେଶନ, ବିସ୍ତୃତ ଅନୁପାଳନ ପ୍ରକ୍ରିୟା ଏବଂ ଶକ୍ତି ସିମୁଲେସନ୍ ସଫ୍ଟୱେର ଉପକରଣ ଉପରେ କର୍ମଶାଳା ପ୍ରଦର୍ଶିତ ହୋଇଥିଲା । ଏହି ତାଲିମ ପଦକ୍ଷେପ ଏସଡିଏର ଚାଲୁଥିବା କ୍ଷମତା-ନିର୍ମାଣ ପ୍ରୟାସର ଏକ ଅଂଶ। ଏହା ରାଜ୍ୟ ଶକ୍ତି ବିଭାଗ ଦ୍ୱାରା ୨୦୨୨ ରେ ଅସୂଚିତ ଓଡ଼ିଶା ଶକ୍ତି ବିଲିଂ ସଂରକ୍ଷଣ କୋଡ୍ ସଂଶୋଧନ କରିବା ପାଇଁ ଏନର୍ଜି ଏଫିସିଏନ୍ସି ବ୍ୟୁରୋ ଦ୍ୱାରା ପ୍ରକାଶିତ ଇସିଏସବିସି କୋଡର ବର୍ତ୍ତମାନର ସମୀକ୍ଷା ସହିତ ସମନ୍ୱିତ ଆଗାମୀ ମାସଗୁଡ଼ିକରେ ଏସଡିଏ ଦ୍ୱାରା ବ୍ରହ୍ମପୁର, ପୁରୀ, କଟକ ପାଇଁ ଆହୁରି କର୍ମଶାଳା ଯୋଜନା କରାଯାଇଛି ।

## ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ

ପୁରୀ,(ନିପ୍ର): ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧକ୍ଷତାରେ ସ୍ୱସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ନିମନ୍ତେ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା ।

ଉକ୍ତ ବୈଠକରେ ସ୍ୱାସ୍ଥ୍ୟ,ଶିକ୍ଷା ,ମହିଳା ଓ ଶିଶୁ ବିକାଶ,ଜିଲ୍ଲା ସମାଜ ମଙ୍ଗଳ ତଥା ମିଶନ ଶକ୍ତି, ସୂଚନା ଓ ଗଣଯୋଗାଯୋଗ ବିଭାଗର ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅଭିଯାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର (ଉପକେନ୍ଦ୍ର) ରେ ଆସନ୍ତା ୧୭ ସେପ୍ଟେମ୍ବରରୁ ଆରମ୍ଭ ହୋଇ ୨ ଅକ୍ଟୋବର ପର୍ଯ୍ୟନ୍ତ ଚାଲୁ ରହିବ ।

ଏହି ଅଭିଯାନରେ ନାରୀମାନଙ୍କ ପାଇଁ ଅନେକ କାର୍ଯ୍ୟକ୍ରମ କରାଯିବ ଯେମିତି କି ସ୍ୱାସ୍ଥ୍ୟ ପରୀକ୍ଷା, ସ୍ୱାସ୍ଥ୍ୟ ସେବା ସହିତ ପ୍ରତ୍ୟେକ ବୟସର ଝିଅମାନଙ୍କର (ବିଶେଷକରି କିଶୋରୀମାନଙ୍କ) ମଧ୍ୟ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମାଧ୍ୟମରେ କରାଯିବ। ଏଥି ସହିତ ରକ୍ତ ପରୀକ୍ଷା, ରକ୍ତଦାନ ଶିବିର, ଅଣସଂକ୍ରାମକ ରୋଗ ପରୀକ୍ଷା, ରକ୍ତହୀନତା ର ପରୀକ୍ଷା, ରକ୍ତ ଶର୍କରା ପରୀକ୍ଷା, ରକ୍ତ ଶିକୁଳି ପରୀକ୍ଷା, ଗର୍ଭବତୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଇତ୍ୟାଦି ଏହି ଶିବିରରେ ଆୟୋଜନ କରାଯିବ। କେବଳ ଜିଲ୍ଲା ସ୍ତରରେ ନୁହେଁ ଏହି ଶିବିର ସମସ୍ତ ୧୬ ଗୋଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ୪୪ ଟି ପ୍ରାଥମିକ ସ୍ୱାସ୍ଥ୍ୟ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ୫ଟି ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ୨୪୧ଟି ଉପସ୍ୱାସ୍ଥ୍ୟ ଓ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ,ଏବଂ ୫ଟି ସହରାଂଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ୭ଟି ଉପସ୍ୱାସ୍ଥ୍ୟ ଓ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ମଧ କରାଯିବ।

ଆଭାସୀ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଅକ୍ଷୟ କୁମାର ଶତପଥି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳତାର କରିବା ପାଇଁ ଆହ୍ୱାନ ଦେଇଥିଲେ । ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ୟାମ ସୁନ୍ଦର ତ୍ରିପାଠୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

## ଅନାସ୍ଥା ଭୋଟ ଫଳାଫଳ ପ୍ରକାଶ ନ ହେବା ପର୍ଯ୍ୟନ୍ତ ଉନ୍ନୟନ କାର୍ଯ୍ୟ ବନ୍ଦ ରହୁ



ବୋଲଗଡ଼, (ନିପ୍ର ): ବୋଲଗଡ଼ ବ୍ଲକ ଦଳେଇସାହି ପଂଚାୟତର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟ ହୋଇ ଉଚ୍ଚ ନ୍ୟାଳୟଙ୍କ ନିର୍ଦ୍ଦେଶରେ ଫଳାଫଳ ଘୋଷଣା ହୋଇନଥିବା ବେଳେ ପଞ୍ଚାୟତରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ବନ୍ଦ ରଖିବା ପାଇଁ ବୁଧବାର ଉକ୍ତ ପଞ୍ଚାୟତର ସମିତି ସଭ୍ୟାଙ୍କ ସମେତ ୧୩ ଜଣ ୱାର୍ଡ ମେମ୍ବର ଓ ଗ୍ରାମବାସୀମାନେ ବୋଲଗଡ଼ ବିଡ଼ିଓଙ୍କୁ ଭେଟି ଦାବି କରିଛନ୍ତି। ସୂଚନା ମୁତାବକ ୧୮ ୱାର୍ଡ ବିଶିଷ୍ଟ ଗ୍ରାମପଞ୍ଚାୟତ ୧୨ଜଣ ୱାର୍ଡମେମ୍ବରମାନେ ଖୋର୍ଦ୍ଧା ଉପଜିଲ୍ଲାପାଳଙ୍କୁ ଭେଟି ସରପଞ୍ଚ ସତ୍ୟଭାମା ଦେଇଙ୍କ ମନମୁଖି କାର୍ଯ୍ୟ ପ୍ରତିବାଦରେ ଅନାସ୍ଥା ପ୍ରକଟ କରିଥିଲେ। ଏଥିନେଇ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ପ୍ରଶାସନ ମାଧ୍ୟମରେ ସେପ୍ଟେମ୍ବର ମାସ ୩ ତାରିଖରେ ଏହି ପଞ୍ଚାୟତର ସ୍ୱତନ୍ତ୍ର ଅଧିବେଶନ ଡାକି ୱାର୍ଡ ମେମ୍ବର ଓ ସରପଞ୍ଚଙ୍କ ଉପସ୍ଥିତିରେ ଆଲୋଚନା ପରେ ଅନାସ୍ଥା ଭୋଟ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ସରପଞ୍ଚଙ୍କ ପକ୍ଷରୁ ରାଜ୍ୟ ଉଚ୍ଚ ନ୍ୟାୟାଳୟରେ ଏକ ରିଟ ପିଟିସନ ଦାଖଲ ହୋଇ ଥିବାବେଳେ ଏହାର ବିଚାର କରି କୋର୍ଟ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଭୋଟ ଫଳାଫଳ ପ୍ରକାଶ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ବାଲଟ ବାକ୍ସକୁ ଜଉମୁଦ ଅବସ୍ଥାରେ ଜିଲ୍ଲା ସ୍ୱତନ୍ତ୍ର କୋଷଗରରେ ସଂରକ୍ଷିତ ରଖାଯାଇଛି। ପ୍ରଶାସନର ତଦନ୍ତ ପରେ ଏହି ସବୁ କାର୍ଯ୍ୟ କରାଯିବ।ତେବେ ଫଳାଫଳ ଘୋଷିତ ନ ହେବା ପର୍ଯ୍ୟନ୍ତ କୌଣସି ନୂତନ କାର୍ଯ୍ୟ ଆରମ୍ଭ କରାଯିବ ନାହିଁ ବୋଲି କୁହାଯାଇଛି।

## ବ୍ରହ୍ମାକୁମାରୀ ସେବାକେନ୍ଦ୍ରର ବାର୍ଷିକୋତ୍ସବ

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ପାଣ୍ଡବପାଟଣାସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନୁଷ୍ଠାନର ସଞ୍ଚାଳିକା ବ୍ରହ୍ମାକୁମାରୀ ଉର୍ମିଳାଙ୍କ ସଭାପତିତ୍ୱ କରିଥିଲେ । ଉତ୍ସବରେ ଅତିଥି ଭାବେ ପୂର୍ବତନ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନାୟକ, ପ୍ରତିଷ୍ଠିତ ବ୍ୟବସାୟୀ ରଜନୀକାନ୍ତ ପରିଡ଼ା ଯୋଗଦେଇଥିଲେ ।

## କଣ୍ଟିଲୋ: ସ୍ଥାୟୀ ବସ୍‌ଷ୍ଟାଣ୍ଡ ଓ ଟାକ୍ସି ଷ୍ଟାଣ୍ଡ ନିର୍ମାଣ କେବେ ?

ଖଣ୍ଡପଡ଼ା,(ନି.ପ୍ର): ନୟାଗଡ ଜିଲ୍ଲାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ ପ୍ରଭୁ ଶ୍ରୀନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋ ଠାରେ ଏକ ସ୍ଥାୟୀ ବସ୍‌ଷ୍ଟାଣ୍ଡ କି ଟାକ୍ସି ଷ୍ଟାଣ୍ଡ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।ବର୍ଷ ବର୍ଷ ଧରି ଯାତ୍ରିବାହୀ ବସ୍‌ଗୁଡିକ ମୁଖ୍ୟ ରାସ୍ତା ପାର୍ଶ୍ୱରେ ପାର୍କିଂ କରୁଥିବାରୁ ସର୍ବଦା ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ସେହିପରି ବିଭିନ୍ନ ସ୍ଥାନକୁ ବସ୍ ଯୋଗେ ଯାତାୟାତ କରୁଥିବା ଯାତ୍ରୀମାନେ ରାସ୍ତା ପାର୍ଶ୍ୱରେ ଛିଡାହୋଇ ଯାତାୟାତ




କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶଥାଉକି ଖୋର୍ଦ୍ଧା ଜିଲ୍ଲାର ବାଘମାରୀ ଠାରୁ କଣ୍ଟିଲୋ ଦେଇ ଦଶପଲ୍ଲା ଅଞ୍ଚଳକୁ ସଂଯୋଗ କରୁଥିବା ୪୮ନଂ ରାଜ୍ୟ ରାଜପଥ ଦେଇ କିବା ଦିନ ଓ ରାତିରେ ଏକାଧିକ ଦୂରଗାମୀ ଯାତ୍ରିବାହୀ ବସ୍‌ଗୁଡ଼ିକ ଯାତାୟତ କରୁଛି। ରାତ୍ରିକାଳୀନ ବସ୍‌ରେ ଯାତାୟତ କରୁଥିବା ଯାତ୍ରୀମାନେ ସ୍ଥାୟୀ ବସଷ୍ଟାଣ୍ଡଟିଏ ନ ଥିବାରୁ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି। ସେହିପରି ବର୍ଷା ଓ ଶୀତଦିନେ ଯାତ୍ରୀମାନେ ବସ୍ ଯୋଗେ ଯାତାୟାତ ନିମନ୍ତେ ହନ୍ତସନ୍ତ ହେଉଥିବା ଜଣାପଡିଛି। ଅଞ୍ଚଳବାସୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି କଣ୍ଟିଲୋ ଠାରେ ଏକ ସ୍ଥାୟୀ ବସଷ୍ଟାଣ୍ଡ ଓ ଟାକ୍ସି ଷ୍ଟାଣ୍ଡ ନିର୍ମାଣ ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ରାଜ୍ୟ ସଡକ ପରିବହନ ନିଗମ କର୍ତ୍ତୃପକ୍ଷ,ନୟାଗଡ ଜିଲ୍ଲାପାଳ ଓ ଖଣ୍ଡପଡ଼ା ବିଧାୟକ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଦୁର୍ଗାପୂଜା ଉତ୍ସବ ପାଇଁ ପ୍ରସ୍ତୁତି

ଭଦ୍ରକ,(ନିପ୍ର): ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକର ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଭଦ୍ରକର ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ, ଡେପୁଟି କଲେକ୍ଟର (ବିଚାର) କାର୍ତ୍ତିକ ନାଥ ମଣ୍ଡଳ । ଏହାଛଡା ବିଭିନ୍ନ ଅଧିକାରୀ ଯଥା ଅଧୀକ୍ଷଣ ଯନ୍ତ୍ରୀ, ରାସ୍ତା ଓ ଗୃହ, ଅଧିକ୍ଷଣ ଯନ୍ତ୍ରୀ ବିଦ୍ୟୁତ ବିଭାଗ, ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା, ଅଧିକ୍ଷଣ ଯନ୍ତ୍ରୀ, ସାଳନ୍ଦୀ କେନାଲ ଡିଭିଜନ, ଅବକାରୀ ଅଧୀକ୍ଷକ, ଜିଲ୍ଲା ଅଗ୍ନିଶମ ଅଧିକାରୀ, ଚିକିତ୍ସାଧିକାରୀ ଡ.ସଙ୍ଗୀତା ବଳ, ଆଞ୍ଚଳିକ ପରିବହନ ଅଧିକାରୀ, ସହାୟକ ନିର୍ବାହୀ ଯନ୍ତ୍ରୀ, ପି.ଏଚ.ଡି, ଥାନା ଅଧିକାରୀ, ସହରାଞ୍ଚଳ/ଗ୍ରାମାଞ୍ଚଳଙ୍କ ସମେତ ଶାନ୍ତି କମିଟିର ସଦସ୍ୟ, ହିନ୍ଦୁ ସୁରକ୍ଷା ସମିତି, ମୁସଲିମ ଜମାତର କର୍ମକର୍ତ୍ତାଙ୍କ ସହିତ ବିଭିନ୍ନ ଦୁର୍ଗାପୂଜା କମିଟି ଯଥା ମା ବଙ୍କ ବାସୁଳୀ ଦୁର୍ଗାପୂଜା ଅନୁଷ୍ଠାନ, ଗାନ୍ଧି ପଡିଆ ଦୁର୍ଗାପୂଜା ଅନୁଷ୍ଠାନ ଅନୁଷ୍ଠାନର ସଭାପତି/ସଂପାଦକମାନେ ଉପସ୍ଥିତ ଥିଲେ । ସେମାନଙ୍କର ପୂଜା ଓ ଭସାଣି ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ ।

## ଜୋନସ୍ତରୀୟ କ୍ରୀଡା ଉତ୍ସବ ଉଦ୍‌ଘାଟିତ

ଚାରିଛକ,(ନିପ୍ର): ନିମାପଡା ବ୍ଲକ ଚାରିଛକସ୍ଥିତ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ ଦ୍ୱାରା ଆୟୋଜିତ ସବ୍ ଜୋନସ୍ତରୀୟ କବାଡି, ଖୋଖୋ କ୍ରୀଡା ପ୍ରତିଯୋଗୀତା ଉଦ୍‌ଘାଟନ ଉତ୍ସବ ନିକଟସ୍ଥ ତୁଳସୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । କ୍ରୀଡା ପ୍ରତିଯୋଗୀତା ଉତ୍ସବ ପ୍ରାରମ୍ଭରୁ ତୁଳସୀପୁର ଗ୍ରାମର କନକଦୁର୍ଗା ମନ୍ଦିରରୁ କ୍ରୀଡା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ମଶାଲ ଶୋଭା ବାହାରୀ କ୍ରୀଡା ଉତ୍ସବ ସ୍ଥଳରେ ପହଂଚିଥିଲା । ନିମାପଡା ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟକୁ ୪ଟି ଜୋନରେ ବିଭକ୍ତ କରାଯାଇଛି । ଚାରିଛକ ସବ୍-ଜୋନ କ୍ରୀଡା ସଂଗଠନର ସଂଯୋଜକ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମନସ୍ୱିନୀ ଲେଙ୍କାଙ୍କ ଅଧକ୍ଷତାରେ ଆୟୋଜିତ କ୍ରୀଡା ଉତ୍ସବରେ ମୁଖ୍ୟ ଅତିଥିଭାବେ ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ମିତ୍ରା ମହାପାତ୍ର,ମୁଖ୍ୟବକ୍ତା ଭାବେ ନିମାପଡା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ନନ୍ଦୀତା ସାହୁ,ସମ୍ମାନିତ ଅତିଥିଭାବେ ସାଂସଦଙ୍କ ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା,ଅତିରିକ୍ତ ମଣ୍ଡଳଶିକ୍ଷାଧିକାରୀ ସୁଦର୍ଶନ ଭୋଇ,ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ନାୟକ,ବ୍ରଜ କିଶୋର ସାହୁ,ଡେଜି ରାୟ,ଦ୍ୱିଜବର ମୁଦୁଲି,ନୀରଜଂନ କର,ଦାମୋଦର ମିଶ୍ର,କୈଳାସଚନ୍ଦ୍ର ସାହୁ,ସବିତା ମର୍ହା,ରଣଜିତ କେଶରୀ ନାୟକ,ପ୍ରଭାତ କୁମାର ଦାଶ,ରବୀନ୍ଦ୍ର କୁମାର ତ୍ରିପାଠୀଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ,ଶିକ୍ଷୟତ୍ରୀ ଓ କ୍ରୀଡା ଶିକ୍ଷକ, ଶିକ୍ଷୟତ୍ରୀମାନେ ଯୋଗଦେଇଥିଲେ । କୁନି କୁନି ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା।

ଏହି ଅବସରରେ ଶାରୀରିକ ଶିକ୍ଷା ଶିକ୍ଷକ ରାଜକିଶୋର ସାହୁ,ହରେକୃଷ୍ଣ ଚୌଧୁରୀ,ବିଚିତ୍ରାନନ୍ଦ ବେହେରା, ମୂରଲୀଧର ପ୍ରଧାନ, ନେତ୍ରାନନ୍ଦ



ବାରିକଙ୍କ ସମେତ ସମସ୍ତ ଶାରୀରିକ ଶିକ୍ଷକ ଶିକ୍ଷୟିତ୍ରୀ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥିଙ୍କ ଦ୍ୱାରା କ୍ରୀଡା ପତାକା ଉତୋଳନ ପରେ କ୍ରୀଡା ଶିକ୍ଷକ କ୍ରୀଡା ଆରମ୍ଭ କରିବାକୁ ଛାତ୍ର,ଛାତ୍ରୀମାନଙ୍କୁ ସଂକେତ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ତ୍ରିଲୋଚନ କର ସଂଯୋଜନା କରିବା ବେଳେ ଅବସରପ୍ରାପ୍ତ ଶାରୀରିକ ଶିକ୍ଷକ ମୂରଲୀଧର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଋଷିକୂଲ୍ୟା ଜିଲ୍ଲା ଗଠନ ନେଇ ତେଜିଲା ଆନ୍ଦୋଳନ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆସିକା ଓକିଲ ସଙ୍ଘ ଓ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ଆସିକା,(ନିପ୍ର): ଆସିକା ଓକିଲ ସଙ୍ଘ ଓ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଋଷିକୂଲ୍ୟା ଜିଲ୍ଲା ଦାବୀ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭଞ୍ଜନଗର ଉପଜିଲ୍ଲାପାଳଙ୍କ ମାଧ୍ୟମରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆସିକା ବାର ଆସୋସିଏସନ ନିକଟରୁ ଆସିକା ଓକିଲ ସଙ୍ଘ ଠାରେ ବଣିକ ସଙ୍ଘ, ପତଞ୍ଜଳି ଯୋଗ ସମିତି, ପୂର୍ବତନ କାଉନସିଲର, ମହିଳା ମଣ୍ଡଳ, ଆଇନଜୀବୀ, ବସ ମାଲିକ ସଙ୍ଘ, ଶିକ୍ଷାବିତ, ବୁଦ୍ଧିଜୀବୀ ସମସ୍ତେ ଏକତ୍ର ହୋଇ ଏକ ବିରାଟ ପଟୁଆରରେ ତହସିଲ କାର୍ଯ୍ୟାଳୟ ଠାରେ ପହଞ୍ଚି ଥିଲେ। ତହସିଲ କାର୍ଯ୍ୟାଳୟ ଠାରେ ଉପସ୍ଥିତ ଥିବା ଭଞ୍ଜନଗର ଉପଜିଲ୍ଲାପାଳ ଉମା ଶଙ୍କର ବେହେରା, ତହସିଲଦାର ସଙ୍ଗୀତା ସେଣଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ଉଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । କାର୍ଯ୍ୟକ୍ରମରେ ଓକିଲ ସଙ୍ଘର ସଭାପତି ଅଜିତ



ଚୌଧୁରୀ, ସମ୍ପାଦକ ନାରାୟଣ ମୁନି, ଦେବକାନ୍ତ ଶର୍ମା,ପ୍ରଭାତ କୁମାର ପାଢ଼ୀ, ସୁଧାଂଶୁ ପାଣିଗ୍ରାହୀ, ଦୁର୍ଗାଚରଣ ପଟ୍ଟନାୟକ, ଶରତେନ୍ଦୁ ପଣ୍ଡା, ସୁରେନ୍ଦ୍ର ନାଥ ପଣ୍ଡା, ସନ୍ତୋଷ କୁମାର ପାଣିଗ୍ରାହୀ, ଅମର ବିଶ୍ୱାଳ, ଶିଶିର କୁମାର ନାୟକ, ରୁଦ୍ର ପାଣିଗ୍ରାହୀ, ହର୍ଷ ରଞ୍ଜନ ପାଢ଼ୀ, ଅଜିତ ପଟ୍ଟନାୟକ, ଚନ୍ଦ୍ର ଶେଖର ପପାତ୍ର ଦିଲୀପ କୁମାର ପାଣିଗ୍ରାହୀ, ବିଦେଶୀ ନାୟକ,ମିହିର ଗୌଡ଼,ଶିବ ଶଙ୍କର ପାତ୍ର, ଖୋକନ ରାଓ,ଅଜିତ ପଟନାୟକ,ସୂର୍ଯ୍ୟ ପ୍ରକାଶ ରାଓ,ବଣିକ ସଙ୍ଘର ସୀମାଞ୍ଚଳ ପରିଡା, ବସ ମାଲିକ ସଙ୍ଘର ସନ୍ତୋଷ ପୋଲାଇ, ପୂର୍ବତନ କାଉନସିଲର ତାରିଣୀ ସେନାପତି, ପରିବେଶ ପ୍ରେମୀ ତଥା ଯୋଗ ଗୁରୁ ଗୁଣ୍ଡିଚା ମହାରଣା, ପତଞ୍ଜଳି ଯୋଗ ସମିତିର ସୁରେଶ କୁମାର ବିଷୋୟୀ ଆସିକା ଜର୍ଣ୍ଣାଲିଷ୍ଟ ଆସୋସିଏସନ ସଭାପତି ଅନିଲ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହିଥିଲେ । ଆସିକା ସାରା ରାଜ୍ୟରେ ଏହିପରି ଏକମାତ୍ର ସଂସଦୀୟ ନିର୍ବାଚନ ମଣ୍ଡଳୀ ଯାହାକି ନା ଗୋଟିଏ ଜିଲ୍ଲା ସଦର ମହକୁମା କିନ୍ତୁ ଏହା ହେଉଛି ଗଞ୍ଜାମ ଜିଲ୍ଲାର ଏକ ବ୍ୟବସାୟିକ, ରାଜନୈତିକ ଓ ଗଞ୍ଜାମ ଜିଲ୍ଲାର ଏକ ମଧ୍ୟବର୍ତ୍ତୀ ସ୍ଥଳୀ ଅଟେ। ଏହିଠାରୁ ଜିଲ୍ଲାର ଯେଉଁ ସହରକୁ ଯିବା ତାହା ଅତିବେଶିରେ ୪୦କିଲୋମିଟର ମଧ୍ୟରେ ହେବ। ଆସିକା ଠାରୁ ଶେରଗଡ଼, ହିଞ୍ଜିଳି, ଧରାକୋଟ, ପୋଲସରା, ବେଗୁନିଆପଡା, ସାନଖେମୁଣ୍ଡି, ଆଦି ସ୍ଥାନର ଦୂରତା ମାତ୍ର ୧୦ରୁ ୨୦ କିଲୋମିଟର ମଧ୍ୟରେ ହେବ। ଆସିକା ନିକଟବର୍ତ୍ତୀ ଶେରଗଡ଼, ହିଞ୍ଜିଳି, ଧରାକୋଟ,ପୋଲସରା, ବେଗୁନିଆପଡା, ସାନଖେମୁଣ୍ଡି, ବ୍ଲକ, ତହସିଲ ରହିଛି । ଏହା ଅଧୀନରେ ୧୧୩୦ ଗୋଟି ଗ୍ରାମ, ପ୍ରାୟ ୧୧ ଲକ୍ଷ ଜନ ସଂଖ୍ୟା ଅଛନ୍ତି। ତେଣୁ ରାଜ୍ୟ ସରକାର ଯଥାଶୀଘ୍ର ଆସିକାକୁ ରୁଷିକୂଲ୍ୟା ଜିଲ୍ଲା ଘୋଷଣା କରିବାକୁ ଆସିକାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦାବି ହୋଇଛି। ଯଦି ସରକାର ଅତିଶୀଘ୍ର ଜିଲ୍ଲାର ମାନ୍ୟତା ପ୍ରଦାନ ନ କରନ୍ତି ତେବେ ଏହି ଆନ୍ଦୋଳନ ତୀବ୍ରତର ହେବ ବୋଲି ଆନ୍ଦୋଳନକାରୀମାନେ କହିଛନ୍ତି।

ତିଥି : (ଷଷ୍ଠୀ/ସପ୍ତମୀ) : (କୃତ୍ତିକା ବୃଷ)
ଅମୃତବେଳା: ଦିବା ଘ୯ ।୩୭ ଗତେ ଘ ୧୨ ।୪୯ ମଧ୍ୟେ

## ଆଜିର ଅନୁଚିନ୍ତନ

ତୁମକୁ ଜିତିବାକୁ ହେଲେ ତୁମକୁ ବିଶ୍ୱାସ କରିବାକୁ ହେବ ଯେ ତୁମେ ଜିତିପାରିବ। -ଏଲ୍‌ଜି ଅକିତା

# ନଦୀ ଏକ ଜୀବନ୍ତ ସତ୍ତା...

ମହାନଦୀ ନଦୀତଟ ବିକାଶ (ରିଭରଫ୍ରଣ୍ଟ ଡେଭଲପମେଣ୍ଟ) ଯୋଜନାକୁ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିକଟରେ ମଂଜୁରି ପ୍ରଦାନ କରିଛନ୍ତି। ଯୋଜନାଟି ୨୦୨୫-୨୬ରୁ ଆରମ୍ଭ ହୋଇ ୨୦୨୭-୨୮ରେ ଶେଷ ହେବ। ଏଥିଲାଗି ଜଳସଂପଦ ବିଭାଗ ଖର୍ଚ୍ଚ କରିବ ୨୪୦କୋଟି ଟଙ୍କା। ଏହା ନିଶ୍ଚିତ ଯେ ମହାନଦୀ ତଟ ପର୍ଯ୍ୟଟନ ଦ୍ୱାରା ନଦୀକୂଳବର୍ତ୍ତୀ ସହରଗୁଡ଼ିକର ସାମାଜିକ ଓ ସାଂସ୍କୃତିକ ସୁବିଧା ନିଶ୍ଚୟ ଉପଲବ୍ଧ ହେବ। ଏଥିସହ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ଏହା ସତ୍ୟ ଯେ ତଟ ପର୍ଯ୍ୟଟନ ସହିତ ଆଲୋଚ୍ୟ ମହାନଦୀର ସୁସ୍ଥତା ରକ୍ଷା ହେଉଛି ସର୍ବ ପ୍ରଥମ, ଏହାକୁ ଗୁରୁତ୍ୱ ଦେବାକୁ ହେବ। କାରଣ ଏକଦା ଉତ୍ତରାଖଣ୍ଡ ହାଇକୋର୍ଟ ନଦୀ ସୁରକ୍ଷା ସଂପର୍କରେ ଏକ ମହତ୍ତ୍ୱପୂର୍ଣ୍ଣ ରାୟ ଦେବାବେଳେ ଟିପ୍ପଣୀ ରଖିଥିଲେ, ନଦୀ ଏକ ଜୀବନ୍ତ ସତ୍ତା ଓ ଏହାର ବଞ୍ଚିବାର ଅଧିକାର ରହିଛି। ଏହି ଟିପ୍ପଣୀର କେତେ ଗୁରୁତ୍ୱ ତାହା କେନ୍ଦ୍ର ଓ ରାଜ୍ୟ ସରକାରମାନେ ଉପଲବ୍ଧି କରିବା ଆବଶ୍ୟକ। କାରଣ ଯେକୌଣସି ନଦୀର ଅବାରିତ ଧାରା ତଥା ଶୁଦ୍ଧତା ହିଁ ତାହାର ପ୍ରାଣ। ଅଷ୍ଟ୍ରେଲିଆ, ଚିଲି, ଇକ୍ୟୁଡେର ଭଳି ଦେଶ ନଦୀ ସଂରକ୍ଷଣ ଆଇନ ଉପରେ ପ୍ରାଧାନ୍ୟ ଦେଇଆସୁଛନ୍ତି।

ସୁତରାଂ, ନଦୀ ସଂପର୍କରେ ଯେକୌଣସି ବିକାଶ ଯୋଜନା ହାତକୁ ନେବାବେଳେ ନଦୀର ସୁରକ୍ଷା ସବୁ ଦୃଷ୍ଟିରୁ ଯେପରି ସମ୍ଭବ ହେବ ତାହା ଖୁବ୍ ଗୁରୁତ୍ୱ ରଖେ। ଏ ସଂପର୍କରେ ସାମାନ୍ୟ ଆଲୋଚନା କରାଯାଇପାରେ। ଯଦି ନଦୀ ଗର୍ଭରୁ ଅତ୍ୟଧିକ ବାଲି ଚାଲିଯାଏ ତାହା ଦ୍ୱାରା ଜଳଧାରଣ ଶକ୍ତି ହ୍ରାସ ପାଇବାକୁ ଲାଗେ। ଭୂତଳକୁ ଜଳ ଯାଇପାରେ ନାହିଁ। ଏପରି ସ୍ଥଳେ ନଦୀତଟ ଅଞ୍ଚଳରେ ଶୁଷ୍କତା ଅନିବାର୍ଯ୍ୟ। ନଦୀର ମୂଳସ୍ରୋତ ଯେଉଁଠି ବାଧାପ୍ରାପ୍ତ ହୁଏ ବା ଯେଉଁ ପ୍ରକଳ୍ପ ଅବା ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ବ୍ୟାହତ ହେବା ଆଶଙ୍କା ଥାଏ ସେହି ସମସ୍ୟା ଦୂର କରିବା ଆବଶ୍ୟକ। ନଦୀର ମୂଳ ଛତିଶଗଡରୁ ଆରମ୍ଭ ହୋଇଥିବା ଏବଂ ସେଠାରେ ନିର୍ମିତ ଡ୍ୟାମଗୁଡ଼ିକ ଦ୍ୱାରା ଓଡ଼ିଶାରେ ପ୍ରବାହିତ ମହାନଦୀର ଜଳ ସ୍ରୋତ କେତେ ପ୍ରଭାବିତ ତାହା ରାଜ୍ୟ ସରକାର ଭଲ ଭାବେ ଜାଣନ୍ତି। ସେହି ସମସ୍ୟା ଦୂରୀକରଣ ଦିଗରେ ନିଷ୍ଠା ରହିବା ଆବଶ୍ୟକ। ନଦୀଶଯ୍ୟା ଆବର୍ଜନାରେ ଭରପୂର ହେବନାହିଁ। ତାହା ସଫା ରହିବା , ବାଲିଚୋରିକୁ ଅଟକାଯିବା, ଦୁଇପାର୍ଶ୍ୱ ବନୀକରଣ କରାଯିବା, ନଦୀ ପଠାରେ ଅନାବଶ୍ୟକ ଗଛଲତା ହଟାଯିବା, କୌଣସି ଶିଳ୍ପ ବା କଂପାନୀ ଦ୍ୱାରା ନଦୀ ଭିତରକୁ ରାସାୟନିକ ବର୍ଜ୍ୟ ଛଡ଼ା ଯିବ ନାହିଁ- ଏସବୁ ଗୁରୁତ୍ୱପୂର୍ଣ୍ଣ କି ନୁହେଁ ରାଜ୍ୟ ସରକାର ବେଶ୍ ଭଲ ଭାବେ ଜାଣନ୍ତି। ଅଧିକ ଜଳ ସାଇତି ରଖିବା ପାଇଁ ବିଶେଷଜ୍ଞ ଟିମ୍‌ଗୁଡ଼ିକର ସୁପାରିସ କ୍ରମେ ଜଳଭଣ୍ଡାର ପ୍ରତିଷ୍ଠା କରାଯିବା ଲୋଡ଼ା।

ଏଇଠି ସ୍ମରଣ କରାଯାଇପାରେ ଯେ, ହୀରାକୁଦ ଜଳଭଣ୍ଡାର ନିମ୍ନଭାଗରୁ ସମ୍ବଲପୁର ସହର ଦେଇ ପ୍ରାୟ ୮ କି.ମି ପର୍ଯ୍ୟନ୍ତ ବହୁ କଳକାରଖାନା, ଚାଉଳ କଳ, ସରକାରୀ ଓ ଘରୋଇ ଡାକ୍ତରଖାନା ପ୍ରଭୃତିରୁ ବାହାରୁଥିବା ବର୍ଜ୍ୟଜଳ ଯାଉଛି କୁଆଡ଼େ ? ତାହା ସିଧାସଳଖ ମହାନଦୀରେ ମିଶୁନାହିଁ ତ ! ସଂପୃକ୍ତ କଳକାରଖାନା ଓ ସଂସ୍ଥାଗୁଡ଼ିକ ବର୍ଜ୍ୟଜଳ ପରିଷ୍କାର ପ୍ରକଳ୍ପ ଯଥାର୍ଥ ଭାବରେ ବସାଇଛନ୍ତି କି ? ଏ ସବୁକୁ ବିଚାରିବାକୁ ହେବ। ସାଧାରଣତଃ ଶିଳ୍ପ କାରଖାନା ପ୍ରଭୃତିରୁ ବାହାରୁଥିବା ବର୍ଜ୍ୟଜଳରେ ପାରଦ, ସୀସା, ଆର୍ସେନିକ, କାଡମିୟମ ଭଳି ରାସାୟନିକ ପଦାର୍ଥ ପାଣିର ଗୁଣକୁ ନଷ୍ଟ କରିବା ସାଙ୍ଗକୁ ଜନସ୍ୱାର୍ଥକୁ ପ୍ରଭାବିତ କରିଥାଏ। ଏହା ଜଣାଶୁଣା। ସୁତରାଂ ମହାନଦୀ ତଟବର୍ତ୍ତୀ ଅଞ୍ଚଳରେ ଏହାର ଅନୁଧ୍ୟାନ ଠିକଣା ଭାବେ କରାଯିବା ଦରକାର। ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା। ଏହାକୁ ଉଦ୍ଧାରଣ କରାଯିବା ବେଳେ ଏହାର ସୁସ୍ଥତା ବିଚାରିବାକୁ ହେବ। ଏକ ତଥ୍ୟ ମୁତାବକ ଓଡ଼ିଶାର ମହାନଦୀ, ବ୍ରାହ୍ମଣୀ, ଦୟା, ଗଙ୍ଗୁଆ ଏପରି ୧୯ଗୋଟି ନଦୀ ପ୍ରଦୂଷିତ ହୋଇ ରହିଛି। ଏ ପରିପ୍ରେକ୍ଷୀରେ କୁହାଯାଇପାରେ ଯେ ମହାନଦୀ ପାଇଁ ଗଙ୍ଗା ପୁନର୍ଜୀବନ ଅଭିଯାନ ଭଳି ଦୀର୍ଘସୂତ୍ରୀ ଯୋଜନାର ଆବଶ୍ୟକତା ରହିଛି।

# ଅଧିକ ବ୍ୟାୟାମରୁ ଯନ୍ତ୍ରଣା

## ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର

ଆଜିକାଲି ପିଲାଙ୍କ ଠାରୁ ବୟସ୍କ ଅନେକ ନିଜ ଶାରୀରିକ ସାମର୍ଥ୍ୟ ବଢ଼ାଇବା ପାଇଁ ପ୍ରାୟତଃ ଏକ୍ସରସାଇଜ ବା ବ୍ୟାୟାମ କରିଥାନ୍ତି। ଆମ ଓଡ଼ିଆରେ ଏକ ଲୋକପ୍ରିୟ କଥାଟି ଅଛି - 'ଜଳ ବହୁଳେ ସୃଷ୍ଟିନାଶ, ଜଳ ବିହୁନେ ସୃଷ୍ଟି ନାଶ'। ଅର୍ଥାତ୍ ଶାରୀରିକ ସାମର୍ଥ୍ୟ ପାଇଁ ଯେତିକି ଆମ ପାଇଁ ଏକ୍ସଇସାଇଜ ବା ବ୍ୟାୟାମ ଦରକାର ସେତିକି ଆମେମାନେ କରିବା ଆବଶ୍ୟକ। ଅନାବଶ୍ୟକ ଭାବେ ଶକ୍ତି କ୍ଷୟ କରି ଏକ୍ସରସାଇଜ କରିବା ଦ୍ୱାରା ଅନେକ ଅନାବଶ୍ୟକ ଓ ଶରୀର ପାଇଁ କ୍ଷତିକାରୀ ସମସ୍ୟା ସୃଷ୍ଟି ହୋଇଥାଏ। ଚିକିତ୍ସା ବିଜ୍ଞାନ ହୃଦୟ ମାଂସପେଶୀରେ ରକ୍ତ ସଞ୍ଚାଳନ କମ୍ ହେଲେ 'ଆଞ୍ଜାଇନା' ହୁଏ। ଏହା ରକ୍ତ ଶରୀରରେ ଅମ୍ଳଜାନ ବହନ କରିବାର କାର୍ଯ୍ୟ କରିଥାଏ। ହୃଦ ମାଂସପେଶୀ ମଧ୍ୟ ଅମ୍ଳଜାନ ଆବଶ୍ୟକତା କରେ। ଯେତେବେଳେ ହୃଦ୍ ମାଂସପେଶୀ ଯଥେଷ୍ଟ ଅମ୍ଳଜାନ ପାଏ ନାହିଁ, ଏହା 'ଇସକେମିଆ' ନାମକ ଏକ ଅବସ୍ଥା ସୃଷ୍ଟି କରେ। ଏହି ଅବସ୍ଥାରେ ଆଞ୍ଜାଇନା ସମସ୍ୟା ସୃଷ୍ଟି ହୁଏ।

ଅନେକ ହୁଏତ ଜାଣିନଥାନ୍ତି ଆଞ୍ଜାଇନାରେ ଛାତି ଯନ୍ତ୍ରଣା ଏକ ମୁଖ୍ୟ ସମସ୍ୟା। ଏହା ବ୍ୟତୀତ ବେକ ଓ କାନ୍ଧ ଯନ୍ତ୍ରଣା, ପେଟ ଜ୍ୱଳନ, ଝାଳ ବାହାରିବା, ଅସ୍ତବ୍ୟସ୍ତ ଲାଗିବା ମୁଣ୍ଡ ବୁଲାଇବା, ଦେହ ଥରିବା, ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା, ମୁଖରେ ଦରଜ ଅନୁଭବ ହେବା ଓ ପିଠିରେ ଯନ୍ତ୍ରଣା ହୋଇଥାଏ।

ଅତ୍ୟଧିକ ଏକ୍ସରସାଇଜ ଏହାର ମୁଖ୍ୟ କାରଣ ହୋଇଥାଏ। ଏହା ବ୍ୟତୀତ ଅଧିକ ସମୟ ଥଣ୍ଡା ସ୍ଥାନରେ ରହିଲେ, ତମାଖୁ ସେବନ କଲେ, ମଧୁମେହ ଥିଲେ, ଉଚ୍ଚରକ୍ତଚାପ, ଉଚ୍ଚ କୋଲେଷ୍ଟ୍ରୋଲ ଥିଲେ ଏବଂ ଇମୋସନ ଷ୍ଟ୍ରେସରେ ରହିଲେ ଆଞ୍ଜାଇନା ସମସ୍ୟା କ୍ଷଣସ୍ଥାୟୀ। ବିଶ୍ରାମ ନେଲେ ସମସ୍ୟା ଦୂର ହୋଇଯାଏ। ଯନ୍ତ୍ରଣାର ସମୟକୁ ଦୃଷ୍ଟିରେ ରଖି ଆଞ୍ଜାଇନାକୁ ୩ ଭାଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲା ଷ୍ଟେବଲ ଆଞ୍ଜାଇନା, ଅନଷ୍ଟେବଲ ଆଞ୍ଜାଇନା ଏବଂ ଭାରିଆଣ୍ଟ ଆଞ୍ଜାଇନା।

ଗୋଟିଏ ଛୋଟିଆ ପରାମର୍ଶକୁ ଗ୍ରହଣ କରନ୍ତୁ। ଅଳ୍ପ ସମୟ ବିଶ୍ରାମ ନେଲେ ଷ୍ଟେବଲ ଆଞ୍ଜାଇନା ସମସ୍ୟା ଦୂର ହେଉଥିବାବେଳେ, ଅନଷ୍ଟେବଲ ଆଞ୍ଜାଇନାରେ ୨୦ରୁ ୪୦ ମିନିଟ ପର୍ଯ୍ୟନ୍ତ ବିଶ୍ରାମ ନେବାକୁ ପଡ଼ିଥାଏ। କେତେକ କ୍ଷେତ୍ରରେ ଏହି ସମସ୍ୟା ଭଲ ହେବାରେ ଦୁଇଦିନ ସମୟ ଲାଗିଯାଏ। ଏହି ଅବସ୍ଥାକୁ ଭାରିଆଣ୍ଟ ଆଞ୍ଜାଇନା କୁହନ୍ତି।

ଭାରିଆଣ୍ଟ ଆଞ୍ଜାଇନାର ସମସ୍ୟା କଷ୍ଟକର ହୋଇଥାଏ। ଏଥିରେ ଅସହ୍ୟ ଛାତି ଯନ୍ତ୍ରଣା ସହ ଅନ୍ୟାନ୍ୟ ଶାରୀରିକ ସମସ୍ୟା ଦେଖାଯାଏ। ଉପଶମ ଲାଗି ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ସେବନ ସହ ବହୁ ଦିନ ପର୍ଯ୍ୟନ୍ତ ବିଶ୍ରାମ ନେବାକୁ ହୋଇଥାଏ। ଅତ୍ୟଧିକ ବ୍ୟାୟାମ କରନ୍ତୁ ନାହିଁ। ନିୟମିତ ବ୍ୟବଧାନରେ ହୃଦ୍‌ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ସୁଷମ ଖାଦ୍ୟ ଓ ଯଥାସମ୍ଭବ ନିରାମିଷ ଖାଦ୍ୟ ଭଲ। ସବୁଜ ପନିପରିବା ଓ ତଟକା ଫଳ ଖୁବ ଭଲ। ନିର୍ଦ୍ଧାରିତ ସମୟରେ ଖାଇବା ଓ ଶୋଇବା ଗ୍ରହଣ କରନ୍ତୁ। କୌଣସି ପରିସ୍ଥିତିରେ ଦେଶୀୟ ଚିକିତ୍ସାକୁ ଗ୍ରହଣ କରନ୍ତୁ ନାହିଁ। ସର୍ବଦା ନିକଟସ୍ଥ ସରକାରୀ ଡାକ୍ତରଖାନାର ସୁଯୋଗ ନିଅନ୍ତୁ। ବ୍ୟାୟାମ କରୁଥିଲେ ଅଭିଜ୍ଞ ଓ ପ୍ରଶିକ୍ଷିତ ଟ୍ରେନରଙ୍କ ଠାରୁ ଶିକ୍ଷା ଗ୍ରହଣ କରନ୍ତୁ। ଅଧିକ ଏକ୍ସରସାଇଜ କେବଳ ହୃଦ୍‌ରୋଗ ନୁହେଁ ହୃଦ୍‌ରୋଗ ସମ୍ପର୍କିତ ଅନେକ ରୋଗ ପାଇଁ କାରଣ ସାଜିଥାଏ। ତେଣୁ ଏ କ୍ଷେତ୍ରରେ ନିଜେ ନିଜ ହୃଦୟକୁ ସୁରକ୍ଷିତ ରଖି ଆପଣ ଯେ ଆପଣଙ୍କ ହୃଦୟକୁ ଭଲ ପାଆନ୍ତି ତାହା ପ୍ରମାଣିତ କରନ୍ତୁ।

ପ୍ରଫେସର, ହୃଦ୍‌ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ

# ଜିଏସ୍‌ଟି ବ୍ୟବସ୍ଥା: ତ୍ରୁଟି ସୁଧାରିଛନ୍ତି ସରକାର

## ଗୋପାଳ ମହାପାତ୍ର

**ନୂଆ ଜିଏସ୍‌ଟି ଲାଗୁ ହେଲେ କ୍ୟାନସରର ଔଷଧ ଉପରେ ଟିକସ ଲାଗିବ ନାହିଁ। ଦୁଗ୍ଧ, ଛେନା, ପାଉରୁଟି ଭଳି ଲୋକଙ୍କ ଦୈନନ୍ଦିନର ଉପଯୋଗୀ ୧୭୫ଟି ବସ୍ତୁ ଶସ୍ତା ହୋଇଯିବ। ହେୟାର ଅଏଲ, ସାବୁନ, ଶାମ୍ପୁ, ଟୁଥବ୍ରସ, ରୋଷେଇ ସାମଗ୍ରୀ ଉପରେ ଏବେ ୫ ପ୍ରତିଶତ ଜିଏସ୍‌ଟି ଲାଗିବ। ୩୩ଟି ଜୀବନ ରକ୍ଷକ ଔଷଧ ଉପରେ ଶୂନ୍‌ରୁ ୧୨ ପ୍ରତିଶତ ଟିକସ ଲାଗିବ। ବ୍ୟକ୍ତିଗତ ସ୍ୱାସ୍ଥ୍ୟ ବୀମା ଏବଂ ଜୀବନବୀମା ଉପରେ ଏବେ ଜିଏସ୍‌ଟି ଲାଗିବ ନାହିଁ। ୨୦୧୭ ଜିଏସ୍‌ଟି ଅନୁସାରେ ବୀମା ପ୍ରିମିୟମ ଉପରେ ୧୮ ପ୍ରତିଶତ ଜିଏସ୍‌ଟି ଲାଗୁଥିଲା। କିନ୍ତୁ ଏବେ ବି ଜଣାପଡିନାହିଁ ଯେ ବୀମା କମ୍ପାନୀମାନେ ଉପଭୋକ୍ତାଙ୍କୁ କେମିତି ରିହାତି ଦେବେ? କାରଣ କମ୍ପାନୀମାନେ ତାଙ୍କ କ୍ଷତି ଭରଣା ବାବଦରେ ଗ୍ରାହକଙ୍କ ଠାରୁ ହିଁ ଆଦାୟ କରିବେ।**

୨୦୧୭ ମସିହା ଜୁନମାସ ୩୦ ତାରିଖ ଏବଂ ୧ ଜୁଲାଇର ମଧ୍ୟରାତ୍ରରେ ସଂସଦ ଭବନକୁ ବିଜୁଳି ଆଲୁଅ ଏବଂ ଫୁଲରେ ସଜା ଯାଇଥିଲା। ଆଲୋକମାଳାରେ ସଜ୍ଜିତ ସଂସଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆର୍ଥିକ ସ୍ୱାଧୀନତାର ଘୋଷଣା କରିଥିଲେ। ତାହା ପୁଣି ମଧ୍ୟ ରାତ୍ରୀରେ। ଜାତୀୟ ଗଣମାଧ୍ୟମମାନେ ଏହାକୁ ଭାରତ ପାଇଁ ଏକ ଐତିହାସିକ କ୍ଷଣ ବୋଲି କହିଥିଲେ। ମଧ୍ୟରାତ୍ରୀରେ ଘୋଷଣା କରିବାର ଉଦ୍ଦେଶ୍ୟ ସ୍ପଷ୍ଟ ଥିଲା ଯେ ପଣ୍ଡିତ ନେହେରୁ ମଧ୍ୟରାତ୍ରୀରେ ଦେଶର ସ୍ୱାଧୀନତା ଘୋଷଣା କରିଥିଲେ। ଏଣୁ କୌଣସି ପ୍ରକାରେ ନେହେରୁଙ୍କ ସମକକ୍ଷ ହେବା ପାଇଁ ନରେନ୍ଦ୍ର ମୋଦି ଜିଏସ୍‌ଟି ବାବଦରେ ଘୋଷଣା କରିଥିଲେ । ଏହାକୁ ଆର୍ଥିକ ସ୍ୱାଧୀନତା ବୋଲି କହିଥିଲେ। ଜୁଲାଇ ୧ ତାରିଖ ୨୦୧୭ ଠାରୁ ଗୁଡ୍‌ସ୍ ଏଣ୍ଡ ସର୍ଭିସେସ ଟ୍ୟାକ୍ସ ( ଜିଏସ୍‌ଟି) ଲାଗୁ ହେଲା ଏବଂ ଏଥିରେ ଭାଟ, ସେବା କର ଏବଂ ଏକସାଇଜ ଡ୍ୟୁଟିକୁ ମିଶାଇ ଦିଆଗଲା।

କିନ୍ତୁ ଯେମିତି ବିମୁଦ୍ରାକରଣ ବିଫଳ ହେଲା ସେହିପରି ଜିଏସ୍‌ଟିରେ ଥିବା ତ୍ରୁଟି ବିଚ୍ୟୁତି ମଧ୍ୟ ଜଣାପଡିଲା। କେବଳ ବ୍ୟବସାୟୀ ନୁହନ୍ତି




ସାଧାରଣ ଲୋକଙ୍କ ପାଇଁ ଏହା ମାରକ ସାବ୍ୟସ୍ତ ହେଲା। ଗତ ଅଗଷ୍ଟ ୧୫ ତାରିଖରେ ପ୍ରଧାନମନ୍ତ୍ରୀ ଦେଶକୁ ସମ୍ବୋଧିତ କରିବାବେଳେ ଜିଏସ୍‌ଟିରେ ପରିବର୍ତ୍ତନ କରାଯିବ ବୋଲି କହିଥିଲେ। ତାଙ୍କ ହିସାବରେ ଜନସାଧାରଣଙ୍କୁ ଏହା ହେଉଛି ଦୀପାବଳିର ଉପହାର। କିନ୍ତୁ ବୋଧହୁଏ ବିହାର ନିର୍ବାଚନ କାରଣରୁ ଦୀପାବଳି ପୂର୍ବରୁ ଜିଏସ୍‌ଟିର ଦରରେ ପରିବର୍ତ୍ତନ କରାଗଲା ଓ ସେପ୍ଟେମ୍ବର ୨୨ (ଚଳିତମାସ) ଠାରୁ ଏହା ଲାଗୁ ହେବ।

ଜିଏସ୍‌ଟି ପରିଷଦ ସେପ୍ଟେମ୍ବର ୩ ତାରିଖରେ ଏହି ପରିବର୍ତ୍ତନ ବାବଦରେ ମଞ୍ଜୁରି ଦେଇଥିଲେ। ଏବେ ୧୨ ପ୍ରତିଶତ ଏବଂ ୨୮ ପ୍ରତିଶତର ଜିଏସ୍‌ଟି ହାର (ସ୍ଲାବ) ବଦଳରେ ୫ ପ୍ରତିଶତ ଏବଂ ୧୮ ପ୍ରତିଶତ ହାର ରହିବ। କିନ୍ତୁ ସିଗାରେଟ, ମଦ, ହେଲିକପ୍ଟର ଓ ଅନ୍ୟ କେତେକ ଜିନିଷ ଉପରେ ୪୦ ପ୍ରତିଶତ ବିଶେଷ ଟିକସ ଲାଗୁ ହେବ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏ ପ୍ରସଙ୍ଗରେ କହିଛନ୍ତି ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ପରିବର୍ତ୍ତନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ସାଧାରଣ ଲୋକ, କୃଷକ, ମଧ୍ୟମ ବର୍ଗ ଏବଂ ଏମ୍‌ଏସ୍‌ଏମ୍‌ଇ ଏହି ନୂତନ ଜିଏସ୍‌ଟି ବ୍ୟବସ୍ଥା ପାଇଁ ଲାଭବାନ ହେବେ। ଜାତୀୟ ଗଣମାଧ୍ୟମ ଏହି ନୂତନ ଜିଏସ୍‌ଟି ବ୍ୟବସ୍ଥାର ପ୍ରସାର କରିବା ସହ ପୁନଃ ଚରଣ ବନ୍ଦନାରେ ଲାଗିପଡିଲେ। ଏହାକୁ ମୋଦିଙ୍କ ମାଷ୍ଟରଷ୍ଟ୍ରୋକ ବୋଲି କୁହାଗଲା। କିନ୍ତୁ ଅସଲ କଥା କଂଗ୍ରେସର ଦୀର୍ଘଦିନର ପରାମର୍ଶ ଏପରିକି ଜିଏସ୍‌ଟିକୁ ସମାଲୋଚନା ସର୍ବୋପରି ଏହି ବ୍ୟବସ୍ଥା ଯୋଗୁଁ ସାଧାରଣ ଜନତା ପ୍ରଭାବିତ ହେବା କାରଣରୁ ସରକାର ତାଙ୍କର ତ୍ରୁଟିକୁ ସୁଧାରିଛନ୍ତି। ୨୦୧୭ରେ ଯେଉଁ ଜିଏସ୍‌ଟି ଲାଗୁ କରାଯାଇଥିଲା ସେଥିରେ ଲୋକଙ୍କ ଦୈନନ୍ଦିନର ବ୍ୟବହାର୍ଯ୍ୟ ଜିନିଷ ଠାରୁ ଆରମ୍ଭ କରି ଜୀବନ ରକ୍ଷକ ଔଷଧ ଉପରେ ଜିଏସ୍‌ଟି ଲଗାଯାଇଥିଲା। ଏବେ ସରକାର ଏହାକୁ ସାଧାରଣ ଲୋକଙ୍କ ପାଇଁ ଲାଭ ବୋଲି କହୁଛନ୍ତି।

୨୦୧୭ ପରଠାରୁ ରାହୁଲ ଗାନ୍ଧୀ ଅନେକ ବାର କହିଛନ୍ତି ଯେ ଗରିବ, ମଧ୍ୟମବର୍ଗ ଏବଂ ଏମ୍‌ଏସ୍‌ଏମ୍‌ଇକୁ ଧ୍ୟାନରେ ରଖି ଟିକସ ଦର ଧାର୍ଯ୍ୟ କରାଯାଉ । କିନ୍ତୁ ତାଙ୍କ କଥାକୁ ସରକାର ଗୁରୁତ୍ୱ ଦେଉ ନ ଥିଲେ। ୨୦୧୭ରେ ଜିଏସ୍‌ଟି ଲାଗୁ ହେବା ପରେ ସାର, ବହି, ଔଷଧ, ପାଠପଢ଼ା ଖର୍ଚ୍ଚ, ଦୁଗ୍ଧ-ଦହି, ଅଟା- ଚାଉଳ ଏପରିକି ପିଲାଙ୍କ ଖାତା ଓ ପେନସିଲ, ଅକସିଜେନ, ବୀମା ଏବଂ ଚିକିତ୍ସା ଖର୍ଚ୍ଚ ମହଙ୍ଗା ହୋଇ ଯାଇଥିଲା।

ଦେଶରେ ପ୍ରଥମଥର ପାଇଁ କୃଷକଙ୍କ ଉପରେ ଟିକସ ଲାଗୁ କରାଯାଇଥିଲା। ସରକାର କୃଷି କ୍ଷେତ୍ରର ପାଖାପାଖି ୩୬ଟି ବସ୍ତୁ ଉପରେ ଜିଏସ୍‌ଟି ଲଗାଇଥିଲେ। କିନ୍ତୁ ୨୦୧୭ର ଭୁଲକୁ ସୁଧାରି ଏବେ ଏହାକୁ ଉପହାର ବୋଲି କହୁଛନ୍ତି। ନୂଆ ଜିଏସ୍‌ଟି ଲାଗୁ ହେଲେ କ୍ୟାନସରର ଔଷଧ ଉପରେ ଟିକସ ଲାଗିବ ନାହିଁ। ଦୁଗ୍ଧ, ଛେନା, ପାଉଁରୁଟି ଭଳି ଲୋକଙ୍କ ଦୈନନ୍ଦିନର ଉପଯୋଗୀ ୧୭୫ଟି ବସ୍ତୁ ଶସ୍ତା ହୋଇଯିବ। ହେୟାର ଅଏଲ, ସାବୁନ, ଶାମ୍ପୁ, ଟୁଥବ୍ରସ, ରୋଷେଇ ସାମଗ୍ରୀ ଉପରେ ଏବେ ୫ ପ୍ରତିଶତ ଜିଏସ୍‌ଟି ଲାଗିବ। ୩୩ଟି ଜୀବନ ରକ୍ଷକ ଔଷଧ ଉପରେ ଶୂନ୍‌ରୁ ୧୨ ପ୍ରତିଶତ ଟିକସ ଲାଗିବ। ବ୍ୟକ୍ତିଗତ ସ୍ୱାସ୍ଥ୍ୟ ବୀମା ଏବଂ ଜୀବନବୀମା ଉପରେ ଏବେ ଜିଏସ୍‌ଟି ଲାଗିବ ନାହିଁ। ୨୦୧୭ ଜିଏସ୍‌ଟି ଅନୁସାରେ ବୀମା ପ୍ରିମିୟମ ଉପରେ ୧୮ ପ୍ରତିଶତ ଜିଏସ୍‌ଟି ଲାଗୁଥିଲା। କିନ୍ତୁ ଏବେ ବି ଜଣାପଡିନାହିଁ ଯେ ବୀମା କମ୍ପାନୀମାନେ ଉପଭୋକ୍ତାଙ୍କୁ କେମିତି ରିହାତି ଦେବେ? କାରଣ କମ୍ପାନୀମାନେ ତାଙ୍କ କ୍ଷତି ଭରଣା ବାବଦରେ ଗ୍ରାହକଙ୍କ ଠାରୁ ହିଁ ଆଦାୟ କରିବେ।

ମୁଖ୍ୟ କଥା ହେଉଛି ଥରେ ଯଦି କୌଣସି ଜିନିଷରେ ଦର ବଢ଼ିଗଲା ତେବେ ପୁଣି କମିବା ପ୍ରାୟତଃ ଅସମ୍ଭବ। ଏଣୁ ଯେଉଁମାନେ ଭାବୁଛନ୍ତି ଯେ ସରକାର ଦୀପାବଳିର ଉପହାର ଦେଇଛନ୍ତି ସେମାନେ ଅଧିକ ଖୁସି ହେବା ଉଚିତ ନୁହେଁ। ନୂଆ ଜିଏସ୍‌ଟି ଲାଗୁ ହେବା ପରେ ହିଁ ଜଣାପଡିବ ଜିନିଷ ଶସ୍ତା ହେଉଛି ନା ଅନ୍ୟ କୌଣସି ପ୍ରକାରରେ ଦର ବଢ଼ାଯାଉଛି। ଏମିତିରେ ଦେଖିଲେ ସ୍ପଷ୍ଟ ଯେ ଏଇ ସରକାରଙ୍କ ଟ୍ରାକ ରେକର୍ଡ ହେଉଛି ଶିଳ୍ପପତିଙ୍କୁ ଫାଇଦା ଦେବା। ଜିଏସ୍‌ଟି ପ୍ରସଙ୍ଗରେ କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ଜିଏସ୍‌ଟି ବାବଦରେ ମିଳୁଥିବା ରାଜସ୍ୱର ଦୁଇ-ତୃତୀୟାଂଶ ଗରିବ ଏବଂ ମଧ୍ୟମ ବର୍ଗଙ୍କ ପକେଟରୁ ହିଁ ଯାଇଥାଏ। ଧନକୁବେରମାନଙ୍କ ଠାରୁ ମାତ୍ର ୩ ପ୍ରତିଶତ ଜିଏସ୍‌ଟି ଆଦାୟ କରାଯାଇଥାଏ। ଏବେ କର୍ପୋରେଟ ଟିକସ ୩୦ ପ୍ରତିଶତକୁ ହ୍ରାସ କରାଯାଇ ୨୨ ପ୍ରତିଶତ କରାଯାଇଛି। ଏକ ଦେଶ ଏକ ଟିକସ କଥା କହି ମୋଦି ସରକାର ଶୂନ୍ ପ୍ରତିଶତ, ୫ ପ୍ରତିଶତ, ୧୨ ପ୍ରତିଶତ, ୧୮ ପ୍ରତିଶତ, ୨୮ ପ୍ରତିଶତ ହାର ସହ ୦.୨୫ ପ୍ରତିଶତ, ୧.୫ ପ୍ରତିଶତ, ୩ ପ୍ରତିଶତ ଏବଂ ୬ ପ୍ରତିଶତର ବିଶେଷ ହାର ବାଲା ଏକ ଦେଶ ୯ ଟିକସପ୍ରଣାଳୀ ଲାଗୁ କରିଥିଲେ। ଜିଏସ୍‌ଟିକୁ ମୋଦିଙ୍କର ଏକ ବଡ଼ ସଫଳତା ଭାବେ ପେଶ କରାଯାଉଥିଲା। କିନ୍ତୁ ଏଥିରେ ପରିବର୍ତ୍ତନ କାରଣରୁ ସ୍ପଷ୍ଟ ଯେ ୧୪୨ କୋଟିରୁ ଅଧିକ ଜନତାକୁ ପ୍ରଭାବିତ କଲାଭଳି ଜିଏସ୍‌ଟି ବ୍ୟବସ୍ଥା ବାବଦରେ ସେତେବେଳେ କେନ୍ଦ୍ର ସରକାର ଠିକ୍ ଭାବରେ ବିଚାର ବିମର୍ଶ କରିନଥିଲେ। ୨୦୦୫ ମସିହା ଫେବୃୟାରୀ ୨୮ ତାରିଖରେ ତତ୍କାଳୀନ ଉପା ସରକାର ଲୋକ ସଭାରେ ଜିଏସ୍‌ଟି ବାବଦରେ ଔପଚାରିକ ଭାବେ ଘୋଷଣା କରିଥିଲେ। ୨୦୧୧ରେ ତତ୍କାଳୀନ କେନ୍ଦ୍ର ଅର୍ଥମନ୍ତ୍ରୀ ଜିଏସ୍‌ଟି ବିଲ୍ ଆଗତ କରିଥିଲେ। କିନ୍ତୁ ସେ ସମୟରେ ଗୁଜରାଟର ମୁଖ୍ୟମନ୍ତ୍ରୀ (ବର୍ତ୍ତମାନର ପ୍ରଧାନମନ୍ତ୍ରୀ) ଜିଏସ୍‌ଟିର ଘୋର ବିରୋଧ କରିଥିଲେ। ଏବେ ଜିଏସ୍‌ଟି ନିଜର ବଡ଼ ଉପଲବ୍ଧି ବୋଲି କହୁଛନ୍ତି।

ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

# ରାଧାକ୍ରିଷ୍ଣନଙ୍କ ପାଇଁ ଚ୍ୟାଲେଞ୍ଜ

## ସୌଭାଗ୍ୟ ରଞ୍ଜନ ମହାନ୍ତି

**ନିର୍ବାଚନରେ ବିଜେପିର ଗୋଟି ଚାଳନା ପୁଣି ଥରେ ସଫଳ ହୋଇଛି। ବିରୋଧୀ ମେଣ୍ଟ ନିଜ ସାଂସଦଙ୍କୁ ଏକଜୁଟ ରଖିବାରେ ବିଫଳ ହୋଇଛି। ରାଜନୀତିରେ ବିପୁଳ ଅଭିଜ୍ଞତା ଥିବା ରାଧାକ୍ରିଷ୍ଣନଙ୍କ ଠାରୁ ଦେଶବାସୀ ବହୁତ କିଛି ଆଶା କରନ୍ତି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆରଏସଏସ)ର ଜଣେ ସମର୍ପିତ ସେବକ ଭାବେ ବାଲ୍ୟକାଳରୁ କାର୍ଯ୍ୟ ଆରମ୍ଭ କରିଥିବା ରାଧାକ୍ରିଷ୍ଣନ ଦୁଇ ଥର ଲୋକସଭାକୁ ନିର୍ବାଚିତ ହୋଇଥିଲେ। ଅତୀତରେ ବିଜେପିର ତାମିଲନାଡୁ ରାଜ୍ୟଶାଖାର ସଭାପତି ଭାବେ ସେ ନଦୀ ସଂଯୋଗ, ଅସ୍ପୃଶ୍ୟତା ନିବାରଣ, ଆତଙ୍କବାଦର ମୁକାବିଲା ୟୁନିୟନ ସିଭିଲ କୋଡ୍ ପ୍ରଚଳନ ଦାବିରେ ରାଜ୍ୟରେ ୯୩ ଦିନିଆ ରଥଯାତ୍ରା କରି କରି ଦଳର ମୂଳଦୁଆକୁ ଦୃଢ କରିପାରିଥିଲେ।**

ଦେଶର ଦ୍ୱିତୀୟ ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ତଥା ୧୫ତମ ଉପରାଷ୍ଟ୍ରପତି ଭାବେ ଚନ୍ଦ୍ରପୁରମ୍ ପୋନୁସ୍ୱାମୀ ରାଧାକ୍ରିଷ୍ଣନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତାରେ ବିରୋଧୀ ମେଂଟ 'ଇଣ୍ଡିଆର ମେଣ୍ଟ' ଇଣ୍ଡିଆର ପ୍ରାର୍ଥୀ ଜଷ୍ଟିସ ବି.ସୁଦର୍ଶନ ରେଡୀଙ୍କୁ ବହୁ ଭୋଟ ବ୍ୟବଧାନରେ ହରାଇ ସେ ଉପ-ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ଶାସକ ଦଳର ମେଂଟ ଏନଡିଏ'ର ପ୍ରାର୍ଥୀ ଭାବେ ସେ ନିର୍ବାଚିତ ହେବାରେ କୌଣସି ସନ୍ଦେହ ନଥିଲା। ପାର୍ଲିଆମେଣ୍ଟର ୭୮୧ ଜଣ ସଦସ୍ୟଙ୍କୁ ନେଇ ଗଠିତ ଇଲେକ୍ଟୋରୋଲ କଲେଜରେ ତାଙ୍କ ସପକ୍ଷରେ ୪୨୭ ଜଣ ସଦସ୍ୟଙ୍କ ସମର୍ଥନ ଆଶା କରାଯାଉଥିଲା।

ସେହିପରି ଜଷ୍ଟିସ ରେଡୀଙ୍କୁ ୩୧୫ ଭୋଟ ମିଳିବା ଆକଳନ କରାଯାଇଥିଲା। କିନ୍ତୁ ଚୂଡାନ୍ତ ଭୋଟ ଗଣତି ଫଳାଫଳ ଭିନ୍ନ ଥିଲା। ବିଜୁ ଜନତା



ଦଳ (ବିଜେଡି) ସମେତ ଚାରୋଟି ଦଳ ନିର୍ବାଚନକୁ ବର୍ଜନ କରିବା ଯୋଗୁଁ ମୋଟ ଭୋଟ ସଂଖ୍ୟା ୭୬୭ ଥିଲା। ଏଥି ମଧ୍ୟରୁ ୧୫ଟି ଭୋଟ ନାକଚ ହୋଇଯିବା ଯୋଗୁଁ ମୋଟ କାଏମ ଭୋଟ ସଂଖ୍ୟା ୭୫୨କୁ ଖସି ଆସିଥିଲା। ଏଥିରୁ ପ୍ରଥମ ପସନ୍ଦରେ ରାଧାକ୍ରିଷ୍ଣନ ୪୫୨ଟି ଭୋଟ ପାଇଁ ବିଜୟୀ ଘୋଷିତ ହୋଇଥିବାବେଳେ ବିରୋଧୀ ମେଣ୍ଟ ପ୍ରାର୍ଥୀ ଜଷ୍ଟିସ ରେଡୀଙ୍କୁ ୩୦୦ଭୋଟ ମିଳିଥିଲା।

ଏଥିରୁ ସ୍ପଷ୍ଟ ହୋଇଛି ଯେ, ବିରୋଧୀ ଦଳର ୧୫ଜଣ ସଦସ୍ୟ କ୍ରସ ଭୋଟିଂ କରିଥିଲେ। ବିରୋଧୀ ମେଣ୍ଟର ଅଂଶୀଦାର ଦଳଗୁଡିକ ଏକଜୁଟ ଥିବା ଯେତେ ଦାବି କରୁଥିଲେ, ତାହା ଭୋଟ ଗଣତି ଫଳାଫଳରୁ ଅମୂଳକ ପ୍ରମାଣିତ ହୋଇଛି। ବିରୋଧୀ ମେଣ୍ଟରେ ଫାଟ ରହିଛି କିମ୍ବା ବିରୋଧୀ ଦଳର ୧୫ ସାଂସଦ ବିକ୍ରୀ ହୋଇଯାଇଅଛି।

ଏହା ନିଃସନ୍ଦେହରେ କୁହାଯାଇପାରିବ। ନିର୍ବାଚନରେ ବିଜେପିର ଗୋଟି ଚାଳନା ପୁଣି ଥରେ ସଫଳ ହୋଇଛି। ବିରୋଧୀ ମେଣ୍ଟ ନିଜ ସାଂସଦଙ୍କୁ ଏକଜୁଟ ରଖିବାରେ ବିଫଳ ହୋଇଛି। ରାଜନୀତିରେ ବିପୁଳ ଅଭିଜ୍ଞତା ଥିବା ରାଧାକ୍ରିଷ୍ଣନଙ୍କ ଠାରୁ ଦେଶବାସୀ ବହୁତ କିଛି ଆଶା କରନ୍ତି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆରଏସଏସ)ର ଜଣେ ସମର୍ପିତ ସେବକ ଭାବେ ବାଲ୍ୟକାଳରୁ କାର୍ଯ୍ୟ ଆରମ୍ଭ କରିଥିବା ରାଧାକ୍ରିଷ୍ଣନ ଦୁଇ ଥର ଲୋକସଭାକୁ ନିର୍ବାଚିତ ହୋଇଥିଲେ। ଅତୀତରେ ବିଜେପିର ତାମିଲନାଡୁ ରାଜ୍ୟଶାଖାର ସଭାପତି ଭାବେ ସେ ନଦୀ ସଂଯୋଗ, ଅସ୍ପୃଶ୍ୟତା ନିବାରଣ, ଆତଙ୍କବାଦର ମୁକାବିଲା ୟୁନିୟନ ସିଭିଲ କୋଡ୍ ପ୍ରଚଳନ ଦାବିରେ ରାଜ୍ୟରେ ୯୩ ଦିନିଆ ରଥଯାତ୍ରା କରି କରି ଦଳର ମୂଳଦୁଆକୁ ଦୃଢ କରିପାରିଥିଲେ।

ସେହିପରି କେନ୍ଦ୍ର ସରକାର ତାଙ୍କୁ ୨୦୨୩ରେ ଝାଡଖଣ୍ଡ ଏବଂ ୨୦୨୪ରେ ମହାରାଷ୍ଟ୍ରର ରାଜ୍ୟପାଳ ଭାବରେ ନିଯୁକ୍ତି କରିଥିଲେ। କିନ୍ତୁ ତାଙ୍କର ନୂତନ ଭୂମିକା ଏକ ଭିନ୍ନ ବିରକ୍ତିକର ଅବସ୍ଥା ଏଣିକି ସେ ଉପ-ରାଷ୍ଟ୍ରପତି ଭାବେ ରାଜ୍ୟସଭାର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବେ। ରାଜ୍ୟସଭାର ଅଧ୍ୟକ୍ଷ ଭାବେ ତାଙ୍କର କାର୍ଯ୍ୟ, ତାଙ୍କର ରାଜନୈତିକ ତୀକ୍ଷ୍ଣଦୃଷ୍ଟିକୁ ପ୍ରମାଣିତ କରିବ।

କେବଳ ଏତିକି ନୁହେଁ, ନିରପେକ୍ଷତା ଏବଂ ଗୃହର ପରିଚାଳନା ତାଙ୍କ ଦକ୍ଷତାକୁ ପ୍ରମାଣିତ କରିବ।

ଉଲ୍ଲେଖଯୋଗ୍ୟ ଯେ, ବିଦାୟୀ ଉପ-ରାଷ୍ଟ୍ରପତି ଜଗଦୀଶ ଧନକରଙ୍କ ସଂସଦର ମୌସୁମୀ ଅଧିବେଶନର ପ୍ରଥମ ଦିବସରେ ଅଚାନକ ଇସ୍ତଫା ଏବେ ବି ରହସ୍ୟାବୃତ୍ତ ହୋଇରହିଛି। ଅତୀତରେ ଧନକରଙ୍କ ବିରୁଦ୍ଧରେ ପକ୍ଷପାତିତା ଅଭିଯୋଗ କରି ବିରୋଧୀ ଦଳର ସଦସ୍ୟମାନେ ତାଙ୍କର ବହିଷ୍କାର ପାଇଁ ଏକ ପ୍ରସ୍ତାବ ଗୃହରେ ଆଗତ କରିଥିଲେ। ସମ୍ଭବତଃ ରାଜ୍ୟସଭାର ଇତିହାସରେ ଏହା ପ୍ରଥମ ଘଟଣା ଥିଲା ବୋଲି କୁହାଯାଇପାରେ।

ଏହା ନିଃସନ୍ଦେହ ଯେ, ଶାସକ ଓ ବିରୋଧୀ ଦଳ ଏବେ ବିଭିନ୍ନ ପ୍ରସଙ୍ଗକୁ ନେଇ ମୁହାଁମୁହିଁ ଅବସ୍ଥାରେ ଅଛନ୍ତି। ଯେଉଁଥିପାଇଁ କି ଗଲା ମୌସୁମୀ ଅଧିବେଶନରେ କ୍ରମାଗତ ହଟ୍ଟଗୋଳ ଯୋଗୁଁ, ରାଜ୍ୟସଭାର ମୋଟ ୬୬ ପ୍ରତିଶତ କାର୍ଯ୍ୟ ଦିବସ ନଷ୍ଟ ହୋଇଥିବାବେଳେ ମାତ୍ର ୩୪ ପ୍ରତିଶତ ଫଳପ୍ରଦ ହୋଇଥିଲା। କ୍ରମାଗତ ହଟ୍ଟଗୋଳ ଯୋଗୁଁ ଗୃହର ବହୁ ମୂଲ୍ୟବାନ ସମୟ ନଷ୍ଟ ହୋଇଥିବାରୁ ରାଜକୋଷରୁ କୋଟି କୋଟି ଟଙ୍କା ବରବାଦ ହୋଇଥିଲା। ଶ୍ରୀରାଧାକ୍ରିଷ୍ଣନ ନିଜର ଦକ୍ଷତା, ଦୂରଦୃଷ୍ଟି ଏବଂ ନିରପେକ୍ଷତା ଆୟୁଧ କରି ସମ୍ବିଧାନର ଆଦର୍ଶ, ଗୃହର ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିବା ସହ ରାଜ୍ୟସଭା ଅଧିବେଶନକୁ ଫଳପ୍ରଦ କରିପାରିବେ ଏହା ହିଁ ଦେଶବାସୀ ତାଙ୍କଠାରୁ ଆଶା କରନ୍ତି । ଏହା ହିଁ ତାଙ୍କ ପାଇଁ ଏବେ ସବୁଠାରୁ ବଡ ଚ୍ୟାଲେଞ୍ଜ ସଦୃଶ ହୋଇଛି।

ରୋଡ ନଂ-୩, ଶିଶୁପାଳଗଡ
ମୋ-୭୯୭୮୬୬୬୪୦୩

CMYK
13.09.2025.pmd 1 9/12/2025, 5:45 PM

## ବିଡିଏ ଉପକମିଶନରଙ୍କ କାଶୀନାଗର ଗସ୍ତ

କାଶୀନଗର,୧୨।୯ (ନିପ୍ର): କାଶୀନଗର ବ୍ଲକର ଉନ୍ନୟନ କାମ ଓ ଯୋଜନା ମାନ କିପରି ତୃଣମୂଳ ସ୍ତରର ଲୋକଙ୍କ ନିକଟରେ ପହଞ୍ଚି ପାରୁଛି ସେ ସବୁ ଅନୁଧ୍ୟାନ କରିବା ପାଇଁ ଦୁଇ ଦିନିଆ ଗସ୍ତରେ ଆସିଥିବା ଗଜପତି ଜିଲ୍ଲାର ନୋଡାଲ ସେକ୍ରେଟାରୀ ଦାୟିତ୍ୱରେ ଥିବା ଭୁବନେଶ୍ୱର ବିଡିଏ ଉପକମିଶନର ଡ଼ଃ ଏନ.ତିରୁମାଲା ନାୟକ କାଶୀନଗରଗସ୍ତ କରିଛନ୍ତି। ପ୍ରଥମେ ଶିଆଳି ପଂଚାୟତରେ ପହଞ୍ଚି ସେଠାକାର ପଂଚାୟତ ଅଧିକାରୀ ଲିଙ୍ଗରାଜଙ୍କୁ ସରକାରଙ୍କ ଉନ୍ନୟନ ଯୋଜନା ମାନଙ୍କରେ କେତେ ହିତାଧିକାରୀ ଉପକୃତ ହୋଇପାରୁଛନ୍ତି ତଥା ବାର୍ଦ୍ଧକ୍ୟ ଭତ୍ତା, ରାସନ, ନାରେଗା ଯୋଜନା ବିଷୟରେ ବୁଝିବା ପରେ ସେଠାରେ ଉପସ୍ଥିତ ଥିବା ଏସଏଚଜି ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ ହେବାପାଇଁ କଣ ସବୁ କାର୍ଯ୍ୟ ହାତକୁ ନେଇଛନ୍ତି ସେ ବିଷୟରେ ପଚାରି ବୁଝିଥିଲେ। ଏହା ପରେ ସେ ଅଲଡା ପଂଚାୟତର ରେସନ ବଣ୍ଟନ ସମୟରେ ପହଂଚି ଉପସ୍ଥିତ ଥିବା ହିତାଧିକାରୀଙ୍କୁ ରାସନ ଯୋଗାଣ ଠିକ ରୂପେ ହେଉଛି ନା ନାହିଁ, ସେମାନେ ପ୍ରତ୍ୟେକ ମାସରେ ପାଉଛନ୍ତି କି ନାହିଁ ବୁଝିବା ବେଳେ ସେଠାରେ କାଶୀନଗର ଯୋଗାଣ ବିଭାଗ ଅଧିକାରୀ ଶୁଭେନ୍ଦୁ ପାଣିଗ୍ରାହୀ ଉପସ୍ଥିତ ଥାଇ ନୋଡାଲ ଅଫିସରଙ୍କୁ ରାସନ ଯୋଗାଣ ବିଷୟରେ ସଠିକ ବିବରଣୀ ଦେଇଥିଲେ। ସେଠାରୁ ସେ ଖାଣ୍ଡବା ପଂଚାୟତ ମଧ୍ୟରେ ଥିବା ପାଲସିଂ ଗ୍ରାମରେ ଥିବା ମେଗା ପ୍ରୋଜେକ୍ଟ ପରିଦର୍ଶନ କରି ସେଠାରେ ମେଗା ପ୍ରୋଜେକ୍ଟ ଯନ୍ତ୍ରୀ, ଜନପ୍ରତିନିଧି ଓ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ଏହି ପ୍ରୋଜେକ୍ଟ ଦ୍ୱାରା କେତେ ଜମି ଚାଷ ଉପଯୋଗୀ ହୋଇପାରିଛି ।

## କେନ୍ଦ୍ରାପଡ଼ାରେ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି

କେନ୍ଦ୍ରାପଡ଼ା,୧୨।୯ (ନିପ୍ର); କେନ୍ଦ୍ରାପଡ଼ାର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜାର ସଫଳ ଆୟୋଜନ ନେଇ ଏକ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମ୍ୟୁନିସିପାଲିଟି ଟାଉନ ହଲ ଠାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ ନାୟକ, ମ୍ୟୁନିସିପାଲିଟି ଚେୟାରମ୍ୟାନ ସରିତା ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗୀତ ସେଠୀ, ଜିଲ୍ଲାପାଳ ରଘୁରାମ ଆର ଆୟାର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କୋଟାରିଆ, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସମେତ ସମସ୍ତ ଲାଇନ ବିଭାଗୀୟ ଅଧିକାରୀ,ପୂଜା କମିଟି ଉପସ୍ଥିତ ଥିଲେ । ଆଇନ ଶୃଙ୍ଖଳା, ଅନୁମତି ପତ୍ର ପ୍ରଦାନ,ରାସ୍ତା ଘାଟ ମରାମତି,ସ୍ୱାସ୍ଥ୍ୟ ସେବା,ପରିମଳ,ଆଲୋକ ଯୋଗାଣ,ଜଳ ଯୋଗାଣ,ଅଗ୍ନିନିରାପକ ବ୍ୟବସ୍ଥା ସମେତ ଅନ୍ୟାନ୍ୟ ବିଷୟ ବସ୍ତୁ ଉପରେ ଆଲୋକପାତ ହୋଇଥିଲା । ସିଙ୍ଗଲଉଇଣ୍ଡ ଅନୁମତି ପତ୍ର ପ୍ରଦାନ ନିମନ୍ତେ ବ୍ୟବସ୍ଥା କରିବାକୁ ପୂଜା କମିଟି ପ୍ରସ୍ତାବ ଦେଇଛନ୍ତି । ଏହା ସହିତ ଡିଜେ ସାଉଣ୍ଡ, ଭାଇବ୍ରେଟରକୁ ସମ୍ପୂର୍ଣ ବନ୍ଦ କରାଯାଇଛି । ଭସାଣି ଦୁଇ ଦିନ ମଦ ଦୋକାନ ସମ୍ପୂର୍ଣ ବନ୍ଦ ରହିବ । ସହରରେ ସମ୍ପୂର୍ଣ୍ଣ ଷ୍ଟ୍ରିଟ ଲାଇଟ ବ୍ୟବସ୍ଥା ଇତ୍ୟାଦି ସଂକ୍ରାନ୍ତରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ପୂଜାକୁ ସଫଳତାର ସହ ଆୟୋଜନ ପାଇଁ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

## ବୈଠକରେ ବିଧାୟକ , ଠିକାଦାରଙ୍କୁ ଦେଲେ ଚେତାବନୀ

କେନ୍ଦ୍ରାପଡ଼ା,୧୨।୯ (ନିପ୍ର); କେନ୍ଦ୍ରାପଡ଼ା ପୌରପରିଷଦ ମାସିକ କାର୍ଯ୍ୟକାରିଣୀ ବୈଠକ ପୌରପାରିଷଦ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ପୌରା ଅଧ୍ୟକ୍ଷା ସରିତା ସାହୁଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ସଭାପତିତ୍ୱ କରିଥିଲେ। ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରିଙ୍କ ସମେତ ସାଂସଦଙ୍କ ପ୍ରତନିଧି ଏବଂ ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ସହ ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ। ପୌରସଂସ୍ଥାର ସମଗ୍ର ୨୧ ଗୋଟି ୱାର୍ଡ ନିର୍ବାଚିତ ପ୍ରତିନିଧି ରହିଥିଲେ । ଆଗକୁ କେନ୍ଦ୍ରାପଡ଼ା ଗଣପର୍ବ ଗଜଲକ୍ଷ୍ମୀ ପୂଜା ରହୁଛି ସେଥିପାଇଁ ଏକ ସ୍ୱତନ୍ତ୍ର ଆଲୋଚନା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାରେ ସହରର ମୁଖ୍ୟ ରାସ୍ତା ଗୁଡିକ ଖଣ୍ଡ ବିଖଣ୍ଡିତ ହୋଇଥିବା ବେଳେ ସେଗୁଡିକ ମରାମତି ଏବଂ ରାସ୍ତା କଡରେ ଥିବା ଅନେକ ବନ୍ଦ ଷ୍ଟ୍ରିଟ ଲାଇଟ ଗୁଡିକ କାର୍ଯ୍ୟକ୍ଷମ ନିମନ୍ତେ ବିଧାୟକ ଶ୍ରୀ ବେହେରା ପୌର ଅଧ୍ୟକ୍ଷାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପୌରପରିଷଦ ଅଧୀନ ଯେତେ ସବୁ ବିକାଶ ମୂଳକ କାର୍ଯ୍ୟ ପାଇଁ ଟେଣ୍ଡର ଗୁଡିକ ହେଉଛି ସେଥିରେ କୁଶଳୀ ଏବଂ ବିଜ୍ଞ ଠିକାଦାରମାନଙ୍କୁ ଅଂଶଗ୍ରହଣ କରିବା ପାଇଁ ଦିଆଯାଉ । ଯେଉଁ ଠିକାଦାର ମାନେ ଟେଣ୍ଡର ନେଇ ଉଚିତ ସମୟରେ କାର୍ଯ୍ୟ ସମ୍ପନ କରୁନାହାନ୍ତି ସେମାଙ୍କୁ ଟେଣ୍ଡର ପ୍ରକ୍ରିୟାରେ ନିବୃତ ରଖାଯାଉ ବୋଲୀ ବିଧାୟକ ଶ୍ରୀ ବେହେରା ବୈଠକରେ ଚରମ ନିଷ୍ପତ୍ତି ଶୁଣାଇଥିଲେ।

## ପରିଶ୍ରମର ଫଳ ପାଇଲେ ଗୁଣପୁର ଝିଅ କିରଣ୍ମୟୀ
### ଆଇଆଇଟି ଖଡ଼ଗପୁରରେ ଅଧ୍ୟୟନ ପାଇଁ ମିଳିଲା ସୁଯୋଗ

ରାୟଗଡା,୧୨।୯ (ନିପ୍ର): କଠିନ ପରିଶ୍ରମ ଆଉ ଇଛା ଶକ୍ତି ଥିଲେ ସଫଳତା ନିଶ୍ଚିତ ବୋଲି ପ୍ରମାଣିତ କରିଛନ୍ତି ଗୁଣପୁର ଝିଅ କିରଣ୍ମୟୀ । ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗୁଣପୁରରେ ଷଷ୍ଠରୁ ଦଶମ ଶ୍ରେଣୀ ଶିକ୍ଷା ସମାପ୍ତ ପରେ ମ୍ୟାଟ୍ରିକ ପରୀକ୍ଷାରେ ୯୪% ମାର୍କ ରଖି ଉତ୍ତୀର୍ଣ୍ଣ ହେଲା ପରେ ଭୁବନେଶ୍ୱର ସ୍ଥିତ ଓଡ଼ିଶା ସରକାର ଦ୍ୱାରା ଖୋଲା ଯାଇଥିବା ଆଇକୋନିକ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପଢୁଥିଲେ। ସେହି ସମୟରେ ସେ ଆଇଆଇଟି ତାଲିମ ପ୍ରତିଷ୍ଠାନରେ ଇଞ୍ଜିନିୟରିଂ ପଢ଼ିବାର ସ୍ୱପ୍ନ ନେଇ କୋଚିଂ ନେଇଥିଲେ । ଦ୍ୱାଦଶ ଶ୍ରେଣୀରେ ପଢ଼ିବା ସମୟେ ଜେଇଇ ମେନ ପରୀକ୍ଷା ରେ କୃତକାର୍ଯ୍ୟ ହୋଇ ଜେଇଇ ଆଡ଼ଭାନ୍ସ ଦେବାକୁ ସୁଯୋଗ ପାଇଥିଲେ । କିନ୍ତୁ ସେହି ପରୀକ୍ଷାରେ ସେ କମ୍ ନମ୍ବର (୮୫% )ରଖିବାରୁ ଆଇଆଇଟି ପାଇଁ ସଫଳତା ହାସଲ କରିପାରିନଥିଲେ। ତେବେ ଦ୍ୱାଦଶ ବିଜ୍ଞାନ ଶ୍ରେଣୀରେ ବି ସେ ୮୪% ରଖି ସଫଳତାର ସହ କୃତକାର୍ଯ୍ୟ ହୋଇଥିଲେ। ସେ ନିଜକୁ ହାର ନମାନି ଏନସିଇଟି ଦ୍ୱାରା କରାଯାଉଥିବା ସର୍ବଭାରତୀୟ ସ୍ତରର ଇଣ୍ଟିଗ୍ରେଟଡ ବିଇଡ଼ି ଏଣ୍ଟ୍ରାନସ ଦେଇ ସଫଳତା ହାସଲ କରି ପ୍ରଥମେ ଏନଆଇଟି ୱାରଙ୍ଗଲ ରେ ସିଟ୍ ପାଇଥିଲେ । ଏହାର ଦୁଇ ଦିନ ଭିତରେ ହିଁ ତାଙ୍କ ଜୀବନର ସ୍ୱପ୍ନ ସାକାର ହୋଇ ଆଇଆଇଟି ଖଡ଼ଗପୁର ରେ ସିଟ୍‌ଟିଏ ପାଇ ଅର୍ଥନୀତି ଓ ଭାରତୀୟ ଶିକ୍ଷା ବିଷୟ ନେଇ ଚାରି ବର୍ଷୀୟା ଇଣ୍ଟିଗ୍ରେଟଡ ବିଇଡ଼ିରେ ବର୍ତ୍ତମାନ ଅଧ୍ୟୟନରତ। ବାପା ମାଆଙ୍କ ପ୍ରେରଣା ଏବଂ ଶିକ୍ଷକ ସୀମାଞ୍ଚଳ ଆଚାର୍ଯ୍ୟଙ୍କ ମାର୍ଗଦର୍ଶନ ଯୋଗୁଁ ଏହି ସଫଳତା ପାଇଥିବା କିରଣ୍ମୟୀ କହିଛନ୍ତି।

## ଧାମନଗର ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ସ୍ୱାଗତୋତ୍ସବ

ଧାମନଗର,୧୨।୯ (ନିପ୍ର): ଧାମନଗର ସ୍ନାତକ ମହାବିଦ୍ୟାଳୟରେ ଅର୍ଥନୀତି ବିଭାଗର ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ମହାବିଦ୍ୟାଳୟ ପରିସରରେ ଦିଆଯାଇଛି । ସଭାମୁଖ୍ୟ ଅଧକ୍ଷ ଅଜୟ କୁମାର ବେଜଙ୍କ ପୌରୋହିତ୍ୟରେ ଏହି ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟଅତିଥ୍ୟ ଭାବେ ପ୍ରାଧ୍ୟାପକ ସନ୍ଦୀପ କୁମାର ଘୋଷ, ପ୍ରାଧ୍ୟାପକ ପ୍ରଦୀପ କୁମାର ରାୟ ମୁଖ୍ୟବକ୍ତା ଡ. ମନୋଜ କୁମାର କର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଂପ୍ରତିକ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ପୂର୍ବକ ଛାତ୍ରଛାତ୍ରୀମାନେ ନିଜ ଜୀବନର ଲକ୍ଷ୍ୟକୁ ନେଇ ଆଗେଇକୁ ପରାମର୍ଶ ଦେଇଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସ୍ୱାଗତିକା ରାୟ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ସହ ସ୍ୱାଗତ ସମ୍ଭାଷଣ ଓ ଅନ୍ୟତମ ବିଭାଗୀୟ ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ନନ୍ଦ ଅତିଥି ପରିଚୟ ପ୍ରଦାନ ଓ ଛାତ୍ରୀ ଶୁଭ୍ରଜ୍ୟୋତି ମହାଳିକ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ । ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ସଫଳ ଆୟୋଜନରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

## କାର୍ଯ୍ୟକ୍ଷେତ୍ରରେ ଯୌନ ଉତ୍ପୀଡନ ଆଇନ ସଂପର୍କରେ ପ୍ରଶିକ୍ଷଣ

ରାୟଗଡା,୧୨।୯ (ନିପ୍ର): ସ୍ଥାନୀୟ ଡିଆରଡିଏ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ତରଫରୁ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡନ ଆଇନ ସଂପର୍କରେ ଏକ ପ୍ରଶିକ୍ଷଣ ଶିବିର ଜିଲ୍ଲା ସମାଜ ମଂଗଳ ଅଧିକାରୀ ମିନତି ଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ଶିବିରରେ ରାୟଗଡ଼ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ନବୀନ ନାୟକ ମୁଖ୍ୟ ଅତିଥି ରୂପେ , ସମାଜ ସବି ମଞ୍ଜୁଶ୍ରୀ ମୁଖାର୍ଜି,ଅଧକ୍ଷା ଲୋକାଲ କମିଟି ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ସୁବ୍ରତ ଆଚାର୍ଯ୍ୟ ସମ୍ମାନିତ ଅତିଥି ରୂପେ ଦେଉଥିଲେ। ଉକ୍ତ ଶିବିରରେ ରାୟଗଡ଼ ଜିଲ୍ଲାର ସମସ୍ତ ନୋଡାଲ ଅଫିସର ଓ ବିଭିନ୍ନ ସରକାରୀ, ବେସରକାରୀ, ବ୍ୟାଙ୍କ୍ ଓ ଥାନାର ଆଭ୍ୟନ୍ତରୀଣ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଶ୍ରୀମତୀ ପ୍ରତିମା ଦାସ ପୋଷ ଆଇନର ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ।

# ଡମଣଭୂମିରେ ୩୫ ଛାତ୍ରଛାତ୍ରୀ ଜଣ୍ଡିସ ଆକ୍ରାନ୍ତ

■ ବିଶୋଧନ କରାଯାଉଛି ପାନୀୟ ଜଳ ■ଏମ୍ସ ଡାକ୍ତରୀ ଦଳ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା ■ସୁଧାର ହେଉଛି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ■ ସତର୍କ ଓ ସଚେତନ ରହିବାକୁ ପରାମର୍ଶ

ନିରାକାରପୁର,୧୨।୯ (ନିପ୍ର): କିଛି ଦିନ ହେବ ଖୋର୍ଦ୍ଧା ଜିଲ୍ଲା ଓଲସିଂହ ପଞ୍ଚାୟତ ଡମଣଭୂମି ଗ୍ରାମରେ ଜଣ୍ଡିସ ରୋଗ ବ୍ୟାପୁଥିବା ଜଣାପଡିବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।କ୍ଲୋରିନେଶନ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ କର୍ମୀମାନେ ସ୍ୱାସ୍ଥ୍ୟ ପରୀକ୍ଷା କରିବା , ଔଷଧ ବଣ୍ଟନ କରିବା , ବିଶୁଦ୍ଧ ପାଣି ପିଇବା ପାଇଁ ସଚେତନ କରିବା ସହିତ ପରାମର୍ଶ ଦେଉଥିବା ଦେଖାଦେଇଛି। ଡମଣଭୂମି ନୋଡାଲ ଉଚ୍ଚ ବିଦ୍ୟାଳୟ ୩୫ ଜଣ ଛାତ୍ରଛାତ୍ରୀଙ୍କ ନିକଟରେ ଜଣ୍ଡିସ ରୋଗ ଲକ୍ଷଣ ଜଣାପଡିବା ପରେ ଚିକିତ୍ସା ଆରମ୍ଭ ହୋଇଥିଲା । ପରେ ଅର୍ଦ୍ଧାଧିକ ଛାତ୍ରଛାତ୍ରୀ ଭଲ ହେବାକୁ ଲାଗିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସେମାନଙ୍କ ଉପରେ ଦୈନନ୍ଦିନ ନଜର ରଖାଯାଇଛି। ସ୍ୱାସ୍ଥ୍ୟ କର୍ମୀ ବେଣୁଧର ସାହୁଙ୍କ କହିବା ଅନୁଯାୟୀ ବିଦ୍ୟାଳୟର ଛାତ୍ରଛାତ୍ରୀ ଜଣ୍ଡିସ ଆକ୍ରାନ୍ତ ଚିହ୍ନଟ ହେବାପରେ ସେମାନେ ବିଦ୍ୟାଳୟ ପାନୀୟ ଜଳ ନମୁନା ସଂଗ୍ରହ କରି ପରୀକ୍ଷା କରିବା ପରେ ପାଣି ପାନୀୟ ଉପଯୋଗୀ ଥିବା ଜାଣିବାକୁ ପାଇଥିଲେ। ସେମାନେ ଗ୍ରାମରେ ୩ ମାସରେ ଥରେ କୂଅ,



ପୋଖରୀ କ୍ଲୋରିନେଶନ କରୁଥିବା ବେଳେ ଜଣ୍ଡିସ ବ୍ୟାପିବା ଯୋଗୁ ତାଙ୍କ ସହିତ ଆଶା କର୍ମୀମାନେ ଗାଁ କୂଅ ଇତ୍ୟାଦିରେ ବ୍ଲିଚିଂ ପକାଇ ବିଶୋଧନ କରୁଥିବାର ଜଣାଇଛନ୍ତି। ସେହିପରି ଗାଁରେ ଘର ଘର ପ୍ରତିଦିନ ବୁଲି ସଚେତନ କରିବା ସହିତ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝି ଔଷଧ ବଣ୍ଟନ କରୁଛନ୍ତି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଆଲୋକ ଚକ୍ରବର୍ତ୍ତୀଙ୍କୁ ପଚାରିବାରୁ ତାଙ୍କ ବିଦ୍ୟାଳୟରେ ବିଶୁଦ୍ଧ ପାନୀୟ ଜଳ ପାଇଁ ଏକ୍ୱାଗାର୍ଡ ଲାଗିଥିବା ସହିତ ପାଣି ଭଲ ଥିବା କହିଥିଲେ। ପିଲାମାନେ ଧୀରେ ଧୀରେ ଭଲ ହୋଇ ଯାଉଥିବା ସେ ପ୍ରକାଶ କରିଛନ୍ତି। ଏ ବିଷୟରେ ପଂଚାୟତ ସରପଂଚ ପ୍ରତିନିଧି ଚିତ୍ତରଞ୍ଜନ ଭୋଳ କୁହନ୍ତି କି ପଂଚାୟତରେ ଯୋଗାଣ ହେଇଥିବା ପାଇପ ଜଳ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ତରଫରୁ ବିଶୋଧନ କରାଯାଇ ଛଡାଯାଉଛି। ପାଣିରେ କୌଣସି ଅସୁବିଧା ଥିବା ଆଶଙ୍କାରେ ବିଭାଗୀୟ ଅଧିକାରୀଙ୍କୁ ପରୀକ୍ଷା ପାଇଁ କୁହାଯିବା ସହିତ ଗ୍ରାମରେ ବିକ୍ରି କରୁଥିବା ଗୁପଚୁପ, ଦହିବରା ବେପାରୀଙ୍କୁ ବାରଣ କରାଯାଇଛି। ବିଦ୍ୟାଳୟ ତରଫରୁ ସ୍ୱାସ୍ଥ୍ୟ ବିଭାଗକୁ ଚିଠି କରିବା ପରେ ବୁଧବାର ଏମ୍ସ ର ଏକ ଡ଼ାକ୍ତରୀ ଦଳ, ଟାଙ୍ଗୀ ପି ଏଚ ଓ ଝୁମାରାଣୀ ଚକ୍ରବର୍ତ୍ତୀ ଓ ସ୍ଥାୟୀ ସ୍ୱାସ୍ଥ୍ୟ କର୍ମୀ, ଆଶାକର୍ମୀ ଆସି ବିଦ୍ୟାଳୟରେ ପହଞ୍ଚିଥିଲେ। ଡାକ୍ତରୀ ଦଳ ଆକ୍ରାନ୍ତ ଛାତ୍ରଛାତ୍ରୀଙ୍କ ସମେତ ଅନ୍ୟ କିଛି ଛାତ୍ର ଛାତ୍ରୀଙ୍କୁ ପରୀକ୍ଷା କରିବା ସହିତ ଚିକିତ୍ସା କରିଥିଲେ। ସେମାନେ ବି ଗ୍ରାମରେ ଯୋଗାଣ ହେଉଥିବା ପାଣିର ନମୁନା ପରୀକ୍ଷା ପାଇଁ ନେଇଛନ୍ତି ତାର ରିପୋର୍ଟ ୬/୭ ଦିନ ପରେ ଜଣାପଡ଼ିବ ବୋଲି ଜଣାପଡିଛି। ଓଲସିଂହ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର କିନାରା ମହାନ୍ତି କହିଛନ୍ତି ଆଶଙ୍କା କରାଯାଉଛି ଯେ ପାଣି ଯୋଗୁଁ ଏହି ଜଣ୍ଡିସ ରୋଗ ହୋଇଛି। ୩୫ ଜଣ ପିଲା ଏଥିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ବେଳେ ବାହାରେ ୩/୪ ଜଣ ଚିକିତ୍ସିତ ହେଉଥିଲେ। ସେଥିରୁ ପ୍ରାୟ ଛାତ୍ରଛାତ୍ରୀ ଭଲ ହୋଇଗଲେଣି। ଅନ୍ୟମାନେ ଚିକିତ୍ସିତ ହେଉଛନ୍ତି। ସମସ୍ତେ ପାଣି ବିଶୋଧନ କରି ପିଇବା ସହିତ ସଚେତନ ରହି ଲକ୍ଷଣ ଦେଖିଲେ ଡାକ୍ତରଙ୍କ ପରାମର୍ଶ ନେବାକୁ କହିଛନ୍ତି।

## ଜାତୀୟ ସେବା ଯୋଜନା

ଭବାନୀପାଟଣା,୧୨।୯ (ନି.ପ୍ର)- ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଅଭିମୁଖୀକରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ମହାବିଦ୍ୟାଳୟର ଅଧକ୍ଷ ପରମେଶ୍ୱର ମୁଣ୍ଡ ସ୍ୱେଚ୍ଛାସେବୀ ମାନଙ୍କୁ ଦେଶର ପ୍ରଗତିରେ ଜାତୀୟ ସେବା ଯୋଜନାର ଭାଗିଦାରିତା ବିଷୟରେ ଆଲୋକପାତ କରିଥିବା ବେଳେ କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ ଏହାର ଇତିହାସ ଲକ୍ଷ୍ୟ, ଉଦ୍ଦେଶ୍ୟ, ଅଭିମୁଖ୍ୟ ଓ ପରିସର ବିଷୟରେ ଆଲୋଚନା କରିଥିଲେ।

ମହାବିଦ୍ୟାଳୟର ସମୁଦାୟ ୧୭୫ ଜଣ ଛାତ୍ରଚାତ୍ରୀ ଏହି ଅଭିମୁଖୀକରଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ବିଭିନ୍ନ କୃଷିଭିତ୍ତିକ କାର୍ଯ୍ୟକ୍ରମର ସମୀକ୍ଷା କଲେ କୃଷି ନିର୍ଦ୍ଦେଶକ

କେନ୍ଦୁଝର,୧୨।୯ (ନିପ୍ର) :ଦୁଇ ଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି କୃଷି ନିର୍ଦ୍ଦେଶକ ଶୁଭମ ସକସେନା ସ୍ଥାନୀୟ ଦରବାର ହଲ ଠାରେ ବିଭିନ୍ନ କୃଷି କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ସମୀକ୍ଷା ବୈଠକର ପ୍ରାରମ୍ଭରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, କେନ୍ଦୁଝର ସତ୍ୟବାନ ସୋରେନ ସ୍ୱାଗତ ଭାଷଣ ଦେବା ସହିତ କେନ୍ଦୁଝର ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କୃଷି କାର୍ଯ୍ୟକ୍ରମର ଅଗ୍ରଗତି ସମ୍ବନ୍ଧରେ ତଥ୍ୟ ଉପସ୍ଥାପନ କରିଥିଲେ । ଉପ ଉଦ୍ୟାନକୃଷି ନିର୍ଦ୍ଦେଶକ ସୌମେନ୍ଦ୍ର ପାଣିଗ୍ରାହୀ ତାଙ୍କ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାର ଅଗ୍ରଗତି ସମ୍ବଧରେ ତଥ୍ୟ ଉପସ୍ଥାପନ କରିଥିଲେ । ତତ୍ପରେ ପ୍ରକଳ୍ପ ନିର୍ଦ୍ଦେଶକ , ଜଳବିଭାଜିକା , କେନ୍ଦୁଝରେ ଅଶୋକ କୁମାର ପାଣିଗ୍ରାହୀ ବିଭାଗୀୟ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ବଧରେ ସୂଚନା ଦେଇଥିଲେ । କୃଷି ନିର୍ଦ୍ଦେଶକ କେନ୍ଦୁଝର ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଡିଜିଟାଲ ଫସଲ ସର୍ଭେକ୍ଷଣ , କୃଷକ ରେଜିଷ୍ଟ୍ରୀ , ପି.ଏସ. ଏସ, ଏକ ପେଡ ମା କେ ନାମ ପ୍ରଭୃତି ଯୋଜନା ଗୁଡିକୁ ସଠିକ ଢଙ୍ଗରେ ପରିଚାଳନା କରିବାକୁ ଗୁରୁତ୍ୱାରୋପ କରିଥିଲେ । ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ସହାୟତା ରାଶିକୁ ଅତି ଶୀଘ୍ର ଡ଼ିବିଟି ମୋଡରେ ପ୍ରଦାନ କରିବାକୁ ଉପଦେଶ ଦେଇଥିଲେ । ଉକ୍ତ ସମୀକ୍ଷାରେ ଜିଲ୍ଲାପାଳ ବିଶାଳ ସିଂହ , ମୁଖ୍ୟ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ କୃଷି ନିର୍ଦ୍ଦେଶକ ଯାମି ସୂର୍ଯ୍ୟ ନାରାୟଣ ରାଓ, ଯୁଗ୍ମ କୃଷି ନିର୍ଦ୍ଦେଶକ ପର୍ଶୁରାମ ବେହେରା, ଯୋଜନା ଅଧିକାରୀ ହରେକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ସମୀକ୍ଷା ବୈଠକରେ କୃଷି, ଉଦ୍ୟାନ କୃଷି , ଜଳବିଭାଜିକା , ସମବାୟ, ଓଡିଶା ଜୀବିକା ମିଶନ , ଜଳସେଚନ , ଓଡିଶା କୃଷି ଶିଳ୍ପ ନିଗମ , କୃଷି ବିଜ୍ଞାନ କେନ୍ଦ୍ର , ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର , ମାର୍କଫେଡ ପ୍ରଭୃତି ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଏବଂ ଯୋଜନା ସହଯୋଗୀ ଅନୁଷ୍ଠାନର କର୍ମକର୍ତ୍ତାଗଣ ଯୋଗ ଦେଇଥିଲେ । ସଭା ଶେଷରେ କେନ୍ଦୁଝର କୃଷି ଜିଲ୍ଲା ଅଧିକାରୀ ବିଶ୍ୱଜୟୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେଡି କର୍ମକର୍ତ୍ତାଙ୍କ ବୈଠକ

ପାରଳାଖେମୁଣ୍ଡି,୧୨।୯ (ନିପ୍ର); ମୋହନା ଗଜପତି ଜିଲ୍ଲା ମୋହନା ବ୍ଲକ ଚନ୍ଦ୍ରଗିରି ତିବତୀୟନ ବଙ୍ଗଳା ଠାରେ ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ମୋହନା ବ୍ଲକର ବିଭିନ୍ନ ସମସ୍ୟା ବିଷୟରେ ବ୍ଲକର ବିଜେଡି କର୍ମକର୍ତାଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଥିଲା । ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ ଓ ମନରେଗା କାମ ଉପରେ ଆଲୋଚନା ହୋଇ ଥିଲା । ଏହି ବୈଠକରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ ଉପସ୍ଥିତ ରହିବା ସହ ମୋହନା ବ୍ଲକର ବିଜେଡି କର୍ମକର୍ତ୍ତାଙ୍କ ସହ ବ୍ଲକର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ବିଶେଷ କରି ପୂର୍ବ ସରକାର ମନରେଗା କାମ ପାଇଁ ୩୦୦ ଦିନ ରଖିଥିଲେ । କିନ୍ତୁ ସରକାର ବଦଳିବା ପରେ ଏହି କାମ ୧୦୦ଦିନ ରଖିଛନ୍ତି । ଫଳରେ କାମ ନ ପାଇଁ ଏହି ଅଞ୍ଚଳରେ ଅଧିକ ଦାଦନ ଖଟିବାକୁ ଯାଇ ମୃତ ହୋଇ ଗାଁ କୁ ଫେରୁ ଥିବା ବିଧାୟକ କହିଛନ୍ତି । ବୈଠକରେ ପୂର୍ବତନ ଜିଲ୍ଲା ସଭାପତି ଜଗବନ୍ଧୁ ଦାସ ସହ ବ୍ଲକର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଗୁଣାତ୍ମକ ଶିକ୍ଷା ପାଇଁ ଗୁଣାତ୍ମକ ଶିକ୍ଷକ ଅତ୍ୟନ୍ତ ଆବଶ୍ୟକ : ରାଜ୍ୟପାଳ

କୋରାପୁଟ/ଦାମନଯୋଡି,୧୨।୯ (ନିପ୍ର): ଓଡ଼ିଶାର ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟିଙ୍କ କୋରାପୁଟ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ସ୍ଥାନକୁ ଗସ୍ତ କରିବା ସହିତ ସମୀକ୍ଷା କହିଛନ୍ତି । ଦ୍ୱିତୀୟ ଦିନରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ସୁନାବେଡ଼ା ହାଲ , ରାଜପୁଟ ମିଲେଟ୍ ପ୍ରକ୍ରିୟାକରଣ ୟୁନିଟ,ଦେଓମାଳୀ ଓ ପୁଙ୍ଗାର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିଦର୍ଶନ କରି ବିଭାଗୀୟ ଅଧିକାରୀ ଏବଂ ହିତାଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି । ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ ପରିଦର୍ଶନ କରି ବିଶ୍ୱବିଦ୍ୟାଳୟର ବିଭିନ୍ନ ବିକାଶମୁଖୀ କାର୍ଯ୍ୟ ଓ ଶିକ୍ଷା ଅନୁଷ୍ଠାନର ପ୍ରଗତି ବିଷୟରେ ସମୀକ୍ଷା କରିଥିଲେ । ଏହି ଅବସରରେ ସେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟପାଳଙ୍କୁ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା, ଭାରପ୍ରାପ୍ତ କୁଳସଚିବ ଡ଼. ରାକେଶ କୁମାର ଲେଙ୍କା, ଅର୍ଥ ଅଧିକାରୀ ଦୁର୍ଯ୍ୟୋଧନ ସେଠୀ, ବରିଷ୍ଠ ଅଧ୍ୟାପକ ଓ ବିଶ୍ୱବିଦ୍ୟାଳୟର ବିଭିନ୍ନ ଅଧିକାରୀମାନେ ଉତ୍ସାହପୂର୍ଣ୍ଣ ଭାବରେ ସ୍ୱାଗତ କରିଥିଲେ। ସମୀକ୍ଷା ବୈଠକରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପଣ୍ଡା ବିଶ୍ୱବିଦ୍ୟାଳୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଓ ଭବିଷ୍ୟତ ଯୋଜନା ବିଷୟରେ ଉପସ୍ଥାପନା କରିଥିଲେ । ରାଜ୍ୟପାଳ କହିଥିଲେ ଯେ, ଗୁଣାତ୍ମକ ଶିକ୍ଷା ପାଇଁ ଗୁଣାତ୍ମକ ଶିକ୍ଷକ ଅତ୍ୟନ୍ତ ଆବଶ୍ୟକ । ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ଓ ଗୁଣାତ୍ମକ ଶିକ୍ଷକଙ୍କୁ ଦୃଷ୍ଟିରେ ରଖି କେଉଁ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବେ ତାହା ବାଛିପାରିବା ଅଧିକାର ରଖନ୍ତି ।' ସେ ବିଶ୍ୱବିଦ୍ୟାଳୟ ମାନ୍ୟତା ବଢ଼ାଇବା ପାଇଁ ଦୁଇଟି ପ୍ରଧାନ ମାନକ ଉପରେ ଜୋର ଦେଇଥିଲେ – ଗୁଣାତ୍ମକ ଶିକ୍ଷକ ଚୟନ ଓ ରାଙ୍କିଂ/ଗ୍ରେଡିଂ ପ୍ରଣାଳୀରେ ଉନ୍ନତି । ଡ଼. କମ୍ଭମପାଟି ବିଶ୍ୱବିଦ୍ୟାଳୟରେ ନାମଲେଖା ହ୍ରାସ ପଛରେ ଥିବା ଚ୍ୟାଲେଞ୍ଜଗୁଡ଼ିକୁ ଚିହ୍ନଟ କରି ସମାଧାନ କରିବାକୁ ପରାମର୍ଶ ଦେଇଥିଲେ । ସେ ବସ୍ତୁନିଷ୍ଠ ଏବଂ ସ୍ଥାୟୀ ଶିକ୍ଷକ ଓ ଅଶିକ୍ଷକ କର୍ମଚାରୀ ନିଯୁକ୍ତି ଆବଶ୍ୟକ ଥିବା କଥା ଉପସ୍ଥାପନ କରିଥିଲେ । ସେ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ ବିଷୟରେ ଜାଣି ସନ୍ତୋଷ ପ୍ରକାଶ କରିଥିଲେ ଓ ନୂଆକରି ଆରମ୍ଭ ହୋଇଥିବା ବିଭିନ୍ନ ବିଭାଗ ଗୁଡ଼ିକୁ ଭବିଷ୍ୟତମୁଖୀ ବୋଲି କହି ସେମାନଙ୍କର ରାଜ୍ୟ ଓ ରାଷ୍ଟ୍ରର ଆବଶ୍ୟକତାକୁ ଧ୍ୟାନରେ ରଖି ଆରମ୍ଭ କରାଯାଇଥିବା ଉପରେ ଆନନ୍ଦ ପ୍ରକାଶ କଲେ । କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, କୋଟପାଡ ବିଧାୟକ ରୁପୁ ଭତ୍ରା, କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଏସପି ରୋହିତ ବର୍ମା, ପ୍ରଫେସର ରଥିକାନ୍ତ କୁମ୍ଭାର, ପ୍ରଫେସର ଭାରତ କୁମାର ପଣ୍ଡା, ବିଭିନ୍ନ ବିଭାଗ ମୁଖ୍ୟମାନେ, ବିଶ୍ୱବିଦ୍ୟାଳୟର ଉପ କୁଳସଚିବ ଡ଼.ଦିଲ୍ଲୀପ କୁମାର ପଟ୍ଟନାୟକ, ଲୋକସଂପର୍କ ଅଧିକାରୀ ଡ଼. ଫଗୁନାଥ ଭୋଇ, ନିର୍ବାହୀ ଇଞ୍ଜିନିୟର ରାମ ପାଢୀ, ସୁରକ୍ଷା ଅଧିକାରୀ ପ୍ରଦୀପ ସାମନ୍ତରାୟ ଛାତ୍ରଛାତ୍ରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ସୁନାବେଡ଼ା ସ୍ଥିତ ସୁଖୋଇ ଇଞ୍ଜିନ ପରିଦର୍ଶନ କରିବା ସହ ହାଲ ସଭାଗୃହ ଠାରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ।

## ନୂତନ ଟାଉନ୍ ହଲ ଉଦ୍ଘାଟନ ପାଇଁ ଉପଜିଲ୍ଲାପାଳଙ୍କୁ ଦାବି

ରେଢ଼ାଖୋଲ,୧୨।୯(ନିପ୍ର): ସମ୍ବଲପୁର ଜିଲ୍ଲା ରେଢାଖୋଲର ଅଗ୍ରଣୀ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ସୁର ଘୁଙ୍ଗୁର ତରଫରୁ ରେଢାଖୋଲ ନୂତନ ଟାଉନ୍ ହଲକୁ ନେଇ ବାରମ୍ବାର ପ୍ରଶାସନକୁ ଜଣାଇଲେ ମଧ୍ୟ ନ ଶୁଣିବାରୁ ଶେଷରେ ସୁରଘୁଙ୍ଗୁର ସଭାପତି ଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଓ ସଚେତନ ନାଗରିକଙ୍କ ସହିତ ରେଢାଖୋଲ ଉପଜିଲ୍ଲାପାଳଙ୍କୁ ଟାଉନ୍ ହଲ୍ ଉଦ୍ଘାଟନ ସମ୍ବନ୍ଧରେ ଏକ ଦାବିପତ୍ର ଦିଆଯାଇଥିଲା। ରାଜ୍ୟ ସରକାରଙ୍କ ତରଫରୁ କୋଟି କୋଟି ଟଙ୍କା ବ୍ୟୟରେ ଦୀର୍ଘ ବର୍ଷ ହେବ ନୂତନ ଟାଉନ ହଲର କାର୍ଯ୍ୟ ସମାପ୍ତ ହୋଇ ପାରୁନାହିଁ। ଯାହାଦ୍ୱାରା ରେଢାଖୋଲର କଳାକାର, ଜନ ସାଧାରଣ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଏଣୁ ଯଥାଶୀଘ୍ର ନୂତନ ଟାଉନ ହଲର କାର୍ଯ୍ୟ ସମାପ୍ତ କରି ଉଦଘାଟନ କରିବା ସହିତ ଉପଖଣ୍ଡ ପ୍ରଶାସନ ପରିଚାଳନାର ଦାୟିତ୍ୱ ନେଇ ଆଲୋଚନା ଓ ଦାବିପତ୍ର ରେଢାଖୋଲ ଉପଜିଲ୍ଲାପାଳଙ୍କୁ ଦିଆଯାଇଥିଲା।

## ୧୦ ମାସ ହେଲା ବସି ନାହିଁ ରୋଗୀ କଲ୍ୟାଣ ସମିତି ବୈଠକ

ଭାପୁର, ୧୨/୦୯(ନିପ୍ର)ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଅନୁଷ୍ଠିତ ହେଉଥିବା ରୋଗୀ କଲ୍ୟାଣ ସମିତି ର ଶେଷ ବୈଠକ ଗତବର୍ଷ ଡିସେମ୍ବର ୧୮ ତାରିଖରେ ଅନୁଷ୍ଠିତ ହୋଇଥିବା ବେଳେ ସେହିଦିନ ଠାରୁ ଚଳିତ ବର୍ଷ ର ବୈଠକ ଅନୁଷ୍ଠିତ ହୋଇନାହିଁ । ଫଳରେ, ବର୍ତ୍ତମାନ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଚଳାବସ୍ଥା ଦେଖାଦେଇଛି । ରୋଗୀକଲ୍ୟାଣ ସମିତି ର ନୂତନ ସଭାପତି ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ହେଲାପରେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠେଲାପେଲାରେ ଚାଲିଛି । ବିଧାୟକ ନୂତନ ଢାଞ୍ଚାରେ ସ୍ଥାନୀୟ ଡାକବଙ୍ଗଳାରେ ସ୍ୱାସ୍ଥ୍ୟ ବିଭାଗ ର ଏକ କାର୍ଯ୍ୟଶୂନ୍ୟ କର୍ମଶାଳା କରି ନିଜର ଦୋଷ ଛଡେଇ ବସି ଯାଉଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ହେଉ କି ନ ହେଉ ସେଥିପ୍ରତି ତାଙ୍କର ନିଘା ନାହିଁ । ୨୦୨୪/୨୫ ଆର୍ଥିକ ବର୍ଷରେ କଣକଣ ଆୟବ୍ୟୟ ଅଟକଳ ହୋଇ ଖର୍ଚ୍ଚ ହୋଇଛି ଏବଂ ୨୦୨୫/୨୬ ବର୍ଷ ପାଇଁ କଣ ବ୍ୟୟବରାଦ ତାହା ମଧ୍ୟ କାହାକୁ ଜଣାନାହିଁ । ନୂତନ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟ ଶୀଘ୍ର ଶେଷ ହେବା ସହିତ ତା ଚତୁଃପାର୍ଶ୍ୱ ପାଚେରୀ ବୁଲାଇବା ନିମନ୍ତେ ଗତ ବୈଠକରେ ଗୃହୀତ ହୋଇଥିଲା କିନ୍ତୁ, ତାହା ଆଜି ପର୍ଯ୍ୟନ୍ତ ସଫଳ ରୂପାୟନ ହୋଇପାରିଲା ନାହିଁ । ଭାପୁର ବ୍ଲକ ସଦର ମହକୁମାରେ ଶବ ବ୍ୟବଚ୍ଛେଦ ଗୃହ ଶୀଘ୍ର ନିର୍ମାଣ ପାଇଁ ବିଧାୟକ ସମ୍ମତି ପ୍ରଦାନ କରିଥିଲେ ମଧ ଗତ ୧୦ ମାସ ମଧ୍ୟରେ କାର୍ଯ୍ୟକାରୀ ହୋଇପାରିଲା ନାହିଁ ।ସଫେଇ କର୍ମଚାରୀ, ଏ.ଏନ୍.ଏମ୍, ଫାର୍ମାସିଷ୍ଟ,ଡାକ୍ତର ପଦବୀ ପୂରଣ ପାଇଁ ପଦକ୍ଷେପ ନେବା, ଜେନେରଟର ମରାମତି, ଅଲଟ୍ରା ସାଉଣ୍ଡ ମେସିନ୍ ବସାଇବା ଦିଗରେ ଗୁରୁତ୍ୱ ନେବାକୁ ବିଧାୟକ ସମ୍ମତି ପ୍ରଦାନ କରିଥିଲେ ମଧ ସେଥିମଧ୍ୟରୁ ଗୋଟିଏ ବି ପୂରଣ ହୋଇପାରି ନାହିଁ। ଏହି ବୈଠକ ୬ ମାସରେ ଥରେ ବସିବା ପାଇଁ ନିୟମ ରହିଥିଲେ ମଧ ୧୦ ମାସ ହେଲା ରୋଗୀ କଲ୍ୟାଣ ସମିତିର ବୈଠକ ବସି ନ ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଚଳାବସ୍ଥା ଦେଖାଦେଇଥିବା ସାଧାରଣରେ ଅଭିଯୋଗ ହେଉଛି।

# ବଢୁଛି କଂକ୍ରିଟ ଜଙ୍ଗଲ, କମୁଛି ଚାଷଜମି

ନିରାକାରପୁର,୧୨।୯ (ନିପ୍ର); ଖୋର୍ଦ୍ଧା ଜିଲାର ଗାଁ ଠାରୁ ସହର ପର୍ଯ୍ୟନ୍ତ ଚାଷଜମିରେ ବାସପୋଯୋଗୀ ଗୃହ ନିର୍ମାଣ କରାଯାଉଥିବାବାରୁ ଚାଷଜମି ସଂଖ୍ୟା ହ୍ରାସ ପାଇବାରେ ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି । ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ପାଉଥିବା ବେ ଥିବା ବେଳେ ଯୌଥ ପରିବାର ପୂର୍ବଭଳି ଆଉ ଦେଖିବାକୁ ମିଳୁନି । ଫଳରେ ଘରେ ପ୍ରତି ପରିବାର ଲାଗି ବାସଗୃହର ଆବଶ୍ୟକତା ଥିବାବେଳେ ଲୋକମାନେ ଚାଷଜମି ଉପରେ ବାସଗୃହ ନିର୍ମାଣ କରି ରହିବାକୁ ବାଧ ହେଉଛନ୍ତି । ଫଳରେ ଦିନକୁ ଦିନ ଚାଷୋପଯୋଗୀ ଜମି ସଂଖ୍ୟା ହ୍ରାସ ପାଉଛି। ଚାଷଜମି ହ୍ରାସ ପାଉଥିବା କାରଣରୁ ଆଗାମୀ ପିଢି ପାଇଁ ଖାଦ୍ୟ ସମସ୍ୟା ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଛି । ଜିଲାର ପ୍ରାୟେ ସମସ୍ତ ବ୍ଲକରେ ଏଭଳି ସମସ୍ୟା ଦେଖାଦେଇଛି । ଅପର ପକ୍ଷରେ ଚାଷପ୍ରତି ମଧ ଲୋକଙ୍କ ଆଗ୍ରହ ଧୀରେ ଧୀରେ ହ୍ରାସ ପାଉଥିବାରୁ ଅନେକ ଜମି ପଡ଼ିଆ ପଡ଼ିରହୁଛି । ଏତଦ୍‌ବ୍ୟତୀତ ବର୍ଷାର ପରିମାଣ କମି ଯାଉଥିବାରୁ ପୂର୍ବରୁ ଯେଉଁ ଡିପସ୍ଥାନରେ ଚାଷ ହେଉଥିଲା, ତାହା ଏବେ ପଡ଼ିଆ ପଡ଼ିବା କାରଣରୁ ଜମି ଗୁଡ଼ିକର ଉର୍ବରତା ହ୍ରାସ ପାଉଛି। ପୂର୍ବର ଜମିଦାରମାନେ ଆଉ ହଳିଆ ଲଗାଇ ଚାଷକରିବା ପାଇଁ ଆଗ୍ରହ ହେଉ ନଥିବାରୁ ଜମିଦାରଙ୍କ ଜମିକୁ ଭାଗଚାଷୀ ଚାଷ କରିବା ପାଇଁ ଆଉ ଆଗ୍ରହ ପ୍ରକାଶ କରୁନାହାନ୍ତି। କେତେକାଂଶରେ ମଧ ଜମି ମାଫିଆମାନେ କମ୍ ଦରରେ ଜମି କିଣି ଏହାକୁ ପ୍ଲଟିଂ କରି ଅଧିକା ଦରରେ ବିକ୍ରି କରି ମାଲାମାଲ ହେଉଛନ୍ତି । ରାଜସ୍ୱ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେଉ ନଥିବାରୁ ଧୀରେ ଧୀରେ ପରିସ୍ଥିତି ଅଣାୟତ୍ତ ଆଡ଼କୁ ଗତିକରୁଛି । ଜମିର କିସମ ପରିବର୍ତ୍ତନ କରିବା ପାଇଁ ରାଜସ୍ୱ ଅଧିକାରୀମାନେ ଅସାଧୁ ଉପାୟରେ ଜମି ମାଫିଆଙ୍କ ଠାରୁ ହାତଗୁଞ୍ଜାନେଇ ସେମାନଙ୍କୁ ସହଯୋଗ କରି କିସମ ପରିବର୍ତ୍ତନ କରି ଦେଉଛନ୍ତି । ଏପରି ପରିସ୍ଥିତିକୁ କୌଣସି ସ୍ତରରେ ଯାଞ୍ଚ କରାଯାଉ ନଥିବାରୁ ଦିନକୁ ଦିନ ଚାଷଜମି ସଂଖ୍ୟା ହ୍ରାସ ପାଉଛି । ଏଭଳି ପରିସ୍ଥିତି ଯଦି ଲାଗି ରୁହେ ତେବେ ଆଗାମୀ ଦିନରେ ଆଉ ଚାଷଜମି ରହିବ ନାହିଁ ବୋଲି ଆଶଙ୍କା ପ୍ରକାଶ ପାଉଛି । ଏଥିଯୋଗୁଁ ଖାଦ୍ୟ ସଂକଟ ସୃଷ୍ଟି ହେବ ବୋଲି ଜଣାପଡ଼ୁଛି। ଏ ବାବଦ ବାବଦରେ ସରକାର, ରାଜସ୍ୱ ବିଭାଗ



ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ସଜାର ଜାଗ ହେଉ ନଥିବାରୁ ଏହାର ଫାଇଦା ଜମିମାଫିଆମାନେ ନେଇ ଚାଲିଛନ୍ତି । ଅପରପକ୍ଷରେ ଚାଷୀଙ୍କୁ ସରକାରଙ୍କ ତରଫରୁ ଆଖିଦୃଶିଆ ପ୍ରୋତ୍ସାହନ, ଜଳସେଚନ ସୁବିଧା, ଉନ୍ନତମାନର ଜ୍ଞାନକୌଶଳ କିମ୍ବା ଚାଷପାଇଁ ପ୍ରଶିକ୍ଷଣ ଶିବିର କରାଯାଉ ନଥିବାରୁ ଚାଷୀମାନେ ଚାଷରୁ ମୁହଁ ଫେରାଇ ବାହାର ରାଜ୍ୟକୁ କାମ କରିବାକୁ ଚାଲିଯାଉଛନ୍ତି । ତେଣୁ ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀମାନେ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଶପଥ ନେଲେ ସି.ପି. ରାଧାକ୍ରିଷ୍ଣନ



ନୂଆଦିଲ୍ଲୀ, ୧୨।୯: ୧୫ ତମ ଉପରାଷ୍ଟ୍ରପତି ଭାବେ ଶୁକ୍ରବାର ଶପଥ ନେଇଛନ୍ତି ସି.ପି. ରାଧାକ୍ରିଷ୍ଣନ। ରାଷ୍ଟ୍ରପତି ଭବନରେ ଉପରାଷ୍ଟ୍ରପତିଙ୍କୁ ପଦ ଓ ଗୋପନୀୟତାର ଶପଥ କରାଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ଦେଶର ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ମଧ୍ୟ ଉପସ୍ଥିତ ଥିଲେ। ଉପରାଷ୍ଟ୍ରପତିଙ୍କ ଶପଥ ସମାରୋହରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ଉପସ୍ଥିତ ରହିଥିଲେ।ସୂଚନାଥାଉକି, ଗତକାଲି ମହାରାଷ୍ଟ୍ର ରାଜ୍ୟପାଳ ପଦରୁ ରାଧାକ୍ରିଷ୍ଣନ ଇସ୍ତଫା ଦେଇଛନ୍ତି । ରାଷ୍ଟ୍ରପତି ଭବନ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଉପରାଷ୍ଟ୍ରପତି ନିର୍ବାଚନରେ ଏନଡିଏ ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ ୪୫୨ ଭୋଟ ପାଇଛନ୍ତି। ଏହି ବିଜୟ ସହିତ, ରାଧାକୃଷ୍ଣନ ଦେଶର ଉପରାଷ୍ଟ୍ରପତି ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂଆଦିଲ୍ଲୀର ନୂତନ ସଂସଦ ଭବନରେ ମଙ୍ଗଳବାର ସକାଳ ୧୦ରୁ ସାଢ଼େ ୫ଟା ପର୍ଯ୍ୟନ୍ତ ନୂତନ ଉପରାଷ୍ଟ୍ରପତି ପାଇଁ ଭୋଟିଂ କରାଯାଇଥିଲା। ଏହା ପରେ, ଭୋଟ ଗଣନା କରାଯାଇଥିଲା, ଯେଉଁଥିରେ ରାଧାକ୍ରିଷ୍ଣନ ବିଜୟୀ ହୋଇଥିଲେ।

# ୧୪ରୁ ବୈଷ୍ଣୋ ଦେବୀ ଯାତ୍ରା



**ଜମ୍ମୁ, ୧୨/୯ :** ଜମ୍ମୁ କାଶ୍ମୀରରେ ମା ବୈଷ୍ଣୋ ଦେବୀଙ୍କ ପବିତ୍ର ଯାତ୍ରା ଗତ ୧୭ ଦିନ ଧରି ବନ୍ଦ ରହିଥିଲା। କିନ୍ତୁ ଏବେ ଭକ୍ତମାନେ ପୁଣି ଥରେ ମାତାଙ୍କ ଦରବାରରେ ଯୋଗ ଦେଇପାରିବେ। ୧୪ ସେପ୍ଟେମ୍ବରରୁ ପୁଣି ଥରେ ଏହି ଯାତ୍ରା ଆରମ୍ଭ ହେବାକୁ ଯାଉଛି। ଦୀର୍ଘ ସମୟ ଅପେକ୍ଷା ପରେ, ଭକ୍ତମାନଙ୍କ ମଧ୍ୟରେ ଆଶା ରହିଛି ଯେ ସେମାନେ ମାତା ରାଣୀଙ୍କ ଦର୍ଶନ କରିବାର ସୁଯୋଗ ପାଇବେ। ଆଗକୁ ନବରାତ୍ରୀ ଥିବାବେଳେ ଏହି ଖବର ଭକ୍ତଙ୍କ ମଧ୍ୟରେ ଉତ୍ସାହ ଖେଳାଇଦେଇଛି । ଅଗଷ୍ଟ ୨୬ ତାରିଖରେ ପ୍ରବଳ ବର୍ଷା ଯୋଗୁଁ ତ୍ରିକୁଟ ପାହାଡ଼ରେ ଏକ ବଡ଼ ଭୂସ୍ଖଳନ ହୋଇଥିଲା। ଏହି ଦୁର୍ଘଟଣାରେ ୩୪ ଜଣ ଭକ୍ତଙ୍କ ମୃତ୍ୟୁ ହୋଇଥିଲା, ଯେତେବେଳେ ଅନେକ ଆହତ ହୋଇଥିଲେ। ଦୁର୍ଘଟଣାର ଗମ୍ଭୀରତା ଦେଖି ପ୍ରଶାସନ ତୁରନ୍ତ ବୈଷ୍ଣୋ ଦେବୀ ଯାତ୍ରାକୁ ସ୍ଥଗିତ ରଖିଥିଲା। ସେବେଠାରୁ ଏହି ରାସ୍ତା ସମ୍ପୂର୍ଣ୍ଣ ବନ୍ଦଥିଲା। ଏହି କାରଣରୁ ହଜାର ହଜାର ଭକ୍ତ କଟରାରେ ଅପେକ୍ଷାରେ ରହିଛନ୍ତି ଏବଂ ଯାତ୍ରା ଆରମ୍ଭ ହେବା ପାଇଁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଅନେକ ଭକ୍ତ କହିଛନ୍ତି ଯେ ସେମାନେ କେବଳ ସେତେବେଳେ ନିଜ ଘରକୁ ଫେରିବେ ଯେତେବେଳେ ସେମାନେ ମାତାଙ୍କ ଦର୍ଶନ କରିପାରିବେ।

## ଗଣମାଧ୍ୟମ ପାଇଁ ଆସିପାରେ ଫ୍ୟାକ୍ଟ ଚେକିଂ ସିଷ୍ଟମ

ନୂଆଦିଲ୍ଲୀ, ୧୨।୯: ମିଛ ଖବର ଗଣତନ୍ତ୍ର ଓ ଆଇନ ବ୍ୟବସ୍ଥା ପ୍ରତି ଗମ୍ଭୀର ବିପଦ । ଏହାକୁ ରୋକିବା ଲାଗି କଠୋର ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ସଂସଦୀୟ କମିଟି କହିଛି। ଏଥିସହ ଛାପା, ଡିଜିଟାଲ ଓ ବୈଦ୍ୟୁତିକ ଗଣମାଧ୍ୟମ ଲାଗି ଫ୍ୟାକ୍ଟ ଚେକିଂ ସିଷ୍ଟମ ଓ ଆନ୍ତରିକ ଲୋକପାଳ ଗଠନ ଜରୁରି ବୋଲି କହିଛି । ମିଛ ଖବର ପ୍ରସାରଣ କରୁଥିବା ସଂସ୍ଥା ଉପରେ ଜରିମନା ବଢ଼ାଇବାକୁ ମଧ୍ୟ କମିଟି ପ୍ରସ୍ତାବ ଦେଇଛି । ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ଅଧ୍ୟକ୍ଷତାରେ ଗଠିତ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଂସଦୀୟ କମିଟି ଏହି ମର୍ମରେ ସରକାରଙ୍କୁ କେତେକ ସୁପାରିସ କରିଛି । କମିଟି ତାର ରିପୋର୍ଟ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ପ୍ରଦାନ କରିଛି । ସଂସଦର ଆଗାମୀ ଅଧିବେଶନରେ ଏହାକୁ ଉପସ୍ଥାପନ କରାଯିବ । କମିଟି କହିଛି ମିଛ ଖବର କେବଳ ବଜାର ନୁହେଁ, ଗଣମାଧ୍ୟମ ପ୍ରତି ମଧ୍ୟ ବିପଦ । ଆଇଟି ଆଇନର ଧାରା ୭୯ ଅନୁସାରେ ଡିଜିଟାଲ ପ୍ଲାଟଫର୍ମକୁ ବାଦ୍ ଦିଆଯିବା ଘଟଣାକୁ ନେଇ କମିଟି ଚିନ୍ତା ପ୍ରକଟ କରିଛି । କମିଟି କରିଥିବା ତାର ସୁପାରିସରେ କହିଛି ଯେ ମିଛ ଖବରର ପରିଭାଷା ସ୍ପଷ୍ଟ ହେଉ ଏବଂ ଜରିମାନା ବଢ଼ାଯାଉ । ସୀମାପାର ମିଛ ଖବରର ମୁକାବିଲା ପାଇଁ ଆନ୍ତଃ ମନ୍ତ୍ରଣାଳୟ ଟାସ୍କଫୋର୍ସ ଗଠନ କରାଯାଉ । ମିଡିଆ ସାକ୍ଷରତା ସ୍କୁଲ ପାଠ୍ୟକ୍ରମରେ ସାମିଲ ହେଉ ବୋଲି କମିଟି ସୁପାରିସ କରିଛି ।

## ଭାରତ ଆଗକୁ ବଢ଼ିଯିବ ଭାବି ଶୁଳ୍କ ଲଗାଯାଉଛି: ମୋହନ ଭାଗବତ



ନୂଆଦିଲ୍ଲୀ, ୧୨।୯: ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ମୁଖ୍ୟ ମୋହନ ଭାଗବତ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭାରତ ଉପରେ ଲଗାଯାଇଥିବା ଶୁଳ୍କ ବୋମା ଉପରେ ନିଜର ପ୍ରତିକ୍ରିୟା ଦେଇଛନ୍ତି। ନାଗପୁରରେ ଏକ କାର୍ଯ୍ୟକ୍ରମରେ ମୋହନ ଭାଗବତ ଆମେରିକାର ନାମ ନ ନେଇ କହିଛନ୍ତି ଯେ, ଭାରତ ଉପରେ ଭାରୀ ଶୁଳ୍କ ଲଗାଯାଇଛି କାରଣ ଆମ ଦେଶର ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି। ଏହା ଦେଖି ସେମାନେ ଭୟ କରୁଛନ୍ତି। ଆମେ ଆଗକୁ ବଢ଼ିଗଲେ ସେମାନଙ୍କର କ'ଣ ହେବ ବୋଲି ଭାବି ଏଭଳି ପଦକ୍ଷେପ ନେଉଛନ୍ତି। ଶୁକ୍ରବାର ଦିନ ମୋହନ ଭାଗବତ କହିଛନ୍ତି ଯେ, 'ମଣିଷ ଏବଂ ଦେଶମାନେ ସେମାନଙ୍କର ପ୍ରକୃତ ସ୍ୱରୂପକୁ ନ ବୁଝିବା ପର୍ଯ୍ୟନ୍ତ ସମସ୍ୟାର ସମ୍ମୁଖୀନ ହେବେ।' ନାଗପୁରରେ ବ୍ରହ୍ମା କୁମାରୀ ବିଶ୍ୱ ଶାନ୍ତି ସରୋବରର ୭ମ ପ୍ରତିଷ୍ଠା ଦିବସରେ ଭାଷଣ ଦେଇ ଭାଗବତ କହିଛନ୍ତି ଯେ, 'ମହିଳାମାନଙ୍କ ନେତୃତ୍ୱାଧୀନ ବ୍ରହ୍ମା କୁମାରୀମାନଙ୍କ ପରି, ଆରଏସଏସ ମଧ୍ୟ ଆନ୍ତରିକ ଚେତନା ଜାଗ୍ରତ କରିବା ପାଇଁ କାମ କରେ। ଯେପର୍ଯ୍ୟନ୍ତ ମଣିଷ ଏବଂ ଦେଶମାନେ ସେମାନଙ୍କର ପ୍ରକୃତ ସ୍ୱରୂପକୁ ନ ବୁଝିବେ, ସେପର୍ଯ୍ୟନ୍ତ ସେମାନେ ସମସ୍ୟାର ସମ୍ମୁଖୀନ ହେବେ। ଯଦି ଆମେ କରୁଣା ଦେଖାଇବା ଏବଂ ଭୟକୁ ଦୂର କରିବା ତେବେ ଆମର କୌଣସି ଶତ୍ରୁ ରହିବେ ନାହିଁ।

## ଭାରତକୁ ଆମ ପକ୍ଷକୁ ଆଣିବା ଆମର ସର୍ବୋଚ୍ଚ ପ୍ରାଥମିକତା ହେବ: ଆମେରିକୀୟ ରାଷ୍ଟ୍ରଦୂତ

ନୂଆଦିଲ୍ଲୀ, ୧୨।୯: ଭାରତ-ଆମେରିକା ମଧ୍ୟରେ ଚାଲିଥିବା ଶୁଳ୍କ ବିବାଦ ମଧ୍ୟରେ ନୂଆଦିଲ୍ଲୀ ସହ ବେଜିଂର ସମ୍ପର୍କ ବଢିବାକୁ ନେଇ ରାଷ୍ଟ୍ରପତି ଟ୍ରମ୍ପ ଏବେ ଚିନ୍ତାରେ । ଭାରତ ଚୀନ୍‌ର ନିକଟତର ହେବା ଦେଖି ମୋଦୀଙ୍କ ସହ ପୁଣି ଥରେ ସମ୍ପର୍କ ସୁଧାରିବାକୁ ପ୍ରସ୍ତୁତିକୁ ଜୋରଦାର କରୁଛନ୍ତି ଟ୍ରମ୍ପ । ନିକଟରେ ଟ୍ରମ୍ପ ତାଙ୍କର ଏକ ବିବୃତ୍ତିରେ ସ୍ପଷ୍ଟ କରିଥିଲେ ଯେ, ସେ ଖୁବଶୀଘ୍ର ଭାରତ ସହ ତାଙ୍କର ସମ୍ପର୍କରେ ସୁଧାର ଆଣିବେ। ଆଉ ଏହି ସମୟରେ, ଭାରତରେ ନିଯୋଜିତ ଆମେରିକୀୟ ରାଷ୍ଟ୍ରଦୂତ ସେର୍ଗିଓ ଗୋର୍ ମଧ୍ୟ କହିଛନ୍ତି ଯେ, ଭାରତକୁ ଆମ ପକ୍ଷକୁ ଆଣିବା ଆମର ସର୍ବୋଚ୍ଚ ପ୍ରାଥମିକତା। ସେର୍ଗିଓ ଗୋର୍ କହିଛନ୍ତି, ' ଭାରତକୁ ଆମ ପକ୍ଷକୁ ଆଣିବା ଏବଂ ଚୀନ୍ ଠାରୁ ଦୂରେଇ ରଖିବା ଆମର ସର୍ବୋଚ୍ଚ ପ୍ରାଥମିକତା ହେବ । ସେ ଏହା ମଧ୍ୟ କହିଛନ୍ତି ଯେ, ଯଦିଓ ବର୍ତ୍ତମାନ ଆମର (ଭାରତ-ଆମେରିକା) ସମ୍ପର୍କରେ କିଛି ପ୍ରତିବନ୍ଧକ ଅଛି, ଆମେ ସେଗୁଡ଼ିକୁ ସମାଧାନ କରିବା ପଥରେ ଅଛୁ। ଭାରତ ସରକାର ଏବଂ ଭାରତୀୟ ଲୋକଙ୍କ ସହିତ ଆମର ସମ୍ପର୍କ ଆଗାମୀ ଅନେକ ଦଶନ୍ଧି ପର୍ଯ୍ୟନ୍ତ ରହିବ ଏବଂ ଏହି ସମ୍ପର୍କ ଚୀନ୍ ସହିତ ସେମାନଙ୍କ ସମ୍ପର୍କ ଅପେକ୍ଷା ବହୁତ ଉଷ୍ମ। ଗୋର୍ କହିଛନ୍ତି ଯେ ଚୀନ୍‌ର ବିସ୍ତାରବାଦ କେବଳ ଭାରତର ସୀମା ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ସମଗ୍ର ଅଞ୍ଚଳରେ ବିସ୍ତାରିତ। ଭାରତକୁ ଆମ ପକ୍ଷକୁ ଆଣିବା ଏବଂ ସେମାନଙ୍କ (ଚୀନ୍) ଠାରୁ ଦୂରେଇ ରଖିବା ଆମେ ଆମର ସର୍ବୋଚ୍ଚ ପ୍ରାଥମିକତା ଦେବୁ।ଚାଲିଥିବା ବାଣିଜ୍ୟ ଆଲୋଚନାରେ, ଆମେ ଚାହୁଁଛୁ ଯେ ଭାରତୀୟ ବଜାର ଆମର ଅଶୋଧିତ ତେଲ, ପେଟ୍ରୋଲିୟମ୍ ଉତ୍ପାଦ ଏବଂ ଖଘଏ ପାଇଁ ଖୋଲା ରହୁ। ଭାରତର ମଧ୍ୟବିତ୍ତ ବର୍ଗ ଆମେରିକାର ସମଗ୍ର ଜନସଂଖ୍ୟା ଅପେକ୍ଷା ବଡ଼।

## ଓଲଟିଲା ବୋଟ୍: ୧୦ ମୃତ, ୪୦ ଉଦ୍ଧାର



ଇସଲାମାବାଦ୍, ୧୨/୯: ପାକିସ୍ତାନରେ ବନ୍ୟା । ପାଣିର ପ୍ରଳୟ ଭିତରେ ପାକିସ୍ତାନ ଗତି କରୁଥିବା ବେଳେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ପାକିସ୍ତାନର ପଞ୍ଜାବ ପ୍ରଦେଶ । ବନ୍ୟାପାଣିରୁ ଲୋକଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଥିବା ବେଳେ ଏକ ଭୟଙ୍କର ଅଘଟଣ ଘଟିଛି । ଉଦ୍ଧାର ଉଦ୍ୟମ ଚାଲିଥିବା ବେଳେ ଓଲଟିଲା ଡଙ୍ଗା । ୩ଟି ବୋଟ୍ ଉଦ୍ଧାର କାମରେ ଲାଗିଥିବା ବେଳେ ଓଲଟିପଡିଛି । ବୋଟ୍ ଓଲଟିବା ଫଳରେ ୧୦ ଜଣ ବନ୍ୟା ପ୍ରଭାବିତଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ କିଛି ପିଲା ବି ଅଛନ୍ତି । ତେବେ ମୁଲତାନ, ବାହାୱାଲନଗରରେ ଏହି ଉଦ୍ଧାର ଉଦ୍ୟମ ଚାଲୁଥିବା ବେଳେ ଏପରି ଅଘଟଣ ଘଟିଛି । ଦକ୍ଷିଣ ପଞ୍ଜାବ ବନ୍ୟାରେ ପ୍ରଭାବିତ ହୋଇଥିବା ବେଳେ ବୋଟ୍ ଓଲଟିବା ପରେ ୪୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି । ସତଲେଜ, ରାବି ଏବଂ ଚେନାବ ନଦୀର ଜଳସ୍ତର ବଢିବା ଫଳରେ ପାକିସ୍ତାନ ପଞ୍ଜାବ ବୁଡିଛି । ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି । ୪୫୦୦ରୁ ଅଧିକ ଗାଁ ପାଣି ଘେରରେ ରହିଥିବା ବେଳେ ୪୦ ଲକ୍ଷ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ୨୦ ଲକ୍ଷ ଲୋକ ବେଘର ହୋଇଛନ୍ତି । ୧୦ ଲକ୍ଷରୁ ଅଧିକ ପଶୁଙ୍କୁ ବନ୍ୟା ପାଣିରୁ ସୁରକ୍ଷିତ ଉଦ୍ଧାର କରି ସ୍ଥାନାନ୍ତରିତ କରାଯାଇଛି ।

# ଟ୍ରମ୍ପଙ୍କୁ ଅସ୍ୱାଭାବିକ ଓ ଅସ୍ଥିର କହିଲେ କଂଗ୍ରେସ ନେତା ଶଶି ଥରୁର



ନୂଆଦିଲ୍ଲୀ, ୧୨।୯: ଆମେରିକା ଦ୍ୱାରା ଲାଗୁ ହୋଇଥିବା ଶୁଳ୍କ ଭାରତକୁ ପ୍ରଭାବିତ କରିଛି ଏବଂ ଏଥିପାଇଁ ଲୋକମାନେ ଚାକିରି ହରାଉଛନ୍ତି । ବରିଷ୍ଠ କଂଗ୍ରେସ ନେତା ଶଶି ଥରୁର ଶୁକ୍ରବାର ଦିନ ଏହା କହିଛନ୍ତି। ସେ ଏହା ମଧ୍ୟ ଦାବି କରିଛନ୍ତି ଯେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ 'ଅସ୍ଥିର' ସ୍ୱଭାବର ପରିଚୟ ଦେଉଛନ୍ତି । ସେ କୂଟନୈତିକ ଆଚରଣ ବ୍ୟବହାରର ପାରମ୍ପରିକ ମାନଦଣ୍ଡକୁ ସମ୍ମାନ କରନ୍ତି ନାହିଁ। ଆମେରିକା ଭାରତରୁ ରପ୍ତାନି ହେଉଥିବା ସାମଗ୍ରୀ ଉପରେ ୫୦% ଶୁଳ୍କ ଲଗାଇଛି, ଯେଉଁଥିରେ ରୁଷରୁ ତେଲ କିଣିବା ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଅନ୍ତର୍ଭୁକ୍ତ। ଥରୁର କହିଛନ୍ତି ଯେ, ଶୁଳ୍କର ପ୍ରଭାବକୁ ହ୍ରାସ କରିବା ପାଇଁ ଭାରତକୁ ଏହାର ରପ୍ତାନି ବଜାରରେ ବିବିଧତା ଆଣିବାକୁ ପଡିବ। ସେ କହିଛନ୍ତି ଯେ, ସୁରଟରେ ରତ୍ନ ଏବଂ ଅଳଙ୍କାର ବ୍ୟବସାୟ, ସାମୁଦ୍ରିକ ଖାଦ୍ୟ ଏବଂ ଉତ୍ପାଦନ କ୍ଷେତ୍ରରେ ୧.୩୫ ଲକ୍ଷ ଲୋକ ସେମାନଙ୍କର ଚାକିରି ହରାଇଛନ୍ତି। ଭାରତର ରିଅଲ ଇଷ୍ଟେଟ୍ କ୍ଷେତ୍ରର ସର୍ବୋଚ୍ଚ ଶିଳ୍ପ ସଂସ୍ଥା ଦ୍ୱାରା ଆୟୋଜିତ ଏକ ସମ୍ମିଳନୀରେ ଭାରତ-ଆମେରିକା ସମ୍ପର୍କ ଏବଂ ଶୁଳ୍କ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ଥରୁର କହିଛନ୍ତି,'ଟ୍ରମ୍ପ ଜଣେ ଅତ୍ୟନ୍ତ ଅସ୍ଥିର ବ୍ୟକ୍ତି ଏବଂ ଆମେରିକାର ଶାସନ ବ୍ୟବସ୍ଥା ରାଷ୍ଟ୍ରପତିଙ୍କୁ ବହୁତ ଶକ୍ତି ପ୍ରଦାନ କରେ। ଟ୍ରମ୍ପଙ୍କ ପୂର୍ବରୁ ୪୪ କିମ୍ବା ୪୫ ଜଣ ରାଷ୍ଟ୍ରପତି ହୋଇସାରିଛନ୍ତି, କିନ୍ତୁ ହ୍ୱାଇଟ୍ ହାଉସ୍ ପକ୍ଷରୁ ଏହି ପ୍ରକାରର ଆଚରଣ କେହି କେବେ ଦେଖି ନାହାଁନ୍ତି। କଂଗ୍ରେସ ନେତାଙ୍କ ଅନୁସାରେ, ଟ୍ରମ୍ପ ପ୍ରତ୍ୟେକ ଦୃଷ୍ଟିରୁ ଜଣେ 'ଅସାଧାରଣ ରାଷ୍ଟ୍ରପତି' ଏବଂ ଆମେରିକା ରାଷ୍ଟ୍ରପତି ନିଶ୍ଚିତ ଭାବରେ କୂଟନୈତିକ ଆଚରଣର ପାରମ୍ପରିକ ମାନଦଣ୍ଡକୁ ସମ୍ମାନ କରନ୍ତି ନାହିଁ। ସେ କହିଛନ୍ତି, 'ମୁଁ କହିବାକୁ ଚାହୁଁଛି ଯେ ଆପଣ କେବେ କୌଣସି ବିଶ୍ୱ ନେତାଙ୍କୁ ଖୋଲାଖୋଲି ଭାବରେ କହିବାର ଶୁଣିଛନ୍ତି ଯେ ସେ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଯୋଗ୍ୟ ? ଏହା ପୂର୍ବରୁ କେବେ ହୋଇନାହିଁ। ଆପଣ କେବେ କୌଣସି ବିଶ୍ୱ ନେତାଙ୍କୁ ଏହା କହିବାର ଶୁଣିଛନ୍ତି କି, ବିଶ୍ୱର ସମସ୍ତ ଦେଶ ଆସି ମୋ ପିଠି ଥାପୁଡେଇବାକୁ ଚାହାଁନ୍ତି । 'ଆପଣ କେବେ କୌଣସି ବିଶ୍ୱ ନେତାଙ୍କୁ ଏହା କହିବାର ଶୁଣିଛନ୍ତି ଯେ, ଭାରତ ଏବଂ ରୁଷର ଅର୍ଥନୀତି ନଷ୍ଟ ହୋଇଯାଇଛି । କଂଗ୍ରେସ ନେତା କହିଛନ୍ତି, 'ଟ୍ରମ୍ପ ଅସ୍ୱାଭାବିକ ଏବଂ ମୁଁ ଆପଣଙ୍କୁ ଅନୁରୋଧ କରୁଛି ଯେ ତାଙ୍କ ଆଚରଣ ଦ୍ୱାରା ଆମର ପ୍ରଦର୍ଶନର ବିଚାର କରନ୍ତୁ ନାହିଁ।'

## ବୋଲସୋନାରୋଙ୍କୁ ୨୭ ବର୍ଷ ଜେଲ୍



ନୂଆଦିଲ୍ଲୀ, ୧୨।୯: ବ୍ରାଜିଲ ସୁପ୍ରିମକୋର୍ଟ ପୂର୍ବତନ ରାଷ୍ଟ୍ରପତି ଜାୟର ବୋଲସୋନାରୋଙ୍କୁ ୨୭ ବର୍ଷ ୩ ମାସ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି । ଦେଶରେ ବିଦ୍ରୋହ ଷଡ଼ଯନ୍ତ୍ର ଅଭିଯୋଗରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଦଣ୍ଡାଦେଶ ଶୁଣାଯାଇଛି। ଏହି ଦଣ୍ଡାଦେଶ ବ୍ରାଜିଲ ଇତିହାସରେ ପ୍ରଥମ । ୭୦ ବର୍ଷୀୟ ବୋଲସୋନାରୋଙ୍କୁ ଏବେ ହ୍ୱାଇଟ ହାଉସରେ ରଖାଯାଇଛି । ସେ ଇଲେକ୍ଟ୍ରୋନିକ ଆଙ୍କଲ ମନିଟରିଂରେ ରହିଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରିୟ ଥିଲେ ଜାୟର ବୋଲସୋନାରୋ । ୨୦୨୨ରେ ରାଷ୍ଟ୍ରପତି ନିର୍ବାଚନରେ କ୍ଷମତାରେ ରହିବାକୁ ସେ ବିଦ୍ରୋହ ଷଡ଼ଯନ୍ତ୍ର କରିଥିବା ଅଭିଯୋଗ ହୋଇଥିଲା । ୧୯୮୭ ମସିହାରେ, ବୋଲସୋନାରୋ ଆଉ ଏକ ମାମଲାରେ ଫସିଥିଲେ। ତାଙ୍କର ଏକ ସାକ୍ଷାତକାର ନେଇଥିବା ପତ୍ରିକା ପ୍ରକାଶ କରିଥିଲା ଯେ, ଜାୟର ତାଙ୍କ ସାଥୀଙ୍କ ସହିତ ରିଓଡିଜେନେରିଓରେ ସାମରିକ ୟୁନିଟରେ ବୋମା ଲଗାଇବାକୁ ଷଡ଼ଯନ୍ତ୍ର କରିଥିଲେ। ପତ୍ରିକା ମଧ୍ୟ ସ୍କେଚ୍ ଏବଂ ଷଡ଼ଯନ୍ତ୍ର ବିଷୟରେ ସୂଚନା ପ୍ରକାଶ କରିଥିଲା । ଦାବି କରିଥିଲା ଯେ ଏହି ସମସ୍ତ ସ୍କେଚ୍ ନିଜେ ବୋଲସୋନାରୋଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା ।

## 'ଭାରତ-ଚୀନ ଉପରେ ୧୦୦ ପ୍ରତିଶତ ଶୁଳ୍କ ଲାଗୁ କର'

ନୂଆଦିଲ୍ଲୀ, ୧୨।୯: ବୁଧବାର ଭାରତକୁ ବନ୍ଧୁ ବୋଲି କହି ଲଗାଯାଇଥିବା ଶୁଳ୍କ ଉପରେ ଆଲୋଚନା ନେଇ ପ୍ରସ୍ତାବ ଦେବା ପରେ ଏବେ ପୁଣି ୟୁଟର୍ଣ୍ଣ ନେଇଛନ୍ତି ଆମେରିକା ରାଷ୍ଟ୍ରପତି ଟ୍ରମ୍ପ। ଟ୍ରମ୍ପ ପ୍ରଶାସନ ରୁଷରୁ ତେଲ କିଣୁଥିବାରୁ ଭାରତ ଏବଂ ଚୀନ ଉପରେ ୧୦୦ପ୍ରତିଶତ ଶୁଳ୍କ ଲଗାଇବାକୁ ଜି୭ ଦେଶଗୁଡ଼ିକୁ ପ୍ରସ୍ତାବ ଦେଇଛି। ୟୁକ୍ରେନ ସହିତ ଶାନ୍ତି ଆଲୋଚନା ପାଇଁ ମସ୍କୋକୁ ବାଧ୍ୟ କରିବାକୁ ଆମେରିକା ଏଭଳି କରିଥିବା କୁହାଯାଉଛି। ପ୍ରସ୍ତାବିତ ଶୁଳ୍କ ସ୍ତର ୫୦ରୁ ୧୦୦ପ୍ରତିଶତ ମଧ୍ୟରେ ରହିବ ବୋଲି କୁହାଯାଉଛି। ଜି୭(କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ, ବ୍ରିଟେନ ଏବଂ ଯୁକ୍ତରାଷ୍ଟ୍ର)ର ଅର୍ଥମନ୍ତ୍ରୀମାନେ ଭିଡିଓ କଲ୍ ମାଧ୍ୟମରେ ଏହି ପ୍ରସ୍ତାବ ଉପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

### ଇଲେକ୍ଟ୍ରୋନିକ ଡିଭାଇସରୁ ସଂଗୃହୀତ ପ୍ରମାଣପତ୍ର

# ସାକ୍ଷ୍ୟ ପାଇଁ ସର୍ବଦା ବାଧ୍ୟତାମୂଳକ ନୁହେଁ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୨।୯: ଇଲେକ୍ଟ୍ରୋନିକ ରେକର୍ଡଗୁଡ଼ିକୁ କଷ୍ଟମ୍ସ ଆଇନ ଅନୁଯାୟୀ ପ୍ରମାଣ ଭାବରେ ବ୍ୟବହାର କରାଯାଇପାରିବ । ଏହାର ଅର୍ଥ ଏହା ନୁହେଁ ଯେ ପ୍ରତ୍ୟେକ କ୍ଷେତ୍ରରେ ଏଭଳି ପ୍ରମାଣ ବାଧ୍ୟତାମୂଳକ । ଏହି ମାମଲାଟି ନୂଆଦିଲ୍ଲୀର କଷ୍ଟମ୍ସ, ଏକ୍ସାଇଜ ଏବଂ ସର୍ଭିସ ଟ୍ୟାକ୍ସ ଆପିଲେଟ ଟ୍ରିବ୍ୟୁନାଲର ୨୦୧୮ ଆଦେଶ ବିରୁଦ୍ଧରେ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ ଦ୍ୱାରା ଦାୟର କରାଯାଇଥିବା ଏକ ଆବେଦନରୁ ସାମ୍ନାକୁ ଆସିଥିଲା । ବ୍ରାଣ୍ଡେଡ୍ ଖାଦ୍ୟ ସାମଗ୍ରୀ ଆମଦାନି ସମୟରେ କଥିତ ଶୁଳ୍କ ଫାଙ୍କିବା ମାମଲାରେ ଟ୍ରିବ୍ୟୁନାଲ ସୁରେଶ କୁମାର ଏବଂ କୋ ଇମ୍ପେକ୍ସ ପ୍ରାଇଭେଟ ଲିମିଟେଡ୍ ଏବଂ ଅନ୍ୟମାନଙ୍କ ଉପରେ ଲାଗୁ ହୋଇଥିବା ଦଣ୍ଡକୁ ଖାରଜ କରିଦେଇଥିଲା । ଟ୍ରିବ୍ୟୁନାଲ ଅନୁଯାୟୀ, ରାଜସ୍ୱ ବିଭାଗ ଦ୍ୱାରା ନିର୍ଭର କରାଯାଇଥିବା ଡକ୍ୟୁମେଣ୍ଟଗୁଡ଼ିକ କରଦାତାଙ୍କ ଇଲେ କ୍ଟ୍ରୋନିକ ଡିଭାଇସଗୁଡ଼ିକରୁ ସଂଗ୍ରହ କରାଯାଇଥିଲା ଏବଂ ଅଧିକାରୀମାନେ କଷ୍ଟମ୍ସ ଆଇନର ଧାରାକୁ କଡ଼ାକଡ଼ି ପାଳନ କରିନଥିବାରୁ, ଡକ୍ୟୁମେଣ୍ଟଗୁଡ଼ିକୁ ପ୍ରମାଣ ଭାବରେ ଗ୍ରହଣ କରାଯାଇପାରିବନାହିଁ । ରାଜସ୍ୱ ବିଭାଗ ଏହି ନିଷ୍କର୍ଷକୁ ଚ୍ୟାଲେଞ୍ଜ କରି ଯୁକ୍ତି ଦର୍ଶାଇଥିଲେ ଯେ ଯାଞ୍ଚ ସମୟରେ ଆଇନର ଧାରା ୧୦୮ ଅନୁଯାୟୀ, ରେକର୍ଡ କରାଯାଇଥିବା ବୟାନରେ କରଦାତାଙ୍କ ଦ୍ୱାରା ଡକ୍ୟୁମେଣ୍ଟଗୁଡ଼ିକୁ ଯଥାର୍ଥ ଭାବରେ ସ୍ୱୀକାର କରାଯାଇଥିଲା । ଅନ୍ୟପକ୍ଷରେ, କରଦାତା ମାନେ ଯୁକ୍ତି ବାଢ଼ିଥିଲେ ଯେ, କେବଳ ଡକ୍ୟୁମେଣ୍ଟଗୁଡ଼ିକୁ ସ୍ୱୀକାର କରୁଥିବା ବୟାନ ରେକର୍ଡ କରିବା ଆଇନର ଯଥାର୍ଥ ଅନୁପାଳନ ନୁହେଁ । ଏହି ମାମଲା ସୁପ୍ରିମକୋର୍ଟରେ ବିଚାରପତି ଜେବି ପାରଡିୱାଲା ଏବଂ କେଭି ବିଶ୍ୱନାଥନଙ୍କ ଖଣ୍ଡପୀଠଙ୍କ ନିକଟରେ ପହଞ୍ଚିଥିଲା । ଖଣ୍ଡପୀଠ କଷ୍ଟମ୍ସ ଆଇନର ଧାରା ଯାଞ୍ଚ କରିଥିଲେ, ଯାହା ମାଇକ୍ରୋଫିଲ୍ମ, ଫ୍ୟାକ୍ସିମାଇଲ୍ସ ଏବଂ କମ୍ପ୍ୟୁଟର ପ୍ରିଣ୍ଟଆଉଟ ଗୁଡ଼ିକୁ ଡକ୍ୟୁମେଣ୍ଟ ଭାବରେ ଗ୍ରହଣ କରିବା ସହ ଜଡ଼ିତ । କୋର୍ଟ ଉଲ୍ଲେଖ କରିଛନ୍ତି ଯେ, ପୂର୍ବ ରାୟରେ, ସୁପ୍ରିମକୋର୍ଟ ବ୍ୟାଖ୍ୟା କରିଥିଲେ ଯେ ପ୍ରମାଣପତ୍ରର ଆବଶ୍ୟକତା ବାଧ୍ୟତାମୂଳକ ହୋଇଥିଲେ ବି ଏହାର ଅନୁପାଳନ କିପରି କରାଯିବ ତାହା ପ୍ରତ୍ୟେକ ମାମଲାର ତଥ୍ୟ ଉପରେ ନିର୍ଭର କରେ ।

# ଭୁଶୁଡ଼ିଲା ପଥର ଖାଦାନ, ୫ ଶ୍ରମିକ ମୃତ

କୋଲକାତା, ୧୨/୯: ଶୁକ୍ରବାର ଅପରାହ୍ନରେ ପଶ୍ଚିମବଙ୍ଗର ବୀରଭୂମି ଜିଲ୍ଲାର ନାଲହାଟିର ବାହାଦୁରପୁରରେ ଏକ ପଥର ଖଣି ଭୁଶୁଡିପଡିବା ଯୋଗୁଁ ପାଞ୍ଚ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଚାରି ଜଣ ଶ୍ରମିକଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖଣିରୁ ପଥର ବାହାର କରିବା ସମୟରେ ଏହି ଘଟଣା ଘଟିଥିଲା। ଏହି ସମୟରେ ଖଣିରେ ୧୨ ଜଣ ଶ୍ରମିକ କାମ କରୁଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଶ୍ରମିକମାନେ ଅପରାହ୍ନରେ ଖଣିରୁ ପଥର ବାହାର କରିବା କାମ କରୁଥିଲେ। ହଠାତ୍ ଖଣିର ଏକ ଅଂଶ ଭୁଶୁଡ଼ି ପଡ଼ିଥିଲା। ଶ୍ରମିକମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ସେହି ସମୟରେ ଖଣିରେ ୧୦-୧୨ ଜଣ ଶ୍ରମିକ କାମ କରୁଥିଲେ। ନଅ ଜଣ ଶ୍ରମିକ ଭଗ୍ନାବଶେଷ ତଳେ ପୋତି ହୋଇଯାଇଥିଲେ। ଖବର ପାଇବା ପରେ କିଛି ଲୋକ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସମସ୍ତ ଶ୍ରମିକଙ୍କୁ ଚିକିତ୍ସା ପାଇଁ ରାମପୁରହାଟ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତର ପାଞ୍ଚ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଆଉ ଚାରି ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କର ଚିକିତ୍ସା ଚାଲିଛି। ଖବର ପାଇବା ପରେ ନାଲହାଟି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପଥର ଖଣି କିପରି ଭୁଶୁଡ଼ି ପଡ଼ିଲା ତାହା ପୋଲିସ ତଦନ୍ତ କରୁଛି। ଏହା ସହିତ, ନିୟମ ଅନୁଯାୟୀ ଖଣିରୁ ପଥର ବାହାର କରାଯାଉଥିଲା କି ନାହିଁ ତାହା ମଧ୍ୟ ତଦନ୍ତ କରାଯାଉଛି। କୁହାଯାଉଛି ଯେ ବର୍ଷା ସମୟରେ ପ୍ରବଳ ବର୍ଷା ଯୋଗୁଁ ଅନେକ ପଥର ଖଣିରେ ପାଣି ଜମା ହୋଇଯାଇଥିଲା। ଅଞ୍ଚଳର ମାଟି ମଧ୍ୟ ନରମ ହୋଇଯାଇଥିଲା।

# ଏଆଇ ଭିଡିଓ ଭାଇରାଲ, କଂଗ୍ରେସକୁ ଘେରିଲା ବିଜେପି

ପାଟନା, ୧୨।୯: ନିର୍ବାଚନ ପୂର୍ବରୁ ବିହାରରେ ହଙ୍ଗାମା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ ମାଆ ହୀରାବେନଙ୍କୁ ନେଇ ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଭିଡିଓ ଭାଇରାଲ ହେବା ପରେ ଏବେ କଂଗ୍ରେସକୁ ଘେରିଛି ବିଜେପି। ଭିଡିଓରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାଆ ହୀରାବେନ ତାଙ୍କୁ କହୁଥିବା କଥାଗୁଡ଼ିକୁ ନେଇ ବିବାଦ ଆରମ୍ଭ ହୋଇଛି। ପୂର୍ବରୁ କଂଗ୍ରେସର 'ଭୋଟର ଅଧିକାର ଯାତ୍ରା' ସମୟରେ ପ୍ରଧାନମନ୍ତ୍ରୀ ମୋଦି ଏବଂ ତାଙ୍କ ମାଆଙ୍କ ବିରୋଧରେ ଅପମାନଜନକ ଭାଷା ବ୍ୟବହାର କରିବା ଘଟଣା ଶିରୋନାମରେ ଥିଲା। ଏବେ ଏଆଇ ଭିଡିଓକୁ ନେଇ ବିବାଦ ବଢ଼ିଛି। ଏହି ଭିଡିଓକୁ ବିହାର କଂଗ୍ରେସ ସୋସିଆଲ ମିଡିଆରେ ପୋଷ୍ଟ କରିଥିବା ବେଳେ ଭିଡିଓରେ ପ୍ରଧାନମନ୍ତ୍ରୀ ମୋଦି ଏବଂ ତାଙ୍କ ମାଆଙ୍କୁ ଦେଖିବାକୁ ମିଳିଛି। କଂଗ୍ରେସର ଏହି ଭିଡିଓ ଦେଖିବା ପରେ ବିଜେପି କଡ଼ା ପ୍ରତିକ୍ରିୟା ଦେଇ କହିଛି ଯେ, ପ୍ରଧାନମନ୍ତ୍ରୀଙ୍କ ମାଆ, ମହିଳା ଏବଂ ଗରିବଙ୍କ ପ୍ରତି ଏହା ଅପମାନ। ବିହାର କଂଗ୍ରେସ ଦ୍ୱାରା ଜାରି କରାଯାଇଥିବା ଏଆଇ ଭିଡିଓରେ ପ୍ରଧାନମନ୍ତ୍ରୀ ମୋଦି ଘରକୁ ଫେରି ଶୋଇବାକୁ ଯାଉଥିବା ଦେଖାଯାଉଛି। ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ମାଆ ସ୍ୱପ୍ନରେ ଆସି ତାଙ୍କୁ ରାଗୁଛନ୍ତି। ଏହି ଭିଡିଓରେ ଯେଉଁ ପ୍ରକାରର ଭାଷା ବ୍ୟବହାର କରାଯାଇଛି ତାକୁ ନେଇ ବିବାଦ ଆରମ୍ଭ ହୋଇଛି।

# ନେପାଳ ହିଂସା: ୫୧ରେ ପହଞ୍ଚିଲା ମୃତ୍ୟୁ ସଂଖ୍ୟା



କାଠମାଣ୍ଡୁ, ୧୨/୯: ଏପଟେ କୋହଳ ହେଉଛି କର୍ଫ୍ୟୁ, ସେପଟେ ବଢୁଛି ମୃତ୍ୟୁ ସଂଖ୍ୟା । ନେପାଳରେ ହିଂସାରେ ବଢୁଛି ମୃତ୍ୟୁ ସଂଖ୍ୟା । ବର୍ତ୍ତମାନ ସୁଦ୍ଧା ମିଳିଥିବା ସୂଚନା ଅନୁସାରେ ମୃତ୍ୟୁ ସଂଖ୍ୟା ୫୧ ଛୁଇଁଛି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଥିବା ଏକ ରିପୋର୍ଟରେ କୁହାଯାଇଛି କି ବିଦ୍ରୋହ ଏବଂ ହିଂସା ସମୟରେ ୩୦ ଜଣଙ୍କ ମୃତ୍ୟୁ ଗୁଳିମାଡ଼ରେ ହୋଇଥିବା ବେଳେ ୨୧ ଜଣଙ୍କ ମୃତ୍ୟୁ ନିଆଁରେ ପୋଡି, ଆହତ ଏବଂ କ୍ଷତାକ୍ତ ପରେ ଚିକିତ୍ସାଧିନ ଅବସ୍ଥାରେ ହୋଇଛି । ସେପଟେ ସେପ୍ଟେମ୍ବର ୮ ତାରିଖରେ କାଠମାଣ୍ଡୁରେ ଜଳିଥିବା ବିଦ୍ରୋହର ନିଆଁ ଧିରେଧିରେ ଲିଭୁଛି । କାଠମାଣ୍ଡୁରେ ସ୍ଥିତି ସୁଧୁରୁଛି ଏବଂ ଶାନ୍ତି ଫେରୁଛି । ଯଦିଓ କର୍ଫ୍ୟୁ ଏବେବି ଜାରି ରହିଛି ମାତ୍ର କିଛି ସ୍ଥାନରେ କୋହଳ ହୋଇଛି । ସଂଧ୍ୟା ୫ଟା ଯାଏଁ କର୍ଫ୍ୟୁ ଜାରି ରହୁଥିବା ବେଳେ ମାତ୍ର ୨ ଘଣ୍ଟା ପାଇଁ କୋହଳ ପରେ ପୁଣି ସଂଧ୍ୟା ୭ରୁ ସକାଳ ୬ ଯାଏଁ କର୍ଫ୍ୟୁ ରହୁଛି । ହେଲେ ଅନେକ ସ୍ଥାନରେ କର୍ଫ୍ୟୁ କୋହଳ କରାଯାଇଛି । କର୍ଫ୍ୟୁ କୋହଳ ପରେ ଭାରତ ନେପାଳ ସୀମାରେ ଥିବା ଚେକପୋଷ୍ଟରେ ଲୋକଙ୍କୁ ଯାଞ୍ଚ କରି ଛଡାଯାଉଛି । ସେପଟେ ଦେଶର ନିରପତ୍ତା ଓ ଶାନ୍ତି ପାଇଁ ନେପାଳ ସେନା ପକ୍ଷରୁ ଜାରି ରହିଛି ପ୍ରୟାସ । ନେପାଳରେ ଜେନ୍- ଜେଡ୍ ଯୁବକଗୋଷ୍ଠୀଙ୍କ ଆନ୍ଦୋଳନ ଫଳରେ ପି.କେ ଶର୍ମା ଓଲିଙ୍କ ସରକାର ଭାଙ୍ଗି ଯାଇଛି । ଆନ୍ଦୋଳନ ଥମିଥିବା ବେଳେ ଏବେ ଅନ୍ତରୀଣ ସରକାର ଗଠନ ପାଇଁ କିଏ ନେତୃତ୍ୱ ନେବେ ସେନେଇ ଚାଲିଛି ଆଲୋଚନା ଓ ବୈଠକ । ଏହାରି ଭିତରେ ଦେଶର ପ୍ରମୁଖ ସହରରେ କର୍ଫ୍ୟୁକୁ ହଟାଇବା ପ୍ରକ୍ରିୟା ଆରମ୍ଭ ହୋଇଛି । କାଠମାଣ୍ଡୁରେ ବଜାରଗୁଡ଼ିକ ସାମୟିକ ଭାବେ ଖୋଲିଛି । କିନ୍ତୁ ସରକାରୀ ଯାନବାହନ ଚଳାଚଳ ବନ୍ଦ ରହିଛି । ଏବେ ସ୍ଥିତି ନିୟନ୍ତ୍ରଣ କରୁଛନ୍ତି ସେନା । ସେପଟେ ଜେଲରୁ ପଳାଇଥିବା କଏଦୀଙ୍କୁ ବାନ୍ଧି ଜେଲକୁ ଫେରାଇ ଅଣାଯାଇଥିବା ସୂଚନା ମିଳିଛି ।

## କାର୍ଯ୍ୟାଳୟରେ ପଶି ଅଧିକାରୀଙ୍କୁ ଆକ୍ରମଣ ସହ ଭଙ୍ଗାରୁଜା: ୨ ଗିରଫ



ବ୍ରହ୍ମପୁର(ନିପ୍ର): ବ୍ରହ୍ମପୁର ଅବକାରୀ କାର୍ଯ୍ୟାଳୟ-୧ ଭିତରେ ପଶି କାର୍ଯ୍ୟରତ ଅଧିକାରୀଙ୍କୁ ଗାଳିଗୁଲଜ ଓ ଆକ୍ରମଣ ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ୨ଜଣଙ୍କୁ ଗିରଫ କରିଛି। ଏହି ଘଟଣାରେ ସଂପୃକ୍ତ ମଦ ବ୍ୟବସାୟୀ ନାରାୟଣ ସାହୁ ଓ ତାଙ୍କର ସହଯୋଗୀ ଫେରାର ହୋଇଯାଇଛନ୍ତି। ଗିରଫ ୨ଅଭିଯୁକ୍ତ ହେଲେ ନାରାୟଣ ସାହୁଙ୍କ ଭାଇ ତୋଫାନ କୁମାର ସାହୁ(୫୮) ଓ ତାଙ୍କ ପୁତୁରା ସାଗର କୁମାର ସାହୁ(୨୬) । ସୂଚନା ପ୍ରକାରେ, ନାରାୟଣଙ୍କ ଗୋପାଳପୁର ଜଙ୍କସନଠାରେ ଏକ ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନ ରହିଛି। ଅବକାରୀ ବିଭାଗ ଏଏସ୍ଆଇ ବଳରାମ ବେହେରା ଓ ତାଙ୍କ ଟିମ୍ ଗୋପାଳପୁର ଜଙ୍କସନଠାରେ ଯାଞ୍ଚ କରୁଥିଲେ। ଏହି ସମୟରେ ସନ୍ତୋଷ ମଣ୍ଡଳ ନାମକ ଜଣେ ଯୁବକ ଏକ ସ୍କୁଟିରେ ୫ଟି କାର୍ଟୁନରେ ଭର୍ତ୍ତି ହୋଇଥିବା ୩୯ ଲିଟର ବିଦେଶୀ ମଦ ଧରି ଯାଉଥିବା ବେଳେ ଅବକାରୀ ଅଧିକାରୀ ଧରି ଉକ୍ତ ସ୍କୁଟି ଓ ୩୯ଲିଟର ବିଦେଶୀ ମଦ ଜବତ କରି କାର୍ଯ୍ୟାଳୟକୁ ନେଇଥିଲେ। କିଛିସମୟ ପରେ ମଦ ବ୍ୟବସାୟୀ ନାରାୟଣ ସାହୁ ତାଙ୍କ ଭାଇ ତୋଫାନ, ପୁତୁରା ସାଗର ଓ ଜିତୁ ନାମକ ଜଣେ ଯୁବକ ଅବକାରୀ କାର୍ଯ୍ୟାଳୟକୁ ଯାଇ ପାଟିତୁଣ୍ଡ କରିବା ସହ ଅଟକ ସନ୍ତୋଷକୁ ସାଙ୍ଗରେ ନେଇଯିବା ଏବଂ ଜବତ ମଦ ମଧ ନେଇଯିବାକୁ ଚେଷ୍ଟା କରିଥିଲେ। ଏହାଦେଖି କାର୍ଯ୍ୟାଳୟରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀ ପ୍ରତିବାଦ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଅଭିଯୁକ୍ତମାନେ କାର୍ଯ୍ୟରତ ଅବକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ଗାଳିଗୁଲଜ କରିଥିଲେ। ଏପରିକି କାର୍ଯ୍ୟାଳୟ ଭିତରେ ଥିବା ଚେୟାରଗୁଡ଼ିକ ଅଧିକାରୀଙ୍କ ଉପରକୁ ଫିଙ୍ଗିଥିଲେ। ସାଙ୍ଗରେ ନେଇଥିବା ଏକ ଲୁହା ରଡରେ ଏଏସଆଇ ବଳରାମଙ୍କୁ ଆକ୍ରମଣ କରିଥିଲେ।

## ଜଣ୍ଡିସ ଆକ୍ରାନ୍ତ ଘଟଣାର ଅନୁଧ୍ୟାନ ପାଇଁ ପହଞ୍ଚିଲେ ଡାକ୍ତରୀ ଦଳ



ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଓଳସିଂହ ପଂଚାୟତ ଡମଣଭୂମି ଜଣ୍ଡିସ ଆକ୍ରାନ୍ତ ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଅନୁଧ୍ୟାନ ପାଇଁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏକ ଡ଼ାକ୍ତରୀ ଦଳ ଆସି ଡମଣଭୂମି ନୋଡାଲ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ସମସ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହିତ ୬/୭ଜଣ ଛାତ୍ରଛାତ୍ରୀମାନଙ୍କର ରକ୍ତ ନମୁନା ପରୀକ୍ଷା ପାଇଁ ସଂଗ୍ରହ କରିଥିବା ଜଣାପଡିଛି। ସେହିପରି ସେମାନେ ନିକଟସ୍ଥ ଓଳସିଂହ ହାଇସ୍କୁଲକୁ ଯାଇ ସ୍ୱାସ୍ଥ୍ୟକର୍ମୀଙ୍କୁ ବିଦ୍ୟାଳୟରେ ପିଲାମାନେ ପାନୀୟ ଜଳ ରୂପେ ବ୍ୟବହାର କରୁଥିବା ଜଳ ନମୁନା ପରୀକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ଗ୍ରାମକୁ ହେଉଥିବା ଜଳ ଯୋଗାଣର ପରୀକ୍ଷା ନିରୀକ୍ଷା ପାଇଁ ପଂଚାୟତ ଅଧିକାରୀଙ୍କୁ ମଧ ଜଣାଇଥିବା ଜଣାପଡିଛି ।

## ଯୁବକକୁ ଇଟାରେ ଛେଚି ଆକ୍ରମଣ; ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ଜନସାଧାରଣ ସ୍ଥଳରେ ମଦ ପିଉଥିବାକୁ ନେଇ ବାରଣ କରିବାରୁ ଅଭିଯୋଗକାରୀଙ୍କୁ ଇଟାରେ ଛେଚି ମରଣାନ୍ତକ ଆକ୍ରମଣ । ଏନେଇ ଅଭିଯୋଗକାରୀ ସଞ୍ଜୟ ଭଞ୍ଜ ଏୟାରଫିଲ୍ଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଏୟାରଫିଲ୍ଡ ଥାନା ପୋଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଅଭିଯୁକ୍ତ ପ୍ରଭୁ ଓରଫ ପବିତ୍ର ଭୋଇକୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଆନୀହାଉସ ଛକ ନିକଟସ୍ଥ ମା ଶକ୍ତି ସ୍ୱରୂପିଣୀ ମଠ ପରିସର ମଧରେ ରହୁଥିଲେ ଏବଂ ଅଭିଯୁକ୍ତ ସହିତ ତାଙ୍କର ପୂର୍ବରୁ ଚିହ୍ନାପରିଚୟ ଥିଲା। ଉକ୍ତ ମଠ ପଛ ପାଖରେ ଏକ ଛୋଟ କେନାଲ୍ ଥିଲା । ଏପ୍ରିଲ ୨୪ ତାରିଖ ସନ୍ଧ୍ୟାରେ ଅଭିଯୋଗକାରୀ ଉକ୍ତ କେନାଲ ନିକଟକୁ ଯାଇଥିବା ବେଳେ, ପୂର୍ବରୁ ଅଭିଯୁକ୍ତ ସେଠାରେ ବସି ମଦ୍ୟପାନ କରୁଥିଲା। ଏହା ଦେଖି ଅଭିଯୋଗକାରୀ ସେଠାରେ ବସି ମଦ୍ୟପାନ ନକରିବା ଲାଗି ଅଭିଯୁକ୍ତକୁ ବାରଣ କରିଥିଲେ । ଏହାକୁ କେନ୍ଦ୍ରକରି ଉଭୟଙ୍କ ମଧରେ ଯୁକ୍ତିତର୍କ ହୋଇଥିଲା ଏବଂ ଅଭିଯୁକ୍ତ ଜଣକ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି କରିବା ସହ ହଠାତ ଉତ୍ୟକ୍ତ ହୋଇ ଏକ ଇଟା ସାହାଯ୍ୟରେ ମୁଣ୍ଡକୁ ଲକ୍ଷ କରି ମରଣାନ୍ତକ ଆକ୍ରମଣ କରିଥିଲା ।

## ମୋବାଇଲ ଚୋରି ଅଭିଯୋଗରେ ୨ ଗିରଫ

ଭୁବନେଶ୍ୱର(ନିପ୍ର): ଚନ୍ଦ୍ରଶେଖରପୁର ଥାନା ପୋଲିସ ଶୁକ୍ରବାର ମୋବାଇଲ ଚୋରି କରିଥିବା ଅଭିଯୋଗରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଉଛନ୍ତି ନିଳାଦ୍ରୀ ବିହାର ହରେକୃଷ୍ଣ ବସ୍ତିର ବିଶ୍ୱରଞ୍ଜନ ଜେନା ଓରଫ ଲିଙ୍କନ (୨୦) ଓ ବିଶ୍ୱନାଥ ନାୟକ ଓରଫ ଟୁଲା (୨୨)। ଗିରଫ ଦୁଇ ଅଭିଯୁକ୍ତଙ୍କ ଠାରୁ ପୋଲିସ ୨ଟି ମୋବାଇଲ ଫୋନ ଜବତ କରିଛି। ଏନେଇ ସନ୍ଦୀପ ପଣ୍ଡିତ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ପ୍ଲାଏଉଡ୍ ମାଲିକଙ୍କୁ ୨୮ ଲକ୍ଷ ଚୂନ: କର୍ମଚାରୀ ଗିରଫ

ଭୁବନେଶ୍ୱର(ନିପ୍ର): ପ୍ଲାଏଉଡ଼ ଦୋକାନର ମାଲିକଙ୍କୁ ୨୮ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୋଗରେ ଉକ୍ତ ଦୋକାନର କର୍ମଚାରୀଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୋଲିସ। ଗିରଫ ଯୁବକଙ୍କ ନାମ ପ୍ରଦୀପ ପଟ୍ଟନାୟକ (୩୪) ଓ ତାଙ୍କ ଘର ଗଞ୍ଜାମ ଜିଲ୍ଲା ରମ୍ଭା ଥାନା ଅଂଚଳରେ ବୋଲି ଜଣାପଡ଼ିଛି। ଏନେଇ ଅଭିଯୋଗକାରୀ ନବୀନ ଅଗ୍ରାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀଙ୍କ ଝାରପଡା, ଜଗନ୍ନାଥନଗରର ପ୍ଲଟ ନମ୍ବର-୧୫୭୩ ରେ "ମହାପ୍ରଭୁ ଲାମିନେଟ୍ସ" ନାମରେ ଏକ ସନମାଇକା ହୋଲସେଲିଙ୍ଗ ଦୋକାନ ଅଛି । ଅଭିଯୁକ୍ତ ପ୍ରଦୀପ ପଟ୍ଟନାୟକ ଏବଂ ରାଜ୍ କୁମାର ଓଝା ଅଭିଯୋଗକାରୀଙ୍କ ଦୋକାନରେ ସେଲ୍ସମ୍ୟାନ ଭାବରେ କାର୍ଯ୍ୟ କରିବା ସହ ବିଭିନ୍ନ ଡିଲରଙ୍କଠାରୁ ଟଙ୍କା ସଂଗ୍ରହ ଦାୟିତ୍ୱରେ ମଧ୍ୟ ଥିଲେ। ଅଭିଯୁକ୍ତ ପ୍ରଦୀପ ବିଭିନ୍ନ ଡିଲରଙ୍କ ଠାରୁ ମୋଟ ୨୦ ଲକ୍ଷ ୧୦ ହଜାର ୩ଶହ ୪୦ଟଙ୍କା ଟଙ୍କା ସଂଗ୍ରହ କରିଥିଲେ, କିନ୍ତୁ ତାହାକୁ ଅଭିଯୋଗକାରୀଙ୍କ ନିକଟରେ ଜମା ଦେଇନଥିଲେ । ଅଭିଯୋଗକାରୀ ନିଜର ଆକାଉଂଟ ଯାଂଚ କରିବାରୁ ଅଭିଯୁକ୍ତ ପ୍ରଦୀପ ସଂଗ୍ରହ କରିଥିବା ଟଙ୍କା ବ୍ୟାଙ୍କରେ ଜମା କରିନଥିବା ଜାଣିବାକୁ ପାଇଥିଲେ । ପ୍ରଦୀପ ରମ୍ଭାରେ ଥିବା ନିଜ ଦୋକାନ "ମା ମଙ୍ଗଳା ଟ୍ରେଡର୍ସ" ପାଇଁ ଅଭିଯୋଗକାରୀଙ୍କ ଦୋକାନରୁ ୪ ଲକ୍ଷ ୧୧ ହଜାର ୯ଶହ୨ ଟଙ୍କାର ସନମାଇକା ମଧ୍ୟ କିଣିଥିଲେ । ଏହା ବ୍ୟତୀତ ବିଭିନ୍ନ ଦିନରେ ପ୍ରଦୀପ ନୂତନ ବାଇକ୍ କିଣିବା ତଥା ଅଗ୍ରୀମ ଦରମା ଆକାରରେ ଅଭିଯୋଗକାରୀଙ୍କ ନିକଟରୁ ୨ଲକ୍ଷ ୪୭ ହଜାର ୫ଶହ ଟଙ୍କା ନଗଦ ଆକାରରେ ନେଇଥିଲେ । ଅଭିଯୁକ୍ତ ପ୍ରଦୀପ ନିଜ ଦୋକାନ ପାଇଁ ତିନୋଟି ପ୍ଲାଏଉଡ୍ ଦୋକାନରୁ ୮୨ ହଜାର ୫ଶହ ଟଙ୍କା ମୂଲ୍ୟର ପ୍ଲାଏଉଡ୍ କିଣିଥିଲେ, ଯାହାକି ଉକ୍ତ ନଗଦ ଟଙ୍କା ତାଙ୍କୁ ଅଭିଯୋଗକରୀଙ୍କୁ ଜମା ଦେବାର ଥିଲା । ଅଭିଯୋଗକାରୀ ତିନୋଟି ପ୍ଲାଏଉଡ୍ ଦୋକାନରୁ ସଂଗ୍ରହ କରିଥିବା ଟଙ୍କା ସହିତ ଆତ୍ମସାତ କରିଥିବା ଅନ୍ୟାନ୍ୟ ଟଙ୍କା ଜମା ଦେବାଲାଗି ଅଭିଯୁକ୍ତଙ୍କୁ କହିବାରୁ, ଟଙ୍କା ଫେରସ୍ତ ଲାଗି ଅଭିଯୁକ୍ତ ସମୟ ମାଗିବା ସହ ଏକ ନୋଟାରୀ ଚୁକ୍ତି କରିଥିଲେ। ଚୁକ୍ତି ତାରିଖ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ଅଭିଯୁକ୍ତ ଅଭିଯୋଗକାରୀଙ୍କୁ କୌଣସି ଟଙ୍କା ଫେରାଇ ନଥିଲେ, ବରଂ ଦିନପରେ ଦିନ ଗଡାଇ ଚାଲିଥିଲେ । ଅଭିଯୁକ୍ତ ପ୍ରଦୀପ ଏହିକ୍ରମରେ ଅଭିଯୋଗକାରୀଙ୍କୁ ମୋଟ ୨୭ ଲକ୍ଷ ୫୨ ହଜାର ୨ଶହ ୪୨ ଟଙ୍କା ଠକି ନେଇଥିଲେ। ତଦନ୍ତ ସମୟରେ, ପୋଲିସ ଏକ ନିର୍ଭରଯୋଗ୍ୟ ସୂଚନା ଆଧାରରେ, ଅଭିଯୁକ୍ତ ପ୍ରଦୀପ ପଟ୍ଟନାୟକଙ୍କୁ ରମ୍ଭା ଅଂଚଳରୁ ଗିରଫ କରି କୋର୍ଟଚାଲାଣ କରିଛି ।

# ଭିଜିଲାନ୍ସ ଜାଲରେ ବାମରା ତହସିଲଦାର



କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ତହସିଲଦାର ଅଶ୍ୱିନୀ କୁମାର ପଣ୍ଡା ଜମି କିସମ ପରିବର୍ତ୍ତନର ମ୍ୟୁଟେସନ ପାଇଁ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଶୁକ୍ରବାର ସମ୍ବଲପୁର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଭିଜିଲାନ୍ସ ଅଧିକାରୀମାନେ ତହସିଲଦାର ପଣ୍ଡା ଓ ଏଥିରେ ସହଯୋଗ କରୁଥିବା ଅଫିସ ଡ୍ରାଇଭର ପି.ପ୍ରବିଣ କୁମାରଙ୍କୁ ଗିରଫ କରିଛନ୍ତି। ସୂଚନା ଅନୁଯାୟୀ, ବାମରା ବ୍ଲକ ସଦର ମହକୁମା ସ୍ଥିତ ଗୋବିନ୍ଦପୁରର ବିକି ନାଏକ ନାମକ ବ୍ୟକ୍ତି ଏକ ଚାଷଜମି କିସମ ପରିବର୍ତ୍ତନର ମ୍ୟୁଟେସନ ପାଇଁ ବାମରା ତହସିଲରେ ଆବେଦନ କରିଥିଲେ। ମାତ୍ର ତହସିଲଦାର ପଣ୍ଡା ତାଙ୍କୁ ଦୀର୍ଘ ଦିନ ଧରି ସମୟ ଗଡାଇ ଶେଷରେ ୨୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ନେଇ ଆବେଦନକାରୀ ନାଏକ ସମ୍ବଲପୁର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଭିଜିଲାନ୍ସ ଟିମ୍ ପୂର୍ବ ପ୍ରସ୍ତୁତି ଅନୁସାରେ ଛକି ରହିଥିଲେ। ଅଫିସରେ ବିକି ନାଏକ ଦେଇଥିବା ୧୫ ହଜାର ଟଙ୍କାକୁ ତହସିଲଦାର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଡ୍ରାଇଭର ପ୍ରବୀଣ କୁମାର ନେଉଥିବା ସମୟରେ ଭିଜିଲାନ୍ସ ଟିମ୍ ମାଡ଼ି ବସିଥିଲେ। ଏ ନେଇ ସମ୍ବଲପୁର ଭିଜିଲାନ୍ସ ୭ ପି.ସି ଆକ୍ଟ- ୨୦୧୮ (ନଂ.୧୭/୧୧.୯.୨୦୨୫) ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

# ବିପୁଳ ମଦ ଓ ଗୁଡ଼ ପୋଚ ଜବତ: ଜଣେ ଗିରଫ





ତିଗିରିଆ(ନିପ୍ର): ରାଜ୍ୟରୁ ବେଆଇନ ନିଶା କାରବାର ବନ୍ଦ ଓ ନିଶା ଚାଲାଣକାରୀଙ୍କ ଉପରେ ଅଙ୍କୁଶ ଲଗାଇବା ପାଇଁ ଅପରେସନ ପ୍ରହାର ଆରମ୍ଭ କରାଯାଇଛି। ତିଗିରିଆ ପୋଲିସ ପକ୍ଷରୁ ଏହି ପରିପ୍ରେକ୍ଷୀରେ ଗ୍ରାମାଞ୍ଚଳ ଏସ୍ପି ବିନିତ ଅଗ୍ରୱାଲଙ୍କ ନିର୍ଦ୍ଦେଶ କ୍ରମେ ଏହି ଥାନା ଅନ୍ତର୍ଗତ ଅଚଳକୋଟ ପଞ୍ଚାୟତସ୍ଥିତ ହରିଡାପଶି ଗ୍ରାମର ଜଙ୍ଗଲ ଭିତରେ ଚାଲିଥିବା ବେଆଇନ ଦେଶୀ ମଦଭାଟି ଉପରେ ଚଢ଼ାଉ କରି ବିପୁଳ ପରିମାଣର ବେଆଇନ ଦେଶୀ ମଦ ଓ ମଦ ତିଆରି ପାଇଁ ବ୍ୟବହୃତ ଗୁଡ଼ ପୋଚ ଜବତ କରାଯାଇଛି। ଏହି ଘଟଣାରେ ଜଣେ ଅଭିଯୁକ୍ତ ହରିଡାପଶି ଗ୍ରାମର ସୁପ୍ରିୟ ସାମନ୍ତରାୟ ଓରଫ କାହ୍ନୁ ବେହେରା (୨୪)କୁ ଗିରଫକରି କୋର୍ଟ ଚାଲାଣ କରାଯାଇଥିବା ତିଗିରିଆ ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି। ତିଗିରିଆ ଥାନା ଆଇଆଇସି ଶ୍ରୀ ପାଇକରାୟଙ୍କ ସୂଚନା ଅନୁଯାୟୀ ତିଗିରିଆ ପୋଲିସ ପକ୍ଷରୁ ଆଇଆଇସି ଶ୍ରୀ ପାଇକରାୟଙ୍କ ନେତୃତ୍ୱରେ ପାଟ୍ରୋଲିଂ କରୁଥିବା ସମୟରେ ବିଶେଷ ସୂତ୍ରରୁ ସୂଚନା ପାଇ ତିଗିରିଆ ଥାନା ଅନ୍ତର୍ଗତ ଅଚଳକୋଟ ପଞ୍ଚାୟତ ସ୍ଥିତ ହରିଡାପଶି ଜଙ୍ଗଲ ମଧରେ ଚାଲିଥିବା ଏକ ବେଆଇନ ଦେଶୀ ମଦ ଭାଟି ଉପରେ ଚଢ଼ାଉ କରାଯାଇଥିଲା। ଉକ୍ତ ଚଢ଼ାଉରେ ତିଗିରିଆ ପୋଲିସ ୨୭୦ ଲିଟର ବେଆଇନ ଦେଶୀ ମଦ,ଏକ ହଜାର ଲିଟର ଗୁଡ଼ ପୋଚ, ୪ଟି ବଡ଼ ମଦ ରାନ୍ଧିବା ହାଣ୍ଡି, କାଠ ଗଣ୍ଡି ଜବତ କରାଯାଇଥିଲା। ଏହି ଚଢ଼ାଉରେ ଅନ୍ୟମାନଙ୍କ ମଧରେ ଏସଆଇ ପ୍ରିୟଦର୍ଶିନୀ ଇପସିତା,ଏଏସଆଇ ବିକାଶ ରଞ୍ଜନ ବିଶ୍ୱାଳ ଓ ଅରୁଣ କୁମାର ବେହେରାଙ୍କ ସମେତ ଅନ୍ୟାନ୍ୟ ଥାନା କର୍ମଚାରୀ ଉପସ୍ଥିତ ଥିଲେ।

## ଅବକାରୀ ଚଢ଼ାଉ: ୧୭୫୦ ଲିଟର ଦେଶୀମଦ ଜବତ

କଟକ(ନିପ୍ର): କଟକ ଜିଲ୍ଲା ଅବକାରୀ ଅଧିକ୍ଷକ କରୁଣା ଶଙ୍କର ତିଆରୀଙ୍କ ନିର୍ଦ୍ଦେଶକ୍ରମେ ଏବଂ ଆଠଗଡ଼ ଅବକାରୀ ଉପଅଧିକ୍ଷକ ସିଏଚ ତିରୁପତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆଠଗଡ଼ ଥାନା ଅନ୍ତର୍ଗତ କୋରଙ୍ଗା ଗ୍ରାମ ଏବଂ ତିଗିରିଆ ଥାନା ଅନ୍ତର୍ଗତ ପାଇକ ସାହି ଗ୍ରାମରେ ଆଠଗଡ଼ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, ନରସିଂହପୁର ଅବକାରୀ ବିଭାଗ ଓ ଆଠଗଡ଼ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଥିଲା । ଏହି ଚଢ଼ାଉରେ ୧୭୫୦ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ଏହାଛଡ଼ା ୧୫୪୭୦ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ଼ ପୋଚ ଉଦ୍ଧାର କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି । ଏହାଛଡ଼ା ଅବକାରୀ ବିଭାଗ ମଦ ରନ୍ଧା ପାଇଁ ବ୍ୟବହୃତ ହେଉଥିବା ୨୫ଟି ଆଲୁମିନିୟମ ଡିସ୍କ ଜବତ କରିଛି । ଅବକାରୀ ବିଭାଗ ଏହି ଘଟଣାରେ ୫ଟି ମାମଲା ରୁଜୁ କରିଛି। ଏହି ଚଢ଼ାଉରେ ଅନ୍ୟମାନଙ୍କ ମଧରେ ଆଠଗଡ଼ ଅବକାରୀ ନିରୀକ୍ଷକ ରବି ନାରାୟଣ ପ୍ରଧାନ, ଆଠଗଡ଼ ଅବକାରୀ ଉପନିରୀକ୍ଷକ ଅରୁଣ ଭୋଇ, ବାଙ୍କୀ ଅବକାରୀ ଉପନିରୀକ୍ଷକ ସୌମ୍ୟ ରଂଜନ ମାଝି, ନରସିଂହପୁର ଅବକାରୀ ଉପନିରୀକ୍ଷକ ବାପି ସାହୁ ପ୍ରମୁଖ ସାମିଲ ଥିଲେ ।

# ବିକଟାଳ ବାଇକ ଶବ୍ଦରେ ଫାଟି ପଡୁଛି ବଜାର, ପଥଚାରୀ ଭୟଭୀତ



କାକଟପୁର(ନିପ୍ର): ବୟସ ୧୫ ଛୁଇଁନି। ହେଲେ ଦାମୀ ବାଇକ୍ ଧରି ବଜାର ସାରା ବିକଟାଳ ଶବ୍ଦ କରି ଦ୍ରୁତ ଗତିରେ ବୁଲୁଛନ୍ତି ଅମାନିଆ ନାବାଳକ ବାଇକ ଚାଳକ। ବିଭିନ୍ନ ବେସରକାରୀ ସ୍କୁଲରେ ପଢୁଥିବା ବାର / ତେର ବର୍ଷର ପୁଅ ଓ ଝିଅ ବି ସ୍କୁଟି, ବୁଲେଟ, ପଲସର, ୟାମାହା ଏଫଜେଡ୍, କେଟିଏମ୍ ଆଦି ଦ୍ରୁତଗାମୀ ଓ ଦାମିକିଆ ବାଇକ ଚଳାଉଛନ୍ତି । ଏହି ନାବାଳକ, ନାବାଳିକା ବାଇକ୍ ଓ ସ୍କୁଟି ଚାଳକଙ୍କ ଯୋଗୁଁ ବଜାରରେ ଟ୍ରାଫିକ୍ ସମସ୍ୟା ସହ ଛୋଟ ବଡ ଦୁର୍ଘଟଣା ଗତ କିଛିଦିନ ହେବ ନିୟମିତ ହୋଇଛି । କାକଟପୁର ଅଞ୍ଚଳର ଅଧିକାଂଶ ଛାତ୍ରଛାତ୍ରୀଙ୍କ ପାଖରେ ହାତରେ ମୋବାଇଲ୍ ଓ ସ୍କୁଲ, କଲେଜ ଯିବା ପାଇଁ ବାଇକ୍ ଓ ସ୍କୁଟି ରହିଛି। ଅଭିଭାବକମାନେ ପିଲାଙ୍କ ପାଇଁ ସମୟ ଦେଇ ନ ପାରି ସ୍କୁଲ, କଲେଜ, ଟ୍ୟୁସନ୍, ଟ୍ୟୁଟରିଆଲ୍, କମ୍ପ୍ୟୁଟର କ୍ଲାସ୍ ଆଦିକୁ ଯିବା ପାଇଁ ସେମାନଙ୍କ ଦାବି ମୁତାବକ ଗାଡି କିଣି ଦେଉଛନ୍ତି। ଏଭଳିକି ଏମାନେ ପୁଣି ବିନା ହେଲମେଟରେ ଅତ୍ୟନ୍ତ ବିକଟାଳ ଶବ୍ଦ କରୁଥିବା ସାଇଲେନ୍ସର ଲଗାଇ ଦ୍ରୁତଗତିରେ ଯାଉଛନ୍ତି ଯାହାଫଳରେ ପଥଚାରୀମାନେ ଅତ୍ୟନ୍ତ ଭୟଭୀତ ହୋଇପଡୁଛନ୍ତି । ପିଲାମାନେ ଗାଡି ଧରି କଣ କରୁଛନ୍ତି, କେଉଁଠିକୁ ଯାଉଛନ୍ତି, ଟ୍ରାଫିକ ମାନୁଛନ୍ତି ନା ନାହିଁ, କଲେଜ, ସ୍କୁଲ ନାଁରେ କେଉଁଠିକୁ ଯାଉଛନ୍ତି ଆଦି ଯାଞ୍ଚ କରୁନାହାନ୍ତି ଅଭିଭାବକ। ଏପରିକି ଗତ କିଛି ଦିନ ହେବ ଏହି ପିଲାମାନେ ଦଳ ଦଳ ହୋଇ ଦ୍ରୁତ ବାଇକରେ ପ୍ରତିଯୋଗିତା ବି କରୁଥିବା ଦେଖିବାକୁ ମିଳିଛି। ତେଣୁ ବେପରୁଆ ଗାଡି ଚାଳନା ଯୋଗୁଁ ବହୁ ସମୟରେ ଛୋଟ ବଡ ଦୁର୍ଘଟଣା ସଂଘଟିତ ହେଉଛି। ସେଭଳି ବଜାର ମଧରେ ଦ୍ରୁତଗତିରେ ଏମାନେ ବାଇକ୍ ଚଳାଇ ଅନ୍ୟ ବାଇକ ଚାଳକଙ୍କୁ ଅସୁବିଧାରେ ପକାଉଥିବା ଦେଖିବାକୁ ମିଳିଛି। ଏତେ ଦ୍ରୁତ ଗତିରେ ଏମାନେ ଯାଉଛନ୍ତି ଯେ ଏମାନେ ଯିବା ସମୟରେ ଅନ୍ୟମାନେ ଯିବାକୁ ଭୟ କରୁଛନ୍ତି। ଯଦିଓ ପୁଲିସ ପକ୍ଷରୁ କିଛି ସମୟରେ ଯାଞ୍ଚ କରାଯାଉଥିଲେ ହେଁ ଏହା ଅଳ୍ପ କିଛି ସମୟ ପାଇଁ। ଏହି ସମୟରେ ଏହି ନାବାଳକମାନେ ଅନ୍ୟ ଗଳି ରାସ୍ତାରେ ଯିବା ଆସିବା କରିବା ପରେ ଯଥା ପୂର୍ବଂ ତଥା ପରଂ ଅବସ୍ଥାକୁ ପଳାଇ ଆସୁଛି। କାକଟପୁର ପୋଲିସ ପକ୍ଷରୁ ଯାଞ୍ଚକୁ ନିୟମିତ କରିବା ସହିତ ଅମାନିଆ ନାବାଳକ ବାଇକ ଚାଳକଙ୍କୁ ଧରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ୯୮ ଲକ୍ଷ ଟଙ୍କାର ସାଇବର ଠକେଇ ଉତ୍ତରପ୍ରଦେଶରୁ ବନ୍ଧାହେଲା ଠକ

ଭୁବନେଶ୍ୱର(ନିପ୍ର): ସାଇବର ଥାନା ପୋଲିସ ଶୁକ୍ରବାର ଉତ୍ତରପ୍ରଦେଶର ବିଜନୋରରୁ ଜଣେ ସାଇବର ଲୁଟେରାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ନାମ ମହମ୍ମଦ ସଦାବ (୩୩)। ମହମ୍ମଦ ସଦାବ ଅଭିଯୋଗକାରୀଙ୍କ ଠାରୁ ୯୮ ଲକ୍ଷ ଟଙ୍କା ସାଇବର ଠକେଇ କରିଥିବା ନେଇ ଜୁଲାଇ ମାସରେ ଅଭିଯୋଗ ହୋଇଥିଲା। ଏନେଇ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଜୁନ୍ ୨୦୨୫ରେ ଅଭିଯୋଗକାରୀଙ୍କୁ ଏକ ୱାଟ୍ସଆପ୍ ଗ୍ରୁପରେ ଯୋଗ ଦେବାକୁ ଏକ ୱାଟ୍ସଆପ୍ ଲିଙ୍କ ଆସିଥିଲା। ଅଭିଯୁକ୍ତମାନେ ଆଇଆଇଏଫ୍ଏଲ ସିକ୍ୟୁରିଟିଜ୍ ଲିମିଟେଡର ଅଫିସିଆଲ୍ମାନଙ୍କ ଭୂମିକାରେ ଅଭିନୟ କରି ତାଙ୍କ ଲୋଗୋ ବ୍ୟବହାର କରିଥିଲେ। ସେମାନେ ଅଭିଯୋଗକାରୀଙ୍କୁ ଉଚ୍ଚ ଟ୍ରେଡିଂ ଲାଭର ପ୍ରଲୋଭନ ଦେଇ ଠକେଇ କରିଥିଲେ। ଜୁନ ମାସରେ ଅଭିଯୋଗକାରୀ ବିଭିନ୍ନ ପର୍ଯ୍ୟାୟରେ ମୋଟ ୯୮ ଲକ୍ଷ ଟଙ୍କା ନିବେଶ କରିଥିବା ବେଳେ ପରବର୍ତ୍ତୀ ସମୟରେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ତଦନ୍ତରେ ଜଣାପଡ଼ିଛି ଯେ, ଅଭିଯୁକ୍ତ ମୁହମ୍ମଦ ଶଦାବ ଏହି ଠକେଇରେ ସକ୍ରିୟ ଥିଲେ। ତାଙ୍କ ବିରୋଧରେ ପ୍ରାଥମିକ ପ୍ରମାଣ ସଂଗ୍ରହ ହୋଇଛି। ତାଙ୍କ ମୋବାଇଲ୍ ଫୋନ୍ ହ୍ୟାଣ୍ଡସେଟ୍ ଏବଂ ସିମ କାର୍ଡ ଜବତ କରାଯାଇଛି।

# ୨ଟି ଅଫିସ ଭଙ୍ଗାରୁଜା: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ମହିଳାଙ୍କ ଅଫିସରେ ପଶି ଭଙ୍ଗାରୁଜା କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେବା ଅଭିଯୋଗରେ ଲିଙ୍ଗରାଜ ଥାନା ପୋଲିସ ଶୁକ୍ରବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ଆଲୋକ ସେଠୀ ଓ ତାଙ୍କ ଘର ବଡ଼ଗଡ଼ ଥାନା ଅନ୍ତର୍ଗତ ବାଙ୍କୁଆଳରେ ବୋଲି ଜଣାପଡ଼ିଛି। ଏନେଇ ଅଭିଯୋଗକାରିଣୀ ଟିକିନା ପରିଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ଅନ୍ୟ କିଛି ବ୍ୟକ୍ତିଙ୍କ ସହି ମିଶି ଏକ ସଂଗଠନ ଗଠନ କରିଥିଲେ ଏବଂ ଟାଙ୍ଗୀସ୍ଥିତ ପ୍ଲଟ୍ ନଂ-୪୯୯ରେ ଥିବା କୋଠାର ଦ୍ୱିତୀୟ ମହଲାରେ ଏହି ସଂଗଠନର କାର୍ଯ୍ୟାଳୟ ରହିଛି । ଗତ ୭ ତାରିଖ ଦିନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଏକ ଟିପ୍ପଣୀକୁ ଆଧାର କରି ଏକ ନିର୍ଦ୍ଦିଷ୍ଟ ଦଳ ଅନ୍ତର୍ଭୁକ୍ତ ଅଭିଯୁକ୍ତ ଏବଂ ତାଙ୍କର ଏକାଧିକ ସହଯୋଗୀ ଅଭିଯୋଗକାରିଣୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିଭିନ୍ନ ସ୍ଲୋଗାନମାନ ଦେଇଥିଲେ। ଏହା ଦେଖି ପ୍ରାୟ ୩ଟା୩୦ ସମୟରେ ଅଭିଯୋଗକାରିଣୀ କାର୍ଯ୍ୟାଳୟର ବାଲକୋନିକୁ ଆସି ଉକ୍ତ ଦଳର ସଦସ୍ୟମାନଙ୍କ କାର୍ଯ୍ୟକଳାପର ଭିଡିଓ ରେକର୍ଡିଂ କରିବାକୁ ନେଇ ଅଭିଯୋଗକାରିଣୀ ଏବଂ ଉକ୍ତ ଦଳର ସଦସ୍ୟମାନଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା । ପରେ ସମ୍ପୃକ୍ତ ଦଳର ସଦସ୍ୟମାନେ ହଠାତ୍ ହିଂସ୍ରାତ୍ମକ ହୋଇ ଅଭିଯୋଗକାରିଣୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ଲାଗି ତଥା କାର୍ଯ୍ୟାଳୟକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ କୋଠାର ମୁଖ୍ୟ ଗେଟ ଦେଇ ବଳପୂର୍ବକ ଭିତରକୁ ପଶିଥିଲେ। ଘର ମାଲିକ ସେମାନଙ୍କୁ ବାଧା ଦେବାରୁ ଦଳୀୟ ସଦସ୍ୟମାନେ ତାଙ୍କୁ ମଧ ଆକ୍ରମଣ କରିଥିଲେ ଏବଂ ଘରର ଦ୍ୱିତୀୟ ମହଲାରେ ଥିବା କାର୍ଯ୍ୟାଳୟକୁ ଯାଇ ସେଠାରେ ଅଭିଯୋଗକାରିଣୀଙ୍କୁ ଖୋଜିଥିଲେ। କିନ୍ତୁ ଅଭିଯୋଗକାରିଣୀ କିମ୍ବା ତାଙ୍କ ସହକର୍ମୀମାନଙ୍କୁ ସେଠାରେ ନପାଇବାରୁ ସେମାନେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ପୂର୍ବକ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ଏବଂ ସେଠାରେ ଥିବା ଚେୟାର, ଟେବୁଲ, କାଚ ଦ୍ୱାର ଇତ୍ୟାଦିକୁ ଭାଙ୍ଗି ନଷ୍ଟ କରିଦେଇଥିଲେ। ଏହାବ୍ୟତୀତ କାର୍ଯ୍ୟାଳୟର ହଲ୍ ଭିତରେ ଲାଗିଥିବା ଥିବା ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଫଟୋ ଏବଂ ଫ୍ଲେକ୍ସକୁ ମଧ ନଷ୍ଟ କରିଦେଇଥିଲେ। ଘଟଣାର କିଛି ସମୟ ମଧରେ ଘର ମାଲିକ ଏବଂ ତାଙ୍କ ମାଆ ଅଫିସ ହଲରେ ପହଞ୍ଚି ସେଠାରେ ହୋଇଥିବା କ୍ଷୟକ୍ଷତିକୁ ଦେଖି ସମ୍ପୃକ୍ତ ଦଳର ସଦସ୍ୟ ମାନଙ୍କୁ ପାଟିକରି ଘରୁ ବାହାରି ଯିବାକୁ ନିର୍ଦ୍ଦେଶ ଦେଇଥିଲେ । ପରେ ଏନେଇ ଅଭିଯୋଗକାରିଣୀ ଶ୍ରୀ ଲିଙ୍ଗରାଜ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକାରିଣୀଙ୍କ ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଆଲୋକ ସେଠୀକୁ ଗିରଫ କରି କୋର୍ଟଚାଲାଣ କରିଛି।

## ପୋଖରୀରେ ବୁଡି ଯୁବକ ମୃତ

ହିଞ୍ଜିଳିକାଟୁ(ନିପ୍ର): ହିଞ୍ଜିଳି ଥାନା ଗୋପିନାଥପୁର ଗ୍ରାମ ପୋଖରୀ ପାଣିରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ସେହି ଗ୍ରାମର ଦେବାନନ୍ଦ ବେହେରା (୩୩)। ପ୍ରକାଶ ଯେ, ଶୁକ୍ରବାର ସକାଳେ ଦେବାନନ୍ଦ ଚାଷ ଜମିରେ କାମ ସାରି ଗାଧୋଇବା ପାଇଁ ଗ୍ରାମ ନିକଟସ୍ଥ ରାଜଘାଇ ପୋଖରୀକୁ ଯାଇଥିଲେ। ଗାଧୋଉଥିବା ସମୟରେ ଅସାବଧାନତା ବଶତଃ ଗୋଡଖସି ପୋଖରୀ ପାଣିରେ ବୁଡି ଯାଇଥିଲେ। ଉପସ୍ଥିତ କିଛି ଲୋକେ ତାଙ୍କୁ ଉଦ୍ଧାର କରି ଅଚେତ ଅବସ୍ଥାରେ ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ନେଇ ମୃତକଙ୍କ ଭାଇ ହୀନ ବେହେରା ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ହିଞ୍ଜିଳି ପୁଲିସ ଡ଼ାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିଛି। ଏ ନେଇ ହିଞ୍ଜିଳି ଥାନାରେ କେସ ନଂ- ୨୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ସକାଶେ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ପଠାଇ ପୁଲିସ ଘଟଣାର ତଦନ୍ତ ଚଳାଇଥିବା ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କ ସୂତ୍ରରୁ ପ୍ରକାଶ।

## ଅର୍ଚ୍ଚନା ନାଗଙ୍କ ଘର ସିଜ୍ କଲା ଇଡ଼ି

ଭୁବନେଶ୍ୱର(ନିପ୍ର): ଅର୍ଥ କାରବାରକୁ ନେଇ ଦୁଇ ବର୍ଷ ପୂର୍ବରୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁପାଲଟି ଥିବା ଅର୍ଚ୍ଚନା ନାଗଙ୍କ ଘରେ ଶୁକ୍ରବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପହଞ୍ଚିଛି। 'ଇଡି'ର ସ୍ୱତନ୍ତ୍ର ଟିମ୍ ଅର୍ଚ୍ଚନାଙ୍କ ଘରେ ଥିବା ଜିନିଷପତ୍ରର ଯାଞ୍ଚ କରୁଛି। ଅର୍ଚ୍ଚନାଙ୍କୁ ପୂର୍ବରୁ ଇଡି ତରଫରୁ ନୋଟିସ୍ ଜାରି ହୋଇଥିଲା। ଇଡି ଏହି ଚଢ଼ଉ ବେଳେ ଅର୍ଚ୍ଚନା ନାଗଙ୍କ ଘରକୁ ଆଟାଚ୍ କରିଛି। ଅର୍ଚ୍ଚନାଙ୍କ ସତ୍ୟବିହାରସ୍ଥିତ ଜି+୨ କୋଠାକୁ ଆଟାଚ୍ କରିଛି। ମନି ଲଣ୍ଡରିଂ ଆଇନ ୨୦୦୨ ଆଧାରରେ ଏହି ପଦକ୍ଷେପ ନେଇଛି। ସୂଚନାଯୋଗ୍ୟ, ଅର୍ଚ୍ଚନା ଓ ଅନ୍ୟମାନଙ୍କ ବିରୋଧରେ ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜା ନୟାପଲ୍ଲୀ ଥାନାରେ ଏତଲା ଦେଇଥିଲେ। ଆଇପିସିର ବିଭିନ୍ନ ଦଫା ସହିତ ଆଇଟି ଆକ୍ଟରେ ପୁଲିସ ଅର୍ଚ୍ଚନା ଓ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଏଥି ସହିତ ଖଣ୍ଡଗିରି ଥାନାରେ ଶ୍ରଦ୍ଧାଞ୍ଜଳି ବେହେରାଙ୍କ ଏତଲା ଆଧାରରେ ଅର୍ଚ୍ଚନା ଓ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ୨୦୨୨, ଅକ୍ଟୋବର ୬ରେ ଅର୍ଚ୍ଚନା ଗିରଫ ହୋଇ ଜେଲ ଯାଇଥିଲେ। ଅର୍ଚ୍ଚନାଙ୍କ ବେଆଇନ କାର୍ଯ୍ୟକଳାପ ଓ କଳାଟଙ୍କା ପ୍ରସଂଗ ସମ୍ମୁଖକୁ ଆସିବା ପରେ ଇଡି ଘଟଣାର ତଦନ୍ତ କରିଥିଲା। ୨୦୨୨, ଡିସେମ୍ବର ୧୩ରେ ଇଡି ଅର୍ଚ୍ଚନାଙ୍କୁ ଗିରଫ କରିଥିଲା। ଗିରଫ ହେବାର ୧୪ ମାସ ପରେ ୨୦୨୩ ଡିସେମ୍ବର ୧୨ ତାରିଖରେ ଅର୍ଚ୍ଚନା ନାଗ ଝାରପଡ଼ା ଜେଲରୁ ବାହାରି ଥିଲେ। ତାଙ୍କୁ ନେବା ଲାଗି ସ୍ୱାମୀ ଜଗବନ୍ଧୁ ଚାନ୍ଦ ଝାରପଡ଼ା ଜେଲ୍ରେ ପହଞ୍ଚି ଥିଲେ। ଅର୍ଚ୍ଚନାଙ୍କ ତରଫରୁ ଆଇନଜୀବ ଜୟଦୀପ ପାଲ ମାମଲା ପରିଚାଳନା କରୁଥିଲେ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମାମଲାରେ ଅର୍ଚ୍ଚନା ନାଗଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଥିଲେ। ପୂର୍ବରୁ ନୟାପଲ୍ଲୀ ଓ ଖଣ୍ଡଗିରି ଥାନାର ଦୁଇ ମାମଲାରେ ଅର୍ଚ୍ଚନାଙ୍କୁ ଜାମିନ ମିଳି ସାରିଥିବା ବେଳେ ଇଡି ମାମଲାରେ ଜାମିନ ମଞ୍ଜୁର ପରେ ଜେଲରୁ ବାହାରିବା ପାଇଁ ତାଙ୍କ ପଥ ପରିଷ୍କାର ହୋଇଥିଲା।

## ମହିଳା ମହାବିଦ୍ୟାଳୟ କନିଷ୍ଠ କିରାଣୀଙ୍କ ଆତ୍ମାହୁତି ଉଦ୍ୟମ

ମାର୍ଶାଘାଇ(ନିପ୍ର): ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମରେ ଥିବା ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟରେ ପୂର୍ବରୁ କାର୍ଯ୍ୟ କରୁଥିବା କନିଷ୍ଠ କିରାଣୀ ଅରୁଣ ରଥଙ୍କ ଚାକିରିରେ ଅନିଶ୍ଚିତତା ନେଇ କଲେଜ ପରିସରରେ ସେ ଆତ୍ମାହୁତି ଉଦ୍ୟମ କରୁଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲା ପୋଲିସର ଗୁଇନ୍ଦା ବିଭାଗ, ମାର୍ଶାଘାଇ ପୋଲିସ ଓ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିବା ମାର୍ଶାଘାଇ ତହସିଲଦାରଙ୍କ ତତ୍ପରତା ଯୋଗୁଁ ତାଙ୍କର ଜୀବନ ବଞ୍ଚି ଯାଇଥିବା ଦେଖିବାକୁ ମିଳିଥିଲା। ୧୯୯୪ ମସିହା ସେପ୍ଟେମ୍ବର ପହିଲାଠାରୁ କନିଷ୍ଠ କିରାଣୀ ଭାବରେ କାର୍ଯ୍ୟ କରି ଆସୁଥିବା ଅରୁଣ କୁମାର ରଥ ପଦବୀକୁ ଅଧକ୍ଷା ଏବଂ ତତ୍କାଳୀନ ସଭାପତି ମନ୍ଦ ଉଦ୍ଦେଶ୍ୟ ରଖି ଅନ୍ୟ ଜଣଙ୍କ ସପକ୍ଷରେ ବିଭିନ୍ନ ପ୍ରକାର ନକଲି କାଗଜପତ୍ର ରଖି ଉପସ୍ଥିତ ଅଧିକାରୀଙ୍କ ନିକଟରେ ଯାଞ୍ଚ କରାଇ ପଦବୀକୁ ମଞ୍ଜୁର କରାଇବାରେ ସାହାଯ୍ୟ ସହଯୋଗ କରିଥିବା ନେଇ ଅରୁଣ ଅଭିଯୋଗ କରିଛନ୍ତି। ସେ ଅଧକ୍ଷାଙ୍କୁ ବ୍ୟକ୍ତିଗତ ଭାବେ ଭେଟି ଆଲୋଚନା କରିବା ସହିତ ଉଚ୍ଚଶିକ୍ଷା ନିର୍ଦ୍ଦେଶକ, କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଏନେଇ ଅଭିଯୋଗ କରିଥିଲେ। ବାରମ୍ବାର ଅଭିଯୋଗ ସତ୍ତ୍ୱେ କେହି କର୍ଣ୍ଣପାତ କରୁନଥିବାରୁ ଅରୁଣ ଗତବର୍ଷ ସେପ୍ଟେମ୍ବର ୧୧ ତାରିଖରେ ନ୍ୟାୟ ପାଇଁ ଅଧକ୍ଷାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ଅନଶନ ପ୍ରତ୍ୟାହାରର ଏକବର୍ଷ ପରେ ମଧ ପ୍ରତିଶ୍ରୁତି ପୂରଣ ନହେବାରୁ ଅରୁଣ ଆତ୍ମାହୁତି ଦେବାପାଇଁ ଉପଜିଲ୍ଲାପାଳ, ଜିଲ୍ଲାପାଳ, କଲେଜ ଅଧକ୍ଷା, ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ, ମାନବାଧିକାର କମିଶନ ତଥା ସମସ୍ତ ଅଧିକାରୀଙ୍କୁ ଜଣାଇଥିଲେ। ଆତ୍ମାହୁତି ଧମକ ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲ୍ଲା ଗୁଇନ୍ଦା ବିଭାଗ, ମାଜିଷ୍ଟ୍ରେଟ ଭାବେ ମାର୍ଶାଘାଇ ତହସିଲଦାର, ଦମକଳ ବାହିନୀ ଓ ମାର୍ଶାଘାଇ ଥାନା ଅଧିକାରୀଙ୍କ ସହ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଅପରାହ୍ନ ପ୍ରାୟ ୨.୩୦ ମିନିଟ୍ ସମୟରେ କଲେଜ ପଛପଟୁ ଅରୁଣ ଏକ ପେଟ୍ରୋଲ ବୋତଲ ଧରି କଲେଜ ପରିସରକୁ ପଶି ଆସି ପେଟ୍ରୋଲ ଢ଼ାଳି ନିଜକୁ ଜାଳିବା ପୂର୍ବରୁ ମାଜିଷ୍ଟ୍ରେଟ ଶ୍ରୀକାନ୍ତ ପରିଜା, ତାଙ୍କଠାରୁ ପେଟ୍ରୋଲ ଛଡ଼ାଇ ନେଇଥିଲେ।

## ପୋଲିସ ଆଇନ ୩୦ ଧାରା ୯୦ ଦିନ ପର୍ଯ୍ୟନ୍ତ ବଳବତ୍ତର

ପୁରୀ(ନିପ୍ର): ପୋଲିସ ଆଇନର ୩୦ ଧାରା ପୁରୀ ଜିଲ୍ଲାରେ ଲାଗୁ କରାଯାଇଛି। ଏହା ଅଗଷ୍ଟ ୨୫ ତାରିଖଠାରୁ ନଭେମ୍ବର ୨୨ ତାରିଖ ୯୦ ଦିନ ପର୍ଯ୍ୟନ୍ତ ପୁରୀ ଜିଲ୍ଲାର ସମସ୍ତ ପୋଲିସ ଷ୍ଟେସନ ଅଞ୍ଚଳ, ପୁରୀ ମୁନିସିପାଲିଟି, ପିପିଲି, କୋଣାର୍କ ଓ ନିମାପଡା ଏନଏସି ଅଞ୍ଚଳରେ ବଳବତ୍ତର ରହିବ। ଏହି ସମୟ ମଧରେ ବିନା ଅନୁମତିରେ ସଭା, ଶୋଭାଯାତ୍ରା, ମାଇକ ବ୍ୟବହାରକୁ ବେଆଇନ ଘୋଷଣା କରାଯାଇଛି ବୋଲି ଏସ ପ୍ରତୀକ ସିଂ ସୂଚନା ଦେଇଛନ୍ତି।

# ସଚିନ ହେବେନି ବିସିସିଆଇ ସଭାପତି



ନୂଆଦିଲ୍ଲୀ,୧୨/୦୯: ଆସନ୍ତା ୨୮ ତାରିଖରେ ବିସିସିଆଇ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ଆୟୋଜିତ ହେବ । ବୈଠକରେ ରୋଜର ବିନ୍ନୀଙ୍କ ସ୍ଥାନରେ ବୋର୍ଡର ନୂଆ ସଭାପତି ନିର୍ବାଚିତ ହେବେ । କିମ୍ବଦନ୍ତୀ ବ୍ୟାଟର ସଚିନ ତେନ୍ଦୁଲକର ଏହି ଆସନ ଅଳଙ୍କୃତ କରିବେ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଥିଲା । କିନ୍ତୁ ସଚିନ ସଭାପତି ହେବେ ନାହିଁ । ତାଙ୍କ ନାମରେ ଯାହା ଚର୍ଚ୍ଚା ହେଉଛି ସେଥିରେ କୌଣସି ସତ୍ୟତା ନାହିଁ । ସଚିନଙ୍କ ମ୍ୟାନେଜମେଣ୍ଟ କମ୍ପାନୀ ପକ୍ଷରୁ ଏ ବିଷୟରେ କୁହାଯାଇଛି । ବିସିସିଆଇର ସମ୍ବିଧାନ ଅନୁସାରେ ୭୦ ବର୍ଷରୁ ଅଧିକ ବୟସର ବ୍ୟକ୍ତି ବୋର୍ଡର କୌଣସି ପଦ ପଦବୀରେ ରହିପାରିବେ ନାହିଁ । ବିନ୍ନୀଙ୍କୁ ନିକଟରେ ୭୦ ବର୍ଷ ପୂରଣ ହୋଇ ସାରିଛି । ତେଣୁ ତାଙ୍କ ସ୍ଥାନରେ ନୂଆ ସଭାପତି ନିର୍ବାଚିତ ହେବେ । ତେବେ କିଏ ନୂଆ ସଭାପତି ହେବେ ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି ।

# ପୂର୍ବତଟ ରେଳପଥ ପୁରୁଷ ହକି ରାଜ୍ୟ ଚାମ୍ପିଅନସିପ୍ ବିଜେତା




ଭୁବନେଶ୍ୱର, ୧୨/୯(ପିଆଇବି): ପୂର୍ବତଟ ରେଳପଥ ହକିଟିମ୍ ଓଡ଼ିଶା ହକିସଂଘ ଦ୍ୱାରା ଆୟୋଜିତ ଚତୁର୍ଥ ସିନିୟର ପୁରୁଷ ହକି ରାଜ୍ୟ ଚାମ୍ପିଅନସିପ୍ ୨୦୨୫ର ଟାଇଟଲ ବିଜେତା ହୋଇଛି । ୬ ରୁ ୧୧ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ରାଉରକେଲାରେ ଅନୁଷ୍ଠିତ ଏହି ଚାମ୍ପିଅନସିପ୍‌ରେ ରାଜ୍ୟର ୩୬ଟି ଦଳ ଅଂଶଗ୍ରହଣ କରିଥିଲେ । ଯାହା ଓଡ଼ିଶାର ହକି ପ୍ରତିଭାର ଗଭୀରତା ଓ ପ୍ରସାରକୁ ପ୍ରଦର୍ଶନ କରିଥିଲା । ସୁନ୍ଦରଗଡ଼ ଦଳ ବିପକ୍ଷରେ ହୋଇଥିବା ଏକ ରୋମାଞ୍ଚକର ଫାଇନାଲ୍ ମୁକାବିଲାରେ, ପୂର୍ବତଟ ରେଳପଥ ହକି ଦଳ ତାଙ୍କ ପ୍ରେରଣାଦାୟକ ଅଧିନାୟକ ଅମିତ ରୋହିଦାସଙ୍କ ନେତୃତ୍ୱରେ ଚମତ୍କାର ପ୍ରଦର୍ଶନ କରିଥିଲେ । ରୋହିଦାସଙ୍କ ଉଲ୍ଲେଖନୀୟ ହ୍ୟାଟ୍-ଟ୍ରିକ୍ ଗୋଲ୍ ଦଳକୁ ଏକ ସ୍ମରଣୀୟ ବିଜୟ ପ୍ରଦାନ କରିଥିଲା । ପୂର୍ବତଟ ରେଳପଥ କ୍ରୀଡ଼ା ସଂଘର ବିଭିନ୍ନ ବିଭାଗରେ କ୍ରୀଡ଼ା ପ୍ରତିଭାକୁ ପ୍ରୋତ୍ସାହନ ଦେବାର ଏକ ସମୃଦ୍ଧ ପରମ୍ପରା ରହିଛି । ବର୍ଷବର୍ଷ ଧରି ଏହି ଜୋନର କ୍ରୀଡାବିତ୍ ମାନେ କେବଳ ଭାରତୀୟ ରେଳବାଇ ପାଇଁ ନୁହେଁ ବରଂ ଜାତୀୟ ଏବଂ ଅନ୍ତର୍ଜାତୀୟ ମଞ୍ଚରେ ଓଡ଼ିଶା ଏବଂ ଭାରତ ପାଇଁ ମଧ କ୍ରମାଗତ ଭାବରେ ଗୌରବ ଆଣିଛନ୍ତି । ଚତୁର୍ଥ ସିନିୟର ପୁରୁଷ ହକି ରାଜ୍ୟ ଚାମ୍ପିଅନସିପ ୨୦୨୫ରେ ଏହି ବିଜୟ ପୂର୍ବତଟ ରେଳପଥର କ୍ରୀଡା ଐତିହ୍ୟରେ ଆଉ ଏକ ଗୌରବମୟ ଅଧ୍ୟାୟ ଯୋଡିଛି ଏବଂ କ୍ରୀଡା ମାଧ୍ୟମରେ କ୍ରୀଡା ଉତ୍କର୍ଷତା, କ୍ରୀଡାବିତ ମାନଙ୍କର ବିକାଶ ଏବଂ ରାଷ୍ଟ୍ର ନିର୍ମାଣ ପ୍ରତି ଏହାର ଅଟଳ ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରୁଛି ।

# ଟ୍ରକ୍ ମାଡ଼ିଗଲା ୮ ମୃତ



ହାସନ, ୧୨/୯: ଶୁକ୍ରବାର ରାତିରେ ଗଣେଶ ପୂଜାର ଭସାଣି ଶୋଭାଯାତ୍ର ଚାଲିଥିବା ବେଳେ ଦୁଃଖଦାୟକ ଘଟଣା ଘଟିଛି । କର୍ଣ୍ଣାଟକ ଜାତୀୟ ରାଜପଥ ୩୭୩ ନିକଟବର୍ତ୍ତୀ ମିଶାଲେ ହୋସଲି ଗାଁ ନିକଟରେ ଏକ ଟ୍ରକ ଡିଭାଇଡର ଭାଙ୍ଗି ମାଡ଼ିଯିବାରୁ ଶୋଭାଯାତ୍ରାରେ ସାମିଲଥିବା ଲୋକଙ୍କ ମଧ୍ୟରୁ ୮ ଜଣଙ୍କ ମୃତ୍ୟୁ ଘଟିଛି । ୨୫ ଜଣ ଗୁରୁତର ଆହତ ହୋଇଛନ୍ତି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ ଗୋଟିଏପଟେ ଗଣେଶ ଉତ୍ସବର ଶୋଭାଯାତ୍ରା ଚାଲିଥିବା ବେଳେ ଅପରପକ୍ଷେ ଚାଲିଥିବା ଏକ ଟ୍ରକ ହଠାତ୍ ନିୟନ୍ତ୍ରଣ ହରାଇବାରୁ ଏପରି ଦୁର୍ଘଟଣା ଘଟିଥିଲା ।

# ନିର୍ଦ୍ଧାରିତ ସ୍ଥାନରେ ଖୋଲି ନାହିଁ ଶିଳ୍ପ ଉନ୍ନୟନ ବ୍ୟାଙ୍କର ଶାଖା

ଆଠଗଡ଼,୧୨।୯(ନିପ୍ର): ଆଠଗଡ଼ ବ୍ଲକ ଅନ୍ତର୍ଗତ ଦୋରଡ଼ ଠାରେ ଭାରତୀୟ ଶିଳ୍ପ ଉନ୍ନୟନ (ଆଇଡିବିଆଇ)ବ୍ୟାଙ୍କ ଶାଖା ଖୋଲିବାକୁ ସରକାରଙ୍କ ମଞ୍ଜୁରୀ ମିଳିଥିବା ନିର୍ଦ୍ଧାରିତ ସ୍ଥାନରେ ନହୋଇ ଖୋଲାଯାଇଛି ଆଠଗଡ଼ ଏନଏସି ୧ ନମ୍ବର ୱାର୍ଡରେ । ଗ୍ରାମାଞ୍ଚଳରେ ଶାଖା ନଖୋଲି କାହା ସ୍ୱାର୍ଥରେ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ସ୍ଥାନରେ ମଞ୍ଜୁର ହୋଇଥିବା ବ୍ୟାଙ୍କ୍ ଶାଖା ନଖୋଲି ଅନ୍ୟତ୍ର ଖୋଲାଗଲା ସାଧାରଣରେ ଚର୍ଚ୍ଚା ହେବା ସହ ଅସନ୍ତୋଷ ପ୍ରକାଶ ପାଇବା ସ୍ୱାଭାବିକ । ଗତ ୨୦୧୬ ମସିହାରେ ଆଠଗଡ ଏନଏସିରେ ଖୋଲା ଯାଇଥିବା ଆଇ ଡି ବି ଆଇ ବ୍ୟାଙ୍କର ଏହି ଶାଖା ଦୋରଡଠାରୁ ଏହାର ଦୁରତ୍ୱ ଅଢେଇ କିଲୋମିଟର । ବ୍ୟାଙ୍କରେ ନିଯୁକ୍ତି ପାଇଥିବା ତତ୍କାଳୀନ ଅଧିକାରୀମାନେ ସରକାରୀ ନିର୍ଦ୍ଦେଶକୁ ଅଣଦେଖା କରିବା ସହ ଚଞ୍ଚକତା କରି ଦୋରଡରେ ଏହାର ଶାଖା ନଖୋଲି ଆଠଗଡରେ ଖୋଲିଥିଲେ ବୋଲି ଅଭିଯୋଗ ହେଉଛି । ବ୍ୟାଙ୍କରେ ଲାଗିଥିବା ନାମ ଫଳକରେ ଆଇଡିବିଆଇ ବ୍ୟାଙ୍କ ଦୋରଡ ଶାଖା (ଆଠଗଡ) ଉଲ୍ଲେଖ କରାଯାଇଛି । ଦୋରଡ ଗ୍ରାମର ଅଧିକାଂଶ ଅଧିବାସୀ କ୍ଷୁଦ୍ର ବ୍ୟବସାୟୀ ଓ ଏହି ଅଞ୍ଚଳରେ ପ୍ରାୟ ଆଦିବାସୀ ଓ ପଛୁଆ ବର୍ଗର ମହିଳା ପୁରୁଷମାନେ ବାସ କରନ୍ତି, ଏମାନେ ସହରାଞ୍ଚଳକୁ ଆସି ବ୍ୟାଙ୍କ୍ ସେବା ନେବା ସେମାନଙ୍କ ପାଇଁ ସହଜ ନୁହେଁ । ସହରରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍, ୟୁନାଇଟେଡ କମର୍ସିଆଲ ବ୍ୟାଙ୍କ୍, ଏକ୍ସିସ ବ୍ୟାଙ୍କ୍, ସେଣ୍ଟ୍ରାଲ ବ୍ୟାଙ୍କ୍ ଅଫ ଇଣ୍ଡିଆ, ୟୁନିଅନ ବ୍ୟାଙ୍କ୍ ଅଫ ଇଣ୍ଡିଆ,ଏଚଡିଏଫସି ବ୍ୟାଙ୍କର ଶାଖା ମାନ ରହିଛି । ତେଣୁ ଏଠାରେ ସରକାର ମଞ୍ଜୁର କରିଥିବା ବ୍ୟାଙ୍କର ଶାଖା ଦୋରଡ଼ରେ ଖୋଲିବା ପରିବର୍ତ୍ତେ ଆଠଗଡରେ ଖୋଲାଯିବାର କାରଣର ଉତ୍ତର କାହା ପାଖରେ ନାହିଁ । ଏହି ଶାଖା କାର୍ଯ୍ୟାଳୟକୁ ଆଠଗଡରୁ ଦୋରଡକୁ ସ୍ଥାନାନ୍ତର ନକଲେ ଏକ ବଡ଼ଧରଣର ଆନ୍ଦୋଳନ ହେବାର ସମ୍ଭାବନାକୁ ଏଡାଇଦେଇ ହେବ ନାହିଁ ।

## ଧାରୁଆ ଅସ୍ତ୍ରରେ ଆକ୍ରମଣ
# ସହପାଠୀ ଗୁରୁତର

ହିଞ୍ଜିଳିକାଟୁ, ୧୨।୯(ନିପ୍ର): ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ୍ ତଥା ବେଲଗାଁ ଥାନା ଗଣ୍ଡଳା ଗଣେଶ ଉଚ୍ଚ ବିଦ୍ୟାପୀଠରେ ବୁଧବାର ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି । ବିଦ୍ୟାଳୟ ଶ୍ରେଣୀକକ୍ଷ ନିର୍ଦ୍ଦିଷ୍ଟ ବେଞ୍ଚରେ ବସିବାକୁ କେନ୍ଦ୍ର କରି ୨ ସହପାଠୀଙ୍କ ମଧ୍ୟରେ ବଚସା ହୋଇଛି । ପରବର୍ତ୍ତୀ ସମୟରେ ଜନୈକ ଛାତ୍ର ଉତ୍ୟକ୍ତ ହୋଇ ସହପାଠୀଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଛି । ଆକ୍ରମଣକାରୀ ଛାତ୍ର ଜଣଙ୍କ ସହପାଠୀଙ୍କ ପେଟକୁ ଏକ ଧାରୁଆ ଅସ୍ତ୍ରରେ ଭୁସିବା ସହ ବାମ ଗୋଡ, ହାତକୁ ଆକ୍ରମଣ କରିଥିଲେ । ଆକ୍ରମଣରେ ଛାତ୍ର ଜଣଙ୍କ ଗୁରୁତର ଆହତ ହୋଇଥିଲେ । ଆହତ ଜଣଙ୍କ ହେଲେ ସଂପୃକ୍ତ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ର ସୁମନ ବେହେରା (୧୫) । ଉପସ୍ଥିତ ସହପାଠୀଙ୍କ ସମେତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଗୁରୁତର ଆହତ ଛାତ୍ରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବେଲଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା ।




୪ ଦଫା ଦାବିରେ ଓଡ଼ିଶା ହାଇସ୍କୁଲ ଟିଚର ଆଶାୟୀ ସଂଘ ପକ୍ଷରୁ ପିଏମଜିରେ ବିକ୍ଷୋଭ (ଫଟୋ- ଦିନଳିପି)

# ୧୪ତମ କଟନଫ୍ୟାବ୍: ବଡ଼ଧରଣର ରେଶମ ଓ ସୂତାବସ୍ତ୍ର ପ୍ରଦର୍ଶନୀ



ଭୁବନେଶ୍ୱର, ୧୨/୯(ନିପ୍ର): ଭାରତର ସମସ୍ତ ରାଜ୍ୟରୁ ଆସିଥିବା ଉତ୍କର୍ଷ ରେଶମ ସୂତା ବସ୍ତ୍ରର ଭୁବନେଶ୍ୱର ସ୍ଥିତ ଗେଟ୍ ନଂ-୩, ୟୁନିଟ୍-୩, ଖାରବେଳ ନଗର ପ୍ରଦର୍ଶନୀ ପଡ଼ିଆଠାରେ କଟନଫ୍ୟାବ୍ ୨୦୨୫ର ଏକ ବିରାଟ ପ୍ରଦର୍ଶନୀ ଅଗଷ୍ଟ ୨୩ରୁ ସେପ୍ଟେମ୍ବର ୨୮ ତାରିଖ ପାର୍ଯ୍ୟନ୍ତ ଚାଲୁରହିବ । ଏହି ପ୍ରଦର୍ଶନୀ ୧୪ତମ ଥର ପାଇଁ ଭୁବନେଶ୍ୱରରେ ଚାଲୁଛି । ବିଚାରଯୋଗ୍ୟ ଦେଶର ବିଭିନ୍ନ ପ୍ରକାର ପ୍ରଦର୍ଶନୀ ଆୟୋଜନ କରିବା ସମ୍ପୂର୍ଣ୍ଣ ଦାୟିତ୍ୱପୂର୍ଣ୍ଣ ଭୁବନେଶ୍ୱର ସମିତି ପସନ୍ଦ ମନସୁନ୍ ସିଜିନ ଏବଂ ବଡ଼ ପୂଜା ଉତ୍ସବ ପାଇଁ ହସ୍ତଶିଳ୍ପ ବଜାର । ୧୨ଟି ରାଜ୍ୟର ୧୨୨ଟି ହସ୍ତଶିଳ୍ପୀ ଏହି ମେଳାରେ ଯୋଗ ଦେଇ ନିଜନିଜ ସାମଗ୍ରୀ ପ୍ରଦର୍ଶନ କରିବେ । ଲକ୍ଷ୍ନୌର ଚିକନୱାକ୍ ଡ୍ରେସ୍ ମ୍ୟାଟେରିଆଲସ୍, ଶାଢୀ, କୁର୍ତ୍ତା ପାଇଜାମା, ଟପସ୍, ଗୁଜୁରାଟର ଏଥ୍ନିକ୍ ପ୍ରି, କୁର୍ତ୍ତା, ଡ୍ରେସ୍ ମ୍ୟାଟେରିଆସ୍, ଲେଡିଜ୍ ଛୋଲି, ମଲମଲ ବନ୍ଧେଜ, ସୁଇଟସ୍, ସ୍କିଟସ୍-ଟପ୍, ସାଲୱାର ଏବଂ ଦୁପଟା, ପଞ୍ଜାବର ଫୁଲକରୀ ଡ୍ରେସ୍, ପଟିଆଲା ସାମର୍ଗୀ ମଧ୍ୟପ୍ରଦେଶର ଚନ୍ଦେରୀ, ମହେଶ୍ୱରୀ, ବାଗ୍ ପ୍ରିଣ୍ଟ, ବାଟିକ୍ ପ୍ରିଣ୍ଟ ଡ୍ରେସ୍ ସିଫୋନ୍ ଏବଂ କ୍ରାପ୍ ଓଡ଼ିଶାର ସମ୍ବଲପୁରୀ ଇକତ୍ ଶାଢୀ, ଡ୍ରେସ୍ ମ୍ୟାଟେରିଆଲସ୍ ତାମିଲନାଡୁର ମଦୁରାଇ ଶାଢୀ, ଡ୍ରେସମ୍ୟାଟେରିଆଲ୍ ପର୍ଦ୍ଦା ଏବଂ ବେଡ କଭରସ୍ ଆଦି ହସ୍ତତନ୍ତ ସାମଗ୍ରୀ ମିଳିପାରିବ ।

# ଇଫ୍‌କୋ ପାରାଦୀପ ୟୁନିଟ୍‌କୁ ସିଆଇଆଇ ପୂର୍ବାଞ୍ଚଳ ଉତ୍କର୍ଷ ସୁରକ୍ଷା ପୁରସ୍କାର




ପାରାଦୀପ, ୧୨/୯(ନିପ୍ର): ପାରାଦୀପ ଉପକଣ୍ଠରେ ଥିବା ବିଶ୍ୱର ସର୍ବବୃହ ସମବାୟଭିକ ସାର କାରଖାନା ଇଣ୍ଡିଆନ୍ ଫାର୍ମର୍ସ ଫର୍ଟିଲାଇଜର କୋଅପରେଟିଭ୍ ଲିମିଟେଡ୍ (ଇଫକୋ) ପାରାଦୀପ ୟୁନିଟ୍‌କୁ ଭାରତୀୟ ଶିଳ୍ପ ମହାସଂଘ(ସିଆଇଆଇ) ଦ୍ୱାରା ୨୦୨୪-୨୫ ବର୍ଷ ନିମନ୍ତେ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ନିମନ୍ତେ ବୃହତ ଉତ୍ପାଦନ କ୍ଷେତ୍ର ବର୍ଗରେ ସମ୍ମାନଜନକ ସିଆଇଆଇ ପୂର୍ବାଞ୍ଚଳ ଉତ୍କର୍ଷ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ(ଏସଏଚଇ)ପୁରସ୍କାର ପ୍ରଦାନ କରାଯାଇଛି । କୋଲକାତାର ଆଇଟିସି ସୋନାରଠାରେ ଅନୁଷ୍ଠିତ ୧୯ତମ ସୁରକ୍ଷା ଆଲୋଚନାଚକ୍ର ଏବଂ ପ୍ରଦର୍ଶନୀ ଚଳିତ ମାସ ୧୧ଓ୧୨ ତାରିଖ ଦୁଇ ଦିନିଆ ସମାରୋହରେ ସିଆଇଆଇ ପୂର୍ବାଞ୍ଚଳ ସୁରକ୍ଷା ସବ୍ କମିଟି ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସିଇଏସସି ଲିମିଟେଡ୍ ସ୍ନେହାସିସ୍ ସମାଦାରଙ୍କ ଠାରୁ ଇଫକୋର ଅଗ୍ନି ଏବଂ ସୁରକ୍ଷା ବିଭାଗର ଯୁଗ୍ମ ସାଧାରଣ ପରିଚାଳକ ରଂଜିତ୍ କୁମାର ସ୍ୱାଇଁ ଓ ଡେପୁଟି ମ୍ୟାନେଜର ଆଦିଲ ଓାକର ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ ।

# ନାବାଳିକା ଛାତ୍ରୀ ଅପହରଣ !

ଧାମନଗର, ୧୨।୯(ନିପ୍ର): ଧାମନଗର ବ୍ଲକ ଧୁଷୁରୀ ଥାନା ହସନାବାଦ ପଞ୍ଚାୟତ ବନବାଗ ଗ୍ରାମର ଜଣେ ୧୬ ବର୍ଷର ନାବାଳିକାକୁ କେନ୍ଦ୍ରାପଡା ଅଞ୍ଚଳର ଅଖି ନାମକ ଯୁବକ ଅପହରଣ କରିନେଇଥିବା ଥାନାରେ ଅଭିଯୋଗ ହୋଇଛି । ଝିଅର ବାପାଙ୍କ ଅଭିଯୋଗ ହିସାବରେ ସୋମବାର ନାବାଳିକା ଜଣଙ୍କ ଷ୍ଟାଇପେଣ୍ଡ ଟଙ୍କା ଉଠାଇବା ପାଇଁ ଧୁଷୁରୀ ବଜାରର ଏକ ବ୍ୟାଙ୍କକୁ ଯାଇଥିଲେ । ସନ୍ଧ୍ୟା ପର୍ଯ୍ୟନ୍ତ ଆଉ ଘରକୁ ଫେରିନଥିଲେ ।

**LOST**

By virtue of an affidavit sworn before The Notary Public, Khordha affidavit no.1678 date.09.09.2025, I Tapas Baliarsingh S/o Dinabandhu Baliyarsingh, At-Baligadia Mundaamba, Po/Ps-Jankia, Dist-Khordha, Odisha-752020 do hereby declare that before two month ago, when I was going to Bazar from my house with my bike at this time one of original dalil lost some where vide Dalil no.2460 dated 23.06.1984. If someone finds the above then contact the above address & Mob : 8249688067.

Sd/-TAPAS BALIARSINGH.

**AFFIDAVIT**

By virtue of an affidavit sworn before The Executive Magistrate, Tangi, Dist-Khordha on 01.09.2025, I, Tilotama Tada W/o-Muralidhar Tada, At-Randa, Po-Patiamal, Ps-Chandpur, Dist-Nayagarh do hereby declare that I have change my name from Tul Dei W/o-M.Tadai to Tilotama Tada W/o-Muralidhar Tada. Henceforth I shall be known as Tilotama Tada for all purposes.

Sd/-TILOTAMA TADA

# ‘ପୋଷଣ ମାସ’ ଏବଂ ‘ଏକ୍ ପେଡ୍ ମା’ କେ ନାମ୍’ ସଚେତନତା



ଭୁବନେଶ୍ୱର, ୧୨/୯(ପିଆଇବି): ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ ବ୍ରହ୍ମପୁର କ୍ଷେତ୍ର କାର୍ଯ୍ୟାଳୟ ପକ୍ଷରୁ ‘ପୋଷଣ ମାସ’ ଏବଂ ‘ଏକ୍ ପେଡ୍ ମା’ କେ ନାମ୍’ (ମା’ଙ୍କ ନାମରେ ଗଛଟିଏ) ଅଭିଯାନ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିଶୁ ଏବଂ ମହିଳାଙ୍କ ମଧ୍ୟରେ ପୋଷଣ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଛି । ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି । ଏହି ଅବସରରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା, ସଚେତନତା ଶୋଭାଯାତ୍ରା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏଥିରେ ସ୍କୁଲ, କଲେଜର ଛାତ୍ରଛାତ୍ରୀ, ଅଙ୍ଗନବାଡ଼ି ଓ ଆଶାକର୍ମୀଙ୍କ ସମେତ ବିଭିନ୍ନ ବର୍ଗର ନାଗରିକ ସାମିଲ ହୋଇଥିଲେ । ବିଶେଷ କରି ସବୁ ବୟସବର୍ଗରେ ପୋଷଣ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା । ପୋଷଣ ଅଭିଯାନ ଅଧୀନରେ ସ୍ଥାନୀୟ ଲୋକମାନଙ୍କୁ ସାମିଲ କରି ଉନ୍ନତି ପୁଷ୍ଟିସାଧନ ଏବଂ ସ୍ୱାସ୍ଥ୍ୟକର ପ୍ରୟାସକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହାବ୍ୟତୀତ ଏକ ପେଡ୍ ମା’ କେ ନାମ ଅଭିଯାନରେ ବ୍ୟାପକ ବୃକ୍ଷରୋପଣ ଏବଂ ସବୁଜ ସୁନ୍ଦର ପରିବେଶ ସୃଷ୍ଟି କରିବା ଲାଗି ସ୍ଥାନୀୟ ଅଞ୍ଚଳରେ ସଚେତନତା ସୃଷ୍ଟି କରାଯାଇଥିଲା । ସୂଚନାଯୋଗ୍ୟ, ଆସନ୍ତା ୧୭ ତାରିଖ ଠାରୁ ଅକ୍ଟୋବର ୧୬ ତାରିଖ ପର୍ଯ୍ୟନ୍ତ ଅଷ୍ଟମ ଜାତୀୟ ପୋଷଣ ମାସ ଆୟୋଜନ କରାଯାଉଛି । ଏହି ଉପଲକ୍ଷେ ଭାରତ ସରକାରଙ୍କ ପକ୍ଷରୁ ସ୍ୱସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଆୟୋଜନ କରାଯିବ ।

# ମା’କୁ ତଣ୍ଟି ଚିପି ହତ୍ୟା: କାରଣ ଅସ୍ପଷ୍ଟ

ରେଢ଼ାଖୋଲ, ୧୨/୯(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା କଦଳୀଗଡ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତନ୍ତଗାଡ ଗ୍ରାମରେ ଗୁରୁବାର ସଂଧ୍ୟାରେ ଜଣେ ଜନ୍ମ କଲା ପୁଅ ତାର ମା’କୁ ତଣ୍ଟି ଚିପି ହତ୍ୟା କରି ଥିବା ଜଣାଯାଇଛି । ମୃତକ ଜଣଙ୍କ ହେଲେ ଇନ୍ଦୁମତି ସାହୁ (୫୦) । ଏହି ଘଟଣା ଶୁକ୍ରବାର ସନ୍ଧ୍ୟାରେ ଜଣା ପଡ଼ିବା ପରେ ଘଟଣା ସ୍ଥଳକୁ ରେଢ଼ାଖୋଲ ପୋଲିସ ପହଞ୍ଚି ମୃତ ଦେହକୁ ଉଦ୍ଧାର କରି ଅଧିକ ତଦନ୍ତ କରୁ ଥିବା ଜଣା ଯାଇଛି । ସୂଚନାଯୋଗ୍ୟ ଯେ ମା ପୁଅ ଉଭୟେ ଗୁରୁବାର ଚାଷ ଜମିକୁ ଘାସ ବାଛି ଯାଇଥିବା ବେଳେ କୌଣସି କାରଣରୁ ସେଠାରେ ମା’ ଓ ପୁଅ ମଧ୍ୟରେ ପାରିବାରିକ କଥାକୁ ନେଇ ଝଗଡ଼ା ହୋଇଥିଲା । ଫଳରେ ବିଲରେ ପୁଅ ମା’ କୁ ତଣ୍ଟିଚିପି ହତ୍ୟା କରିଥିବା ସନ୍ଦେହ କରାଯାଉଛି । ଏହି ହତ୍ୟାକାଣ୍ଡ ଘଟଣାରେ ପୋଲିସ ପୁଅ ଲିପୁନ ସାହୁ (୨୫)କୁ ଅଟକ ରଖିଛି । କେଉଁ କାରଣରୁ ପୁଅ ତାର ମା’କୁ ହତ୍ୟା କରିଛି ଘଟଣା ସଂକ୍ରାନ୍ତରେ ସବିଶେଷ ଜଣା ପଡ଼ି ନାହିଁ । ଏସଡିପିଓ ପ୍ରଶାନ୍ତ କୁମାର ମେହେର ତଦନ୍ତ ପରେ ସବୁ କିଛି ଜଣା ପଡ଼ିବ ବୋଲି ପୋଲିସ ପ୍ରକାଶ କରିଛନ୍ତି ।

# ‘ବିକାଶର ପୁନଃକଳ୍ପନା ଲକ୍ଷ୍ୟ ହାସଲରେ ସହାୟକ ହେବ’




ଭୁବନେଶ୍ୱର,୧୨/୯(ନିପ୍ର): ନିରନ୍ତର ବିକାଶ ଲକ୍ଷ୍ୟ(ଏସଡିଜି)ରେ ରହିଥିବା ୫ମ ଲକ୍ଷ୍ୟ ‘ଲିଙ୍ଗଗତ ସମାନତା’ ହାସଲ ସଂପର୍କରେ “ରିଇମେଜିଂ ଡେଭେଲପମେଣ୍ଟ ଥ୍ରୁ ଏ ଜେଣ୍ଡର ଲେନ୍ସ- ଇନ୍କ୍ଲୁସିଭ, ସେଫ୍ , ସସଟେନେବଲ” ଶୀର୍ଷକ ଏକ ପରାମର୍ଶ କର୍ମଶାଳା ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ ସହଯୋଗରେ ଓଡ଼ିଶା ସରକାରଙ୍କ ଯୋଜନା ଏବଂ ସଂଯୋଜନ ବିଭାଗ ଦ୍ୱାରା ଭୁବନେଶ୍ୱର ସ୍ଥିତ ହୋଟେଲ ଏଲୱାଇଏଫ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ସ୍ୱତନ୍ତ୍ର ଦୃଷ୍ଟିକୋଣ ମାଧ୍ୟମରେ ଲିଙ୍ଗଗତ ସମାନତା ଭିତ୍ତିରେ ଅନ୍ତର୍ଭୁକ୍ତିକରଣ, ନିରାପଦ ଓ ନିରନ୍ତର ବିକାଶର ପୁନଃକଳ୍ପନା ଏବଂ ଏଥିପାଇଁ ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣକୁ ସର୍ବାଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ଜେଣ୍ଡର ଲେନ୍ସ ହେଉଛି, ଏକ ଲେନ୍ସ, ଯେଉଁଥିରେ ପୁରୁଷ ସହିତ ନାରୀମାନଙ୍କ ବିକାଶ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାର ଆବଶ୍ୟକତା କଳ୍ପନା କରାଯାଇଛି, ଯଦ୍ୱାରା ନିରନ୍ତର ବିକାଶ ଲକ୍ଷ୍ୟରେ ଲିଙ୍ଗଗତ ସମାନତା ଦର୍ଶାଉଥିବା ସୂଚକାଙ୍କରେ ଉଲ୍ଲେଖନୀୟ ପରିବର୍ତ୍ତନ କରିପାରିବ । ଲିଙ୍ଗଭିତ୍ତିକ ସମାନତାକୁ ହାସଲ କରିବାରେ ରହୁଥିବା ଦୃଷ୍ଟିକୋଣ ପରିବର୍ତ୍ତନ ମାଧ୍ୟମରେ ସମାବେଶୀ ବିକାଶ, ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ, ବିଭିନ୍ନ କ୍ଷେତ୍ରରେ ସେମାନଙ୍କ କାର୍ଯ୍ୟ ସୁଗମ ଓ ସହଜ ହେବା, ଲିଙ୍ଗଗତ ସମାବେଶୀ ବିକାଶ ପଦକ୍ଷେପ ମାଧ୍ୟମରେ ସ୍ଥାୟୀ ବିକାଶ ଲକ୍ଷ୍ୟ-୫ ହାସଲ କରିବା ଗୁରୁତ୍ୱ ଉପରେ ବିଚାର ବିମର୍ଶ କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । କର୍ମଶାଳାର ଉଦଘାଟନୀ ଅଧିବେଶନରେ ଓଡ଼ିଶା ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଯୋଗଦେଇ , ଓଡ଼ିଶାରେ ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ, ଲିଙ୍ଗଗତ ଅନ୍ତର୍ଭୁକ୍ତିକରଣ ସେବା ଏବଂ ବିଭିନ୍ନ ଗୋଷ୍ଠୀର ସମ୍ପୃକ୍ତି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ନିଆଯାଇଥିବା ପ୍ରମୁଖ ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରିଥିଲେ । ଉନ୍ନୟନ କମିଶନର କହିଥିଲେ ଯେ, ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ, ସେମାନଙ୍କ ପାଇଁ କର୍ମ ନିଯୁକ୍ତି ନିରନ୍ତର ବିକାଶ ଲକ୍ଷ୍ୟ ସାଧନରେ ଗୁରୁତ୍ୱ ରଖୁଛି । ଓଡିଶାରେ ମହିଳାମାନଙ୍କ ପାଇଁ ଶିକ୍ଷାର ବିକାଶ , ମହିଳା ଓ ଶିଶୁଙ୍କ ବିକାଶ, ସ୍ୱାସ୍ଥ୍ୟସେବାରେ ଉନ୍ନତି, ଅପପୁଷ୍ଟି ହ୍ରାସ ଆଦି ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରାଯାଇପାରିଛି । ଓଡିଶାର ମହିଳାମାନଙ୍କୁ ସଶକ୍ତ, ସ୍ୱାବଳମ୍ବୀ କରିବା ପାଇଁ ସଚେତନ କରିବା ପାଇଁ ଅଦ୍ୱେକା, କିଶୋରୀମାନଙ୍କ ସ୍ୱାସ୍ଥ୍ୟ, ପୋଷଣ, ଶିକ୍ଷା ଓ ସ୍ୱୟଂ ବିକାଶକୁ ସହାୟତା କରିବା ପାଇଁ ସଖୀ ସହେଲୀ ଭଳି ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଉଥିବା ବେଳେ ସୁଭଦ୍ରା ଯୋଜନାରେ ଆର୍ଥିକ ସଶକ୍ତିକରଣ ପାଇଁ ପ୍ରୟାସ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ସେହିପରି ପାଣି ପଂଚାୟତରେ ୫୦ ପ୍ରତିଶତ ମହିଳାମାନଙ୍କର ସହଭାଗିତା ରହିଛି । ବିଭିନ୍ନ ନିଯୁକ୍ତିରେ ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କର ମଧ ନିଯୁକ୍ତି ପୂର୍ବାପେକ୍ଷା ବହୁଗୁଣ ବଢିଛି । ମହିଳାମାନଙ୍କ ଦକ୍ଷତା ବୃଦ୍ଧି କରିବା, ବିଦ୍ୟାଳୟ ତଥା ଶିକ୍ଷାନୁଷ୍ଠାନମାନଙ୍କରେ ପରିମଳ ତଥା ସାନିଟାରୀ ବ୍ୟବସ୍ଥାକୁ ସ୍ୱତନ୍ତ୍ର ଦୃଷ୍ଟି ଦେବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଆମେ ବିକଶିତ ଓଡିଶା ୨୦୩୬ ଓ ବିକଶିତ ଭାରତ ୨୦୩୬ ଲକ୍ଷ୍ୟ ରଖି କାର୍ଯ୍ୟ କରୁଥିବା ବେଳେ ଲିଙ୍ଗଗତ ସମାନତା କ୍ଷେତ୍ରରେ ସମନ୍ୱିତ ପ୍ରୟାସ କରିବାକୁ ସେ ଅଂଶଗ୍ରହଣ କରିଥିବା ସରକାରୀ ଅଧିକାରୀ, ଶିକ୍ଷାବିତ୍, ବୁଦ୍ଧିଜୀବୀ, ନାଗରିକ ସମାଜ, ଛାତ୍ରଛାତ୍ରୀ ଓ ବିଶେଷଜ୍ଞମାନଙ୍କୁ ନେତୃତ୍ୱ ନେବାକୁ ପରାମର୍ଶ ଦେଇଥିଲେ ।

## ମିଶନ ଶକ୍ତି ମହିଳାଙ୍କୁ ଛଟେଇର ପ୍ରତିବାଦ
# ଧାରଣାରେ ବସିଲେ ଦୁଇଶହରୁ ଊର୍ଦ୍ଧ୍ୱ ମହିଳା



ନିମାପଡ଼ା,୧୨।୯(ନିପ୍ର): ନିମାପଡ଼ା ବ୍ଲକ୍ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୨ଶହରୁ ଊର୍ଦ୍ଧ୍ୱ ମହିଳା ମିଶନ ଶକ୍ତି କାର୍ଯ୍ୟକ୍ରମରେ ସାମିଲ ହୋଇ ଦକ୍ଷତାର ସହ କାର୍ଯ୍ୟ କରି ଆସୁଥିବା ବେଳେ ହଠାତ୍ ପ୍ରଶାସନ ସେମାନଙ୍କୁ ତାଙ୍କ ପଦବୀରୁ କାଢ଼ିବା ପ୍ରକ୍ରିୟା ଆରମ୍ଭ କରିବାରୁ ମହିଳାମାନେ ପ୍ରତିବାଦରେ ଶୁକ୍ରବାର ବ୍ଲକ୍ କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସିଥିଲେ । ଗତ ସରକାର ସମୟରେ ୨୦ ବର୍ଷ ଧରି କାର୍ଯ୍ୟ ନିର୍ବାହ କରି ଆସୁଥିଲେ । ବିଜେପି ସରକାର ରାଜ୍ୟ ଦାୟିତ୍ୱ ନେବା ପରେ ଏହି ମହିଳାଙ୍କୁ ପଦବୀରୁ କାଢ଼ିବା, ନୂତନ କର୍ମକର୍ତ୍ତା ଚୟନରେ ଅନିୟମିତତା ଆଦି ଅଭିଯୋଗ କରି ପ୍ରତିବାଦ କରିଥିଲେ ମଧ ପ୍ରଶାସନିକ ଅଧିକାରୀ ଶୁଣି ନଥିଲେ । ଫଳରେ ଗୋଷ୍ଠୀ ପକ୍ଷରୁ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନିଆଯାଇଥିବା ଧାରଣାସ୍ଥଳୀରେ ମହିଳାମାନେ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ଅନେକ ମହିଳା ବିନା ପାରିଶ୍ରମିକରେ ଦୀର୍ଘଦିନ ଧରି କାର୍ଯ୍ୟ କରିଥିଲେ ହେଁ ଏବେ ସେମାନଙ୍କୁ ଗୋଷ୍ଠୀରୁ କାଢ଼ିବା ନେଇ ପ୍ରକ୍ରିୟା ଆରମ୍ଭ କରିଥିବାରୁ ଅସନ୍ତୋଷର ଦାନା ବାନ୍ଧୁଛି । ପୂର୍ବରୁ ଆମେ ୩ ମାସରେ କିଛି ଖର୍ଚ୍ଚ (ଯାତାୟାତ) ନିମନ୍ତେ ପାଉଥିଲୁ । କିନ୍ତୁ ନୂତନ ସରକାର ଅମଳରେ ତାହା ୬ ମାସରେ ଥରେ ମିଳୁଥିବା ଅଭିଯୋଗ କରି ମହିଳାଙ୍କ ଏକତା ପାଇଁ ଉଦ୍ୟମ ଜାରି ରଖିଥିବା ମହିଳା ନେତ୍ରୀମାନେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । କୋର୍ଟ ନିର୍ଦ୍ଦେଶକୁ ଅବମାନନା କରି ନୂତନ ନିଯୁକ୍ତିକୁ ପ୍ରୋତ୍ସାହନ ଦିଆଯାଉଥିବା ଅଭିଯୋଗ କରିବା ସହିତ ନିମାପଡ଼ା ବିଡ଼ିଓ ମହିଳାମାନଙ୍କୁ ଦୁର୍ବ୍ୟବହାର କରିଥିଲେ ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ